RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-272 ◆TUESDAY ◆31 MARCH 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୭୨ ◆ମଙ୍ଗଳବାର ◆୩୧ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ବନ୍ଦ ହୋଇନି କାର୍ତ୍ତିକ୍‌ଙ୍କ 'କ୍ୟାପ୍ଟେନ୍ ଇଣ୍ଡିଆ'

▶ପୃଷ୍ଠା ୧୧ ଦେଖନ୍ତୁ...

## ମଧ୍ୟପ୍ରାଚ୍ୟ ମହାସମର

# ସ୍ଥଳଯୁଦ୍ଧର ପଦଧ୍ୱନି



■ୱାଶିଂଟନ/ତେହରାନ,୩୦।୩(ଏଜେନ୍ସି): ପଶ୍ଚିମ ଏସିଆରେ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଅତ୍ୟନ୍ତ ଜଟିଳ ହେବାରେ ଲାଗିଛି। ଆମେରିକା ବର୍ତ୍ତମାନ ସୁଦ୍ଧା ଏହି ଅଞ୍ଚଳରେ ୫୭,୦୦୦ରୁ ଅଧିକ ସୈନ୍ୟ ମୁତୟନ କରିସାରିଛି। ଯାହାକି ୨୦୦୩ ମସିହା ପରଠାରୁ ବଡ଼ ସାମରିକ ଜମାବଟ ବା ମେଳି ବୋଲି କୁହାଯାଉଛି। ଇରାନ ବିରୋଧରେ ଏକ ସମ୍ଭାବ୍ୟ ସ୍ଥଳ ଆକ୍ରମଣ ପାଇଁ ଆମେରିକା ନିଜର ଶକ୍ତି ବୃଦ୍ଧି କରୁଥିବା ଏଥିରୁ ସ୍ପଷ୍ଟ ସଙ୍କେତ ମିଳୁଛି। ଗତ ସପ୍ତାହରେ ପ୍ରାୟ ୫,୦୦୦ ସୈନ୍ୟ

- ୫୭,୦୦୦ ସୈନ୍ୟ ପଠାଇଲା ଆମେରିକା
- ୨୦୦୩ ପରେ ସବୁଠାରୁ ବଡ଼ ସେନା ମେଳି
- ହାଇଫା ନୌସେନା ଘାଟି ଉପରେ ହିଜବୁଲ୍ଲାର ଭୟଙ୍କର ମିସାଇଲ ମାଡ଼

ପଶ୍ଚିମ ଏସିଆରେ ପହଞ୍ଚିଛନ୍ତି। ଆମେରିକା ପ୍ରତିରକ୍ଷା ବିଭାଗ ଆହୁରି ୧୦,୦୦୦ ସ୍ଥଳ ସୈନ୍ୟ ପଠାଇବାକୁ ଯୋଜନା କରୁଛି। ଆମେରିକାର ୮୨ତମ ଏୟାରବୋର୍ଣ୍ଣ ପାରାଟ୍ରୁପର୍ସ ଏବଂ ମେରାଇନ୍ ସୈନ୍ୟମାନେ ଇରାନର ଗୁରୁତ୍ୱପୂର୍ଣ୍ଣ ଖାର୍ଗ ଦ୍ୱୀପ ନିକଟରେ ମୁତୟନ ହୋଇଛନ୍ତି। ଏହି ଦ୍ୱୀପଟି ଇରାନର ତୈଳ ଭଣ୍ଡାର ଏବଂ ରଣନୀତିକ ଦୃଷ୍ଟିକୋଣରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ୨୦୨୫ ଜୁନ୍‌ରେ ଫୋର୍ଡୋ ପରମାଣୁ କେନ୍ଦ୍ରରେ ହୋଇଥିବା ବୋମାବାଡ଼ ପରେ ଇରାନରୁ ନିଖୋଜ ହୋଇଥିବା ପ୍ରାୟ ୪୦୦ କିଲୋଗ୍ରାମ ସମୃଦ୍ଧ ୟୁରାନିୟମ ଖୋଜିବା ପାଇଁ ଆମେରିକା ଏହି ସ୍ଥଳ ଅଭିଯାନ କରିପାରେ ବୋଲି ଅନୁମାନ କରାଯାଉଛି। ସେହିପରି ୟୁଏସ୍‌ଏସ୍ ତ୍ରିପୋଲି ଏବଂ ୟୁଏସ୍‌ଏସ୍ ▶ପୃଷ୍ଠା-୭

### ଟଙ୍କାର ଐତିହାସିକ ଅବମୂଲ୍ୟାୟନ

## $ ୧=₹ ୯୫.୨୨

■ମୁମ୍ବଇ,୩୦।୩(ଏଜେନ୍ସି): ବଢ଼ିବାରେ ଲାଗିଛି ମଧ୍ୟ ପ୍ରାଚ୍ୟ ସଙ୍କଟ। ଏହାର ଏକ ବଡ଼ ପ୍ରଭାବ ଭାରତୀୟ ମୁଦ୍ରା 'ଟଙ୍କା' ଉପରେ ପଡ଼ିଛି। ଇରାନ ଯୁଦ୍ଧ ଯୋଗୁଁ ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ଐତିହାସିକ ରେକର୍ଡ ହ୍ରାସ ଦେଖିବାକୁ ମିଳିଛି। ସୋମବାର କାରବାରରେ ପ୍ରଥମ ଥର

**ମହଙ୍ଗା ହେବ ମୋବାଇଲ, ସୁନା, ତେଲ, ବିଦେଶୀ ସାମଗ୍ରୀ**

ପାଇଁ ଟଙ୍କା ଏହାର ସର୍ବନିମ୍ନ ରେକର୍ଡ ସ୍ତର ୯୫ ଟଙ୍କା ଅତିକ୍ରମ କରିଛି।

ସୋମବାର କାରବାରରେ ଡଲାର ତୁଳନାରେ ଟଙ୍କା ୯୫.୨୨ ଟଙ୍କା ସ୍ତରକୁ ଖସିଆସିଥିବାବେଳେ ପରବର୍ତ୍ତୀ ସମୟରେ ଏଥିରେ ସୁଧାର ଆସି ଏହା ୯୪.୭୮ ଟଙ୍କାରେ ବନ୍ଦ ହୋଇଛି। ଭାରତୀୟ ମୁଦ୍ରା ମୂଲ୍ୟରେ ହ୍ରାସର ସବୁଠାରୁ ବଡ଼ କାରଣ ହେଉଛି ଅଶୋଧିତ ତେଲ ଦରରେ ବୃଦ୍ଧି। ଉପସାଗରୀୟ ଦେଶଗୁଡ଼ିକର ଶକ୍ତି ପ୍ରତିଷ୍ଠାନ ଉପରେ ଇରାନର ଆକ୍ରମଣ ପରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରତି ବ୍ୟାରେଲ ୧୧୫ ଡଲାର ଅତିକ୍ରମ କରିଛି। ଭାରତ ଏହାର ତୈଳ ଆବଶ୍ୟକତାର ୮୫% ଆମଦାନୀ କରୁଛି, ଯାହା ପାଇଁ ତାକୁ ଡଲାରରେ ହିଁ ପେମେଣ୍ଟ ଦେବାକୁ ପଡ଼ୁଛି। ବର୍ଦ୍ଧିତ ତୈଳ ମୂଲ୍ୟ ଡଲାରର ଚାହିଦା ବୃଦ୍ଧି କରିଛି, ଯାହା ଟଙ୍କାର ବିନିମୟ ମୂଲ୍ୟକୁ ଦୁର୍ବଳ କରିଛି।

## ବିଜୁ ବାବୁଙ୍କୁ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅପମାନ

# ସଂସଦରେ ତାତି, ରାଜ୍ୟରେ ନିଆଁ



■ନୂଆଦିଲ୍ଲୀ/ଭୁବନେଶ୍ୱର,୩୦।୩ (ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅସମ୍ମାନସୂଚକ ମନ୍ତବ୍ୟକୁ

**ସାରା ରାଜ୍ୟରେ ଅସନ୍ତୋଷ, ଦଳମତ ନିର୍ବିଶେଷରେ ବିରୋଧ**

- ରାଜ୍ୟସଭାରେ ପ୍ରତିବାଦ ସହ ବିଜେଡି ସାଂସଦଙ୍କ କକ୍ଷତ୍ୟାଗ
- ଦୁବେଙ୍କ ମନ୍ତବ୍ୟକୁ ନିନ୍ଦା କଲେ କଂଗ୍ରେସ ଅଧ୍ୟକ୍ଷ ଖଡ଼୍‌ଗେ
- ସଂସଦରେ ନିଶିକାନ୍ତଙ୍କ କ୍ଷମା ଦାବି କଲେ ଆପ୍ ସାଂସଦ ସଞ୍ଜୟ
- ପ୍ରତିବାଦ ଜଣାଇଲେ ଟିଏମ୍‌ସି, ୱାଇଏସ୍‌ଆର୍, ଡିଏମ୍‌କେ ସାଂସଦ
- ନିଶିକାନ୍ତଙ୍କୁ ଆର୍‌ଜେଡି ଓ ଶିବସେନା (ୟୁବିଟି)ର ସମାଲୋଚନା
- ବିଜୁଙ୍କ ବିରୋଧରେ ଟିପ୍ପଣୀ ସୂର୍ଯ୍ୟକୁ ଛେପ ପକାଇବା ପରି
- 'ଭାରତ ରତ୍ନ' ଦେବା ବଦଳରେ ଅପମାନିତ କରିଛି ବିଜେପି

ନେଇ ସାରା ଦେଶରେ ସୃଷ୍ଟି ହୋଇଛି ବିରୋଧ । ଏହାକୁ ନେଇ ଓଡ଼ିଶାରେ ନିଆଁ ଜଳୁଛି ଓ ଏହାର ତାତି ସଂସଦରେ ଅନୁଭୂତ ହୋଇଛି। ଦେଶର ବିଭିନ୍ନ ରାଜନୈତିକ ଦଳ ଓ ଏହାର ନେତାମାନେ ନିଶିକାନ୍ତଙ୍କ ମନ୍ତବ୍ୟ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଏପରି ଟିପ୍ପଣୀକୁ ପ୍ରତ୍ୟାହାର ଓ କ୍ଷମାପ୍ରାର୍ଥନା ପାଇଁ ଦାବି କରିଛନ୍ତି । ରାଜ୍ୟସଭାରେ ବିଜେଡ଼ି ସାଂସଦମାନେ ଶ୍ରୀ ଦୁବେଙ୍କ ଅପରିଣାମଦର୍ଶୀ ଓ ନିମ୍ନରୁଚିର ମନ୍ତବ୍ୟକୁ ତୀବ୍ର ବିରୋଧ କରିବା ସହ ପ୍ରତିବାଦରେ କକ୍ଷତ୍ୟାଗ କରିଛନ୍ତି । କଂଗ୍ରେସ, ଆପ୍, ଟିଏମ୍‌ସି, ୱାଇଏସ୍‌ଆର୍ କଂଗ୍ରେସ, ଡ଼ିଏମ୍‌କେ, ଆର୍‌ଜେଡ଼ି, ଶିବସେନା (ଉଦ୍ଧବ) ଆଦି ରାଜନୈତିକ ଦଳର ନେତାମାନେ ନିଶିକାନ୍ତ ଦୁବେଙ୍କର ମତିଭ୍ରମ ଘଟିଥିବା ଅଭିଯୋଗ କରି ନିଜ ମନ୍ତବ୍ୟ ପ୍ରତ୍ୟାହାର ଦାବି କରିଛନ୍ତି । ଅନ୍ୟପକ୍ଷରେ ଓଡ଼ିଶାରେ ମଧ୍ୟ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ନେଇ ▶ପୃଷ୍ଠା-୭

## ମାନସିକ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ନିଶିକାନ୍ତ



■ଭୁବନେଶ୍ୱର,୩୦।୩(ସମିସ): ବିଜୁ ବାବୁଙ୍କ ସମ୍ପର୍କରେ ଅତ୍ୟନ୍ତ ଅବାଞ୍ଛିତ, ଅପମାନସୂଚକ ମନ୍ତବ୍ୟ ପ୍ରଦାନ କରିଥିବା ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସେ କହିଛନ୍ତି, ଏମ୍‌ପି ନିଶିକାନ୍ତ ଦୁବେ ବିଜୁ ବାବୁ (ବିଜୁ ପଟ୍ଟନାୟକ)ଙ୍କ ବିଷୟରେ ପ୍ରଦାନ କରିଥିବା ଆପତ୍ତିଜନକ କଥା ମୋତେ ଆଶ୍ଚର୍ଯ୍ୟ କରିଛି। ସୁସ୍ଥ ମସ୍ତିଷ୍କରେ ଥିବା କୌଣସି ବ୍ୟକ୍ତି ଏପରି ଆପତ୍ତିଜନକ କଥା କହିପାରିବ ନାହିଁ। ତେଣୁ ନିଶିକାନ୍ତ କୌଣସି ମାନସିକ ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ ବୋଲି ନବୀନ କଟାକ୍ଷ କରିଛନ୍ତି ।

ନବୀନ କହିଛନ୍ତି ଯେ ନିଶିକାନ୍ତ ବୋଧହୁଏ ଜାଣନ୍ତି ନାହିଁ ଯେ ବିଜୁ ବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ଦିଲ୍ଲୀରେ ତାଙ୍କ କାର୍ଯ୍ୟାଳୟ ନିକଟରେ ଏକ ଅଫିସ ରଖିଥିଲେ। ସେହି ଅଫିସରେ ଚୀନ ଆକ୍ରମଣ ବିରୋଧରେ ରଣନୀତି ପ୍ରସ୍ତୁତ ହେଉଥିଲା ଓ ଏହିଠାରେ ଯୁଦ୍ଧର ସବୁ ଯୋଜନା ପ୍ରସ୍ତୁତ କରାଯାଉଥିଲା। ମୁଁ ସେତେବେଳେ ବହୁତ ଛୋଟ ଥିଲି ଓ ମୋତେ ପ୍ରାୟ ୧୩ ବର୍ଷ ହୋଇଥିଲା। ମୋର ଏବେବି ମଧ୍ୟ ମନେ ଅଛି ଯେ ଚୀନ ଆକ୍ରମଣ ସମୟରେ ବିଜୁ ବାବୁ କେତେ ନିର୍ଭୟ ଥିଲେ ଓ ଭାରତ ଉପରେ ଚୀନ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ କେତେ କଣ କରିଥିଲେ। ନିଶିକାନ୍ତଙ୍କର ଏ ସମ୍ପର୍କରେ କୌଣସି ଧାରଣା ଥିବା ମନେ ହୁଏନାହିଁ। ଏପରି ଆପତ୍ତିଜନକ ମନ୍ତବ୍ୟ ତାଙ୍କ ଅସୁସ୍ଥ ମାନସିକ ସ୍ୱାସ୍ଥ୍ୟକୁ ପ୍ରମାଣିତ କରିଛି ବୋଲି ନବୀନ କହିଛନ୍ତି ।

## ବାପାମା'ଙ୍କୁ ଅସହାୟ ଛାଡ଼ିଲେ କଟିବ ୧୫% ଦରମା

■ ହାଇଦରାବାଦ, ୩୦।୩ (ଏଜେନ୍ସି): ବୃଦ୍ଧ ମାତାପିତାଙ୍କୁ ବୋଝ ଭାବୁଥିବା ପିଲାଙ୍କୁ କଠୋର ଶାସ୍ତି ମିଳିବ। ବାପାମା'ଙ୍କ ଯତ୍ନ ନ ନେଇ ଅସହାୟ ଅବସ୍ଥାରେ ଛାଡୁଥିବା ସନ୍ତାନସନ୍ତତିଙ୍କୁ ଆର୍ଥିକ ଛାଟ ଲାଗିବ। ଏଭଳି କରୁଥିବା କର୍ମଚାରୀଙ୍କ ମୋଟ ଦରମାରୁ ୧୫ ପ୍ରତିଶତ କିମ୍ବା ୧୦ ହଜାର ଟଙ୍କା କାଟି ଦିଆଯିବ। ତେଲଙ୍ଗାନା ବିଧାନସଭାରେ ଏଭଳି କଠୋର ଆଇନ ସର୍ବସମ୍ମତି କ୍ରମେ ପାରିତ ହୋଇଯାଇଛି। ଏହାର ନାମ 'ପ୍ୟାରେଣ୍ଟାଲ ସପୋର୍ଟ ବିଲ୍-୨୦୨୬' ରହିଛି। ଏହାକୁ ଏ ପର୍ଯ୍ୟନ୍ତ ଦେଶରେ ଥିବା ସବୁଠାରୁ କଠୋର ଆଇନ ବୋଲି କୁହାଯାଉଛି। କାରଣ ଉଭୟ ସରକାରୀ ଏବଂ ବେସରକାରୀ କର୍ମଚାରୀଙ୍କୁ ଏହି ଆଇନ ପରିସରଭୂକ୍ତ କରାଯାଇଛି।

**ତେଲଙ୍ଗାନା ବିଧାନସଭାରେ ପାରିତ ହେଲା 'ପ୍ୟାରେଣ୍ଟାଲ ସପୋର୍ଟ ବିଲ୍'**

ପ୍ରଥମ ଥର ପାଇଁ ବିଧାୟକ ଏବଂ ସାଂସଦଙ୍କୁ ମଧ୍ୟ ଏହି ଆଇନରେ ସାମିଲ କରାଯାଇଛି। ଘରୋଇ କ୍ଷେତ୍ରର କର୍ମଚାରୀ, ବିଧାୟକ, ସାଂସଦ, ସରପଞ୍ଚ ଆଦିଙ୍କୁ ମଧ୍ୟ ଉତ୍ତରଦାୟୀ କରାଯାଇଛି। ସବୁଠାରୁ ବଡ଼ କଥା ହେଉଛି ଯେ ଏହି ଅଭିଯୋଗ ପାଇଁ ମାତାପିତାଙ୍କୁ କୋର୍ଟକୁ ଯିବାକୁ ପଡ଼ିବ ନାହିଁ। ସେମାନେ ସିଧା ଜିଲ୍ଲାପାଳଙ୍କ ପାଖରେ ଆବେଦନ କରିପାରିବେ। ଯାଞ୍ଚରେ ଅଭିଯୋଗ ସତ୍ୟ ସାବ୍ୟସ୍ତ ହେଲେ ଜିଲ୍ଲାପାଳ ସିଧା କମ୍ପାନୀ କିମ୍ବା ବିଭାଗୀୟ କର୍ମଚାରୀଙ୍କ ଦରମା କାଟି ମାତାପିତାଙ୍କ ଖାତାରେ ଜମା କରିବାକୁ ନିର୍ଦ୍ଦେଶ ଦେଇପାରିବେ। ▶ପୃଷ୍ଠା-୭

## ପ୍ରେମିକାକୁ ଖଣ୍ଡ ଖଣ୍ଡ କରି ଫ୍ରିଜ୍‌ରେ ରଖିଲେ ଯବାନ



■ବିଶାଖାପାଟନା,୩୦।୩(ଏଜେନ୍ସି): ଆନ୍ଧ୍ରପ୍ରଦେଶର ବିଶାଖାପାଟନାରୁ ଏକ ଶିହରଣକାରୀ ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ଜଣେ ବିବାହିତ ନୌସେନା କର୍ମଚାରୀ ନିଜ ପ୍ରେମିକାକୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ତାଙ୍କ ଶରୀରକୁ ଖଣ୍ଡ ଖଣ୍ଡ ପରି କାଟି ଫ୍ରିଜ୍‌ରେ ଲୁଚାଇ ରଖିଥିବା ଅଭିଯୋଗ ହୋଇଛି। ଭାରତୀୟ ନୌସେନା ଜାହାଜ (ଆଇଏନଏସ୍) ଦେଗାରେ କାର୍ଯ୍ୟରତ ଜଣେ ନୌସେନା କର୍ମଚାରୀ ଚନ୍ଦାଡ଼ା ରବୀନ୍ଦ୍ର, ନିଜ ପତ୍ନୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ପ୍ରେମିକା ପୋଲିପଲ୍ଲୀ ମୌନିକାଙ୍କୁ ହତ୍ୟା କରିବା ପରେ ତାଙ୍କ ଶରୀରକୁ ଅତି ନିର୍ମମ ଭାବେ ଖଣ୍ଡ ଖଣ୍ଡ କରି କାଟି ଦେଇଛନ୍ତି। ୩୦ ବର୍ଷୀୟ ରବୀନ୍ଦ୍ର ୨୦୨୧ରେ 'ମିଙ୍ଗଲ' ନାମକ ଏକ ଡେଟିଂ ଆପ୍ ଜରିଆରେ ୩୧ ବର୍ଷୀୟା ମୌନିକାଙ୍କ ସହ ପରିଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ୨୦୨୪ରେ ରବୀନ୍ଦ୍ର ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଥିଲେ। ପୁଲିସ ସୂଚନା ଅନୁଯାୟୀ, ମୌନିକା ରବୀନ୍ଦ୍ରଙ୍କଠାରୁ ୩.୫ ଲକ୍ଷ ଟଙ୍କା ନେଇଥିଲେ ଏବଂ ସେମାନଙ୍କ ସମ୍ପର୍କ ବିଷୟରେ ରବୀନ୍ଦ୍ରଙ୍କ ପତ୍ନୀଙ୍କୁ ଜଣାଇବାକୁ ବାରମ୍ବାର ଧମକ ଦେଉଥିଲେ। ଏହାକୁ ନେଇ ଦୁହିଁଙ୍କ ▶ପୃଷ୍ଠା-୭

### ରାଜଧାନୀରେ ଚାଞ୍ଚଲ୍ୟ

## ବଙ୍ଗୀୟ ମହିଳାଙ୍କୁ ଗଣଦୁଷ୍କର୍ମ

■ଭୁବନେଶ୍ୱର, ୩୦।୩ (ସମିସ): ବିଧାନସଭା ଚାଲିଥିବା ବେଳେ ରାଜଧାନୀରେ ଚାଞ୍ଚଲ୍ୟକର ଘଟଣା ଘଟିଛି। ଲିଫ୍ଟ ମାଗି ଦୁଷ୍କର୍ମର ଶିକାର ହୋଇଛନ୍ତି ପଶ୍ଚିମବଙ୍ଗର ମହିଳା। ଷ୍ଟେସନରେ ଛାଡ଼ିଦେବା ବାହାନାରେ ବଙ୍ଗୀୟ ମହିଳାଙ୍କୁ ଗଣଦୁଷ୍କର୍ମ କରିଛନ୍ତି ଦୁଇ ବନ୍ଧୁ। ରଣସିଂହପୁର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ, ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ କମାର ସାହିର ନାରାୟଣ ସ୍ୱାଇଁ (୩୧) ଓ ଗଣିଆ ଥାନା କିଶୋରପ୍ରସାଦର ବିଚିତ୍ର ସାହୁ (୩୪)। ଦୁଇ ଜଣ ଯାକ ବେସରକାରୀ ଆମ୍ବୁଲାନ୍ସ ଚାଳକ।

ପୁଲିସ ସୂଚନାନୁଯାୟୀ, ମହିଳା ଜଣକ ପଶ୍ଚିମବଙ୍ଗର ▶ପୃଷ୍ଠା-୭



- ମଳିପଡ଼ାରୁ ଆଣି ରଣସିଂହପୁରରେ ରଖିଥିଲେ
- ଏତଲା ଦେବାକୁ ୩ ଥାନା ବୁଲିଲେ ପୀଡ଼ିତା
- ଦୁଇ ଆମ୍ବୁଲାନ୍ସ ଚାଳକଙ୍କୁ ବାନ୍ଧିଲା ପୁଲିସ

### ୨୦୨୭ ଜନଗଣନା

## ପ୍ରଥମ ପର୍ଯ୍ୟାୟରେ ୩୩ ପ୍ରଶ୍ନ

■ନୂଆଦିଲ୍ଲୀ,୩୦।୩(ଏଜେନ୍ସି): ଏପ୍ରିଲମାସ ପହିଲାରୁ ସାରା ଦେଶରେ ପରବର୍ତ୍ତୀ ଜନଗଣନାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ କେନ୍ଦ୍ର ସରକାର ୩୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସମ୍ବଳିତ ଏଫ୍‌ଏକ୍ୟୁ (ଫ୍ରିକ୍ୱେଣ୍ଟଲି ଆସକ୍‌ଡ କୋଶ୍ଚେନ) ଜାରି କରିଛନ୍ତି। ବାରମ୍ବାର ପଚରାଯାଉଥିବା ପ୍ରଶ୍ନଗୁଡ଼ିକୁ ହିଁ ଏଫ୍‌ଏକ୍ୟୁ ବୋଲି କୁହାଯାଉଛି। ଏହି ଜନଗଣନାରେ ଅନେକ ▶ପୃଷ୍ଠା-୭

**ଲିଭ-ଇନ୍ ଯୋଡ଼ିକୁ ମିଳିବ ବିବାହିତ ମାନ୍ୟତା**


SIKSHA 'O' ANUSANDHAN

Empowering students for a brighter future

B.TECH PROGRAMMES IN CORE COMPUTING
■ Computer Science and Engineering
■ Computer Science and Information Technology

APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes

NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category

INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026

To apply for admission through JEE-Main, Please visit: www.soa.ac.in


### ଏସ୍‌ସିବି ଅଗ୍ନିକାଣ୍ଡ

## ତେଜିଲା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବହିଷ୍କାର ଦାବି

ଭୁବନେଶ୍ୱର,୩୦।୩(ସମିସ): ଏସ୍‌ସିବି ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ୧୩ ଜଣ ନିରୀହ ରୋଗୀଙ୍କ ମୃତ୍ୟୁ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବହିଷ୍କାର ଦାବି ତେଜିବାରେ ଲାଗିଛି। ବିଭିନ୍ନ ଦିଗରୁ ସରକାରଙ୍କ ଉପରେ ଚାପ ସତ୍ତ୍ୱେ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ଘଟଣାରେ ଇସ୍ତଫା ଦେଉନାହାନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କୁ ମନ୍ତ୍ରିମଣ୍ଡଳରୁ ହଟାଇବାକୁ ପଦକ୍ଷେପ ନେଉନାହାନ୍ତି। ଏହି ଘଟଣାକୁ ଆହୁରି ଜୋରଦାର କରିବାକୁ ସୋମବାର ମିଳିତ ବିରୋଧୀଦଳଗୁଡ଼ିକ ପକ୍ଷରୁ ଗାନ୍ଧୀ ମାର୍ଗରେ ଏକ ବିଶାଳ ଗଣଧାରଣା ଆୟୋଜନ ହୋଇଛି। ଏହି ଧାରଣାରେ ▶ପୃଷ୍ଠା-୭

**ଗାନ୍ଧୀ ମାର୍ଗରେ ମିଳିତ ବିରୋଧୀ ଦଳର ଗଣଧାରଣା**



### ସରକାର ଉତ୍ତରଦାୟିତ୍ୱ ନେବାକୁ ବାଧ୍ୟ: ନବୀନ

ଭୁବନେଶ୍ୱର,୩୦।୩(ସମିସ): ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରି ଦେଇଛି। 'ମୋ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ'। ମୋ ଓଡ଼ିଶାର ୧୩ ଟି ନିରୀହ ଜୀବନ ସରକାରୀ ଅବହେଳାରୁ ଏସ୍‌ସିବି ପରି ଦେଶର ପ୍ରତିଷ୍ଠିତ ଡାକ୍ତରଖାନାରେ ଚାଲିଗଲା। ଏତେବଡ଼ ଘଟଣାରେ ମୁଁ କେମିତି ଚୁପ୍ ରହିପାରିବି। ଏହି ଦୁର୍ଘଟଣାରେ ମୋ ଓଡିଶା ମାଟିର ୧୩ ଜଣ ଓଡିଆ ଭାଇ ଭଉଣୀଙ୍କ ଜୀବନ କେବଳ ଯାଇନାହିଁ, ସେମାନଙ୍କ ପରିବାରର ସ୍ୱପ୍ନ ▶ପୃଷ୍ଠା-୭

> ଓଡ଼ିଶାବାସୀଙ୍କ ଜୀବନକୁ ବାଜି ଲଗାଇ ରାଜ୍ୟ ସରକାର ଖସିଯାଇ ପାରିବେ ନାହିଁ।
>
> ସରକାରୀ ଅବହେଳାରୁ ଚାଲିଗଲା ମୋ' ଓଡ଼ିଶାର ୧୩ଟି ନିରୀହ ଜୀବନ।

ସକାଳ
www.sakalaepaper.com



## ଏମ୍‌ଏଲ୍‌ସି ପଦରୁ ନୀତୀଶଙ୍କ ଇସ୍ତଫା

ପାଟନା, ୩୦।୩(ଏଜେନ୍ସି): ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର ବିଧାନ ପରିଷଦର ସଦସ୍ୟତା ତଥା ଏମ୍‌ଏଲ୍‌ସି ପଦରୁ ଇସ୍ତଫା ଦେଇଛନ୍ତି। ବିଜୟ ଚୌଧୁରୀ ଓ ଏମ୍‌ଏଲ୍‌ସି ସଞ୍ଜୟ ଗାନ୍ଧୀ ତାଙ୍କ ଇସ୍ତଫା ପତ୍ର ନେଇ ବିଧାନ ପରିଷଦରେ ପହଞ୍ଚିଥିଲେ। ଏହି ଘଟଣା ବିହାର ରାଜନୀତିରେ ଚର୍ଚ୍ଚା ପାଲଟିଛି। ନୀତୀଶଙ୍କ ଇସ୍ତଫା ଖବର ଶୁଣି ତାଙ୍କ ନିକଟତମ ସହଯୋଗୀ ତଥା ମନ୍ତ୍ରୀ ଆଶୋକ ଚୌଧୁରୀ ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ। ସେ କହିଥିଲେ ଯେ, ନୀତିଶ କୁମାରଙ୍କ ନିଷ୍ପତ୍ତି ସବୁବେଳେ ଦଳ ଓ ରାଜ୍ୟର ସ୍ୱାର୍ଥ ପାଇଁ ହୋଇଥାଏ। ତେବେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏହି ଘଟଣାକୁ ନେଇ ବିଜେପିକୁ ଘେରିବା ସହ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ବିଜେପି ଚାପରେ ଆସି ନୀତିଶଙ୍କୁ ଇସ୍ତଫା ଦେବାକୁ ପଡ଼ିଛି। ନୀତୀଶଙ୍କ ବ୍ୟତୀତ ନିତିନ ନବୀନ ମଧ୍ୟ ବିଧାନସଭା ସଦସ୍ୟ ଏମ୍‌ଏଲ୍‌ଏ ପଦରୁ ଇସ୍ତଫା ଦେଇଛନ୍ତି। ନୀତୀଶ ଏବେ ରାଜ୍ୟସଭାକୁ ଯାଇପାରନ୍ତି କିମ୍ବା ଅନ୍ୟ କୌଣସି ସାମ୍ବିଧାନିକ ପଦବୀ ଗ୍ରହଣ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

## ପୁଣି ପାକିସ୍ତାନ- ଆଫଗାନିସ୍ତାନ ସଂଘର୍ଷ; ଜଣେ ମୃତ, ୧୨ ଆହତ

କାବୁଲ/ଇସଲାମାବାଦ୍, ୩୦।୩(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ପୁଣି ସଂଘର୍ଷ ଦେଖାଦେଇଛି। ଆଫଗାନିସ୍ତାନ ସରକାର ଅଭିଯୋଗ କରିଛନ୍ତି ଯେ, ପାକିସ୍ତାନ ସେନା ଗତ ରବିବାର କୁନାର ପ୍ରାନ୍ତରେ ଅଦସାବାଦ ସହରରେ ବାହ୍ୟ ଅଞ୍ଚଳରେ ଗୁଳିମାଡ଼ କରିଛି। ଏହି ଆକ୍ରମଣରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ୧୨ଜଣରୁ ଅଧିକ ଆହତ ହୋଇଛନ୍ତି। ଚଳିତବର୍ଷ ଫେବୃଆରୀ ମାସରୁ ଉଭୟ ଦେଶ ମଧ୍ୟରେ ଏହି ସଂଘର୍ଷ ଜାରି ରହିଛି, ଯାହାକୁ ଗତ କିଛି ଦଶନ୍ଧି ମଧ୍ୟରେ ସବୁଠାରୁ ଭୟଙ୍କର ସ୍ଥିତି ବୋଲି କୁହାଯାଉଛି। ପାକିସ୍ତାନ ଦାବି କରୁଛି ଯେ ଆଫଗାନିସ୍ତାନ ନିଜ ମାଟିରେ ଆତଙ୍କବାଦୀଙ୍କୁ ବିଶେଷ କରି ପାକିସ୍ତାନ ତାଲିବାନ ଟିଟିପିକୁ ଆଶ୍ରୟ ଦେଉଛି, ଯେଉଁମାନେ ପାକିସ୍ତାନରେ ଆକ୍ରମଣ କରୁଛନ୍ତି। ତେବେ ତାଲିବାନ ସରକାର ଏହି ଅଭିଯୋଗକୁ ବାରମ୍ବାର ଖଣ୍ଡନ କରିଆସୁଛନ୍ତି। ସୂଚନାଥାଉକି, ଚଳିତ ମାସ ଆରମ୍ଭରେ ପାକିସ୍ତାନର ଏକ ବିମାନ କାବୁଲର ନିଶାମୁକ୍ତି କେନ୍ଦ୍ର ଉପରେ ଆକ୍ରମଣ କରିଥିଲା। ଏଥିରେ ୪୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା।

## ଭିଡ଼ିଓ ଭାଇରାଲ; ରେଡ୍ କାର୍ପେଟ୍‌ରେ ପଡ଼ିଗଲେ ପାକିସ୍ତାନ ଉପ-ପ୍ରଧାନମନ୍ତ୍ରୀ ଇଶାକ ଡାର୍

ଇସଲାମାବାଦ୍, ୩୦।୩(ଏଜେନ୍ସି): ପାକିସ୍ତାନ ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଇଶାକ ଡାର୍ ରବିବାର ଦିନ ଏକ ଅପ୍ରୀତକର ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଇସଲାମାବାଦ୍‌ରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ହ୍ରାସ କରିବା ପାଇଁ ଆୟୋଜିତ ଏକ କୂଟନୈତିକ ସମ୍ମିଳନୀରେ ମିଶରର ବୈଦେଶିକ ମନ୍ତ୍ରୀ ବଦର ଅବଦେଲତିଙ୍କୁ ସ୍ୱାଗତ କରୁଥିବା ସମୟରେ ସେ ରେଡ୍ କାର୍ପେଟ୍‌ରେ ସନ୍ତୁଳନ ହରାଇ ପଡ଼ିଯାଇଥିଲେ। ଏହି ଘଟଣାର ଭିଡ଼ିଓ ସୋସିଆଲ ମିଡ଼ିଆରେ ବେଶ୍ ଭାଇରାଲ ହୋବରେ ଲାଗିଛି। ଭିଡ଼ିଓରେ ଦେଖିବାକୁ ମିଳିଛି ଯେ, ଅତିଥିଙ୍କୁ ସ୍ୱାଗତ କରିବା ପାଇଁ ଆଗକୁ ବଢ଼ିବା ସମୟରେ ଡାର ନିଜର ସନ୍ତୁଳନ ହରାଇ ତଳେ ପଡ଼ିଯାଇଥିଲେ। ନିକଟରେ ଥିବା ସୁରକ୍ଷାକର୍ମୀମାନେ ତୁରନ୍ତ ତାଙ୍କୁ ଉଠାଇବାରେ ସାହାଯ୍ୟ କରିଥିଲେ। ପଡ଼ିଯିବା ଫଳରେ ତାଙ୍କ କାନ୍ଧର ହେୟାର ଲାଇନ୍ ଫ୍ରାକଚର ହୋଇଥିବା ପରେ ଜଣାପଡ଼ିଥିଲା। ତଥାପି, ସେ ସେହି ଅବସ୍ଥାରେ ନିଜର ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରଖିଥିଲେ। ଏହି ବୈଠକରେ ପାକିସ୍ତାନ ସମେତ ମିଶର, ତୁର୍କୀ ଓ ସାଉଦି ଆରବର ବୈଦେଶିକ ମନ୍ତ୍ରୀମାନଙ୍କ ମଧ୍ୟରେ ଏହି ଚତୁଃପାର୍ଶ୍ୱୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିବା ଆମେରିକା- ଇରାନ ମଧ୍ୟରେ ବଢ଼ୁଥିବା ଉତ୍ତେଜାନକୁ କମ୍ କରିବା। ଉଭୟ ଦେଶ ମଧ୍ୟରେ ଶାନ୍ତି ଆଲୋଚନା ପାଇଁ ପଥ ପ୍ରଶସ୍ତ କରିବା।

## ପ୍ରେମିକ ସହ ମିଶି ସ୍ୱାମୀକୁ ହତ୍ୟା

ଅମରୋହା, ୩୦।୩(ଏଜେନ୍ସି): ଉତ୍ତରପ୍ରଦେଶର ହମରୋହା ଜିଲ୍ଲାରେ ଏକ ଅତ୍ୟନ୍ତ ଭୟଙ୍କର ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା ନିଜ ପ୍ରେମିକ ଏବଂ ତାଙ୍କ ସାଙ୍ଗ ସହ ମିଶି ନିଜ ସ୍ୱାମୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ହତ୍ୟା କରିବା ପରେ ସେ ନିଜ ପିଲାଙ୍କ ସହ ସ୍ୱାମୀଙ୍କ ଶବ ପାଖରେ ଶୋଇ ରହିଥିଲେ। ମୃତ ବ୍ୟକ୍ତିଙ୍କ ନାମ ମେହେରାଜ, ଯିଏ ପିପଲୌତି କଲା ଗ୍ରାମ୍‌ରେ ଜଣେ ରାଜମିସ୍ତ୍ରୀ ଥିଲେ। ତାଙ୍କ ପତ୍ନୀ ରୁହି, ନିଜ ଭଉଣୀଙ୍କ ଦେଢ଼ଶୂର ଫରମାନଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ଉଭୟ ଏକାଠି ହେବାକୁ ଚାହୁଁଥିଲେ। କିନ୍ତୁ ମେହେରାଜ ଏହାକୁ ବିରୋଧ କରୁଥିଲେ। ଖାଦ୍ୟରେ ନିଶା ଔଷଧ ଦେବାପାରେ ମେହରାଜ ଅଚେତ୍ ହେବା ପରେ ରୁହି ନିଜର ପ୍ରେମିକ ଫରମାନ ଓ ତାଙ୍କ ସାଙ୍ଗ ଆଦନାନଙ୍କୁ ଘରକୁ ଡାକିଥିଲେ। ସେମାନେ ମେହେରାଜଙ୍କ ହାତଗୋଡ଼ ବାନ୍ଧି ଧରୁଆ ଛୁରୀରେ ତାଙ୍କ ଗଳା କାଟି ହତ୍ୟା କରିଥିଲେ। ହତ୍ୟାପରେ ଜୁହି ଏହାକୁ ଡକାୟତିର ରୂପ ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୁଲିସର ଶକ୍ତ ପଚରାଉଚରା ପରେ ଜୁହି ସବୁ କଥା ମାନିଯାଇଥିଲା। ପୁଲିସ ହତ୍ୟାରେ ବ୍ୟବହୃତ ଦୁଇଟି ଛୁରୀ ଓ ମୋବାଇଲ ଫୋନ ଜବତ କରିଛି। ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ପଠାଇଛି ଓ ମାମଲାର ଅଧିକ ତଦନ୍ତ ଜାରି ରହିଛି।

### ଇରାନକୁ ଧମକ ଦେଲେ ଆମେରିକା ରାଷ୍ଟ୍ରପତି

# ହର୍ମୁଜ ତୁରନ୍ତ ନ ଖୋଲିଲେ ଶକ୍ତି କେନ୍ଦ୍ର ଧ୍ୱଂସ କରିବୁ

- କହୁ କହୁ ସତ କହିଦେଲେ ଡୋନାଲ୍ଡ ଟ୍ରମ୍ପ
- ଇରାନ ତୈଳ ଭଣ୍ଡାର କବ୍‌ଜା କରିବାକୁ ଚାହେଁ
- ଆମେରିକା ପାଇଁ ବାୟୁସୀମା ବନ୍ଦ କଲା ସ୍ପେନ
- ସେନା ଘାଟୀ ବ୍ୟବହାର ଉପରେ କଟକଣା
- ଇରାନ ଯୁଦ୍ଧ ଅନ୍ତର୍ଜାତୀୟ ଆଇନର ବିରୋଧୀ
- ପାକିସ୍ତାନରେ ଆଲୋଚନା ବିଫଳ

ମାଦ୍ରିଦ/ୱାସିଂଟନ, ୩୦।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟ ସଙ୍କଟ ଘନେଇବାରେ ଲାଗିଛି। ଇରାନ ଯୁଦ୍ଧ ବନ୍ଦ ପାଇଁ ମଧ୍ୟସ୍ଥତା କରୁଥିବା ପାକିସ୍ତାନର ରାଜଧାନୀରେ ଚାଲିଥିବା ବୈଠକ ମଧ୍ୟ ବିଫଳ ହୋଇଯାଇଛି। ସାଉଦି ଆରବ, ତୁର୍କୀ, ଇଜିପ୍ଟ ସହ ଆଲୋଚନା କରି ପାକିସ୍ତାନ ଏକ ରଣନୈତିକ ଯୋଜନା ଦେବାରେ ବିଫଳ ହୋଇଛି। ଏପରି ସମୟରେ ଇରାନକୁ ପୁଣି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି। ହର୍ମୁଜ ପ୍ରଣାଳୀ ତୁରନ୍ତ ନ ଖୋଲିଲେ ଏବଂ ଚୁକ୍ତି ନ କଲେ ଶକ୍ତି କେନ୍ଦ୍ରକୁ ଆକ୍ରମଣ କରି ଧ୍ୱଂସ କରିଦେବୁ ବୋଲି ଟ୍ରମ୍ପ କହିଛନ୍ତି। ଶକ୍ତି କେନ୍ଦ୍ର, ତୈଳ କୂପ ଏବଂ ଖାର୍ଗ ଦ୍ୱୀପକୁ ସମ୍ପୂର୍ଣ୍ଣ ଉଡ଼େଇ ଦେବୁ। ଆବଶ୍ୟକ ପଡ଼ିଲେ ଡିସାଲିନେସନ ପ୍ଲାଣ୍ଟ ଉପରେ ମଧ୍ୟ ଆକ୍ରମଣ କରାଯିବ। ଏବେ ଇରାନର ଏକ ନୂଆ ଏବଂ ଅଧିକ ବୁଦ୍ଧିମାନ ଶାସନ ସହ ଆଲୋଚନା କରାଯାଉଛି ବୋଲି ଟ୍ରମ୍ପ ଦାବି କରିଛନ୍ତି।

ଟ୍ରମ୍ପ ନିଜ ଇଚ୍ଛା ମଧ୍ୟ ବ୍ୟକ୍ତ କରିଛନ୍ତି। ସେ କହୁ କହୁ ସତ କହି ଦେଇଛନ୍ତି। ଇରାନ ତୈଳକୁ ନିଜ ନିୟନ୍ତ୍ରଣକୁ ନେବାକୁ ଚାହାନ୍ତି ବୋଲି କହିଛନ୍ତି। ଏହା ମୋର ବହୁତ ପସନ୍ଦ। ଏ ଦିଗରେ ଆମେରିକା ପାଖରେ ଅନେକ ବିକଳ୍ପ ମଧ୍ୟ ଅଛି। ଖାର୍ଗ ଦ୍ୱୀପକୁ ମଧ୍ୟ କବ୍‌ଜା କରିପାରୁ। ଇରାନର ପ୍ରତିରକ୍ଷା ସେତେ ମଜବୁତ ନୁହେଁ। ଆମେରିକା ସହଜରେ ଏହାକୁ କବ୍‌ଜା କରିନେବ। ଏଥିପାଇଁ କେବଳ ଦୁଇ ମିନିଟ ଲାଗିବ। ଅନ୍ୟପଟେ ଆମେରିକା ସହ ପ୍ରତ୍ୟକ୍ଷ ଆଲୋଚନା ହେଉନାହିଁ ବୋଲି



ଇରାନ ବୈଦେଶିକ ମନ୍ତ୍ରାଳୟ କହିଛି। ଏ ପର୍ଯ୍ୟନ୍ତ କେବଳ ମଧ୍ୟସ୍ଥତା ମାଧ୍ୟମରେ ଦୁଇ ଦେଶ ମଧ୍ୟରେ ବାର୍ତ୍ତା ଆଦାନପ୍ରଦାନ ହୋଇଛି। ଆମେରିକା ଆଲୋଚନା କରିବାକୁ କହୁଛି, ମାତ୍ର ଅଯୌକ୍ତିକ ସର୍ତ୍ତ ରଖୁଛି। ଏହି ଦେଶ ବାରମ୍ବାର ନିଜ ସ୍ଥିତି ବଦଳାଉଛି। ସେହିପରି ଟ୍ରମ୍ପଙ୍କ କଥାକୁ ଭରସା ନାହିଁ ବୋଲି ଇରାନ ବାଚସ୍ପତି କହିଛନ୍ତି। ଇରାନ ଉପରାଷ୍ଟ୍ରପତି କହିଛନ୍ତି ଯେ ଦେଶରେ ଆକ୍ରମଣ ନ କରିବା ପାଇଁ ବିରୋଧୀ ଦେଶଙ୍କୁ ପ୍ରତିଶ୍ରୁତି ଦେବାକୁ ପଡ଼ିବ। ସବୁ ଅନ୍ତର୍ଜାତୀୟ ନିୟମ ମାନିଲେ ଯାଇ ହର୍ମୁଜ ଉପରେ ଆଲୋଚନା ହେବ।

ସ୍ପେନ ଆମେରିକାକୁ ବଡ଼ ଝଟକା ଦେଇଛି। ଆମେରିକା ସାମରିକ ବିମାନ ପାଇଁ ନିଜ ବାୟୁସୀମାକୁ ସ୍ପେନ ବନ୍ଦ କରିଦେଇଛି। ସାମରିକ ଘାଟୀ ବ୍ୟବହାର ଉପରେ ମଧ୍ୟ କଟକଣା ଲଗାଇ ଦେଇଛି। ଇରାନ ଯୁଦ୍ଧ ଅନ୍ତର୍ଜାତୀୟ ଆଇନର ବିରୋଧୀ ବୋଲି କୁହାଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ଆମେରିକା ବିମାନକୁ ନିଜ ମାର୍ଗ ବଦଳାଇବାକୁ ହେବ। ତେବେ ମାନବିକ ଏବଂ ଜରୁରିକାଳୀନ ଉଡ଼ାଣ ପାଇଁ ଆମେରିକାକୁ ଆଶ୍ୱସ୍ତି ଦିଆଯାଇଛି। ସ୍ପେନ ପ୍ରତିରକ୍ଷାମନ୍ତ୍ରୀ ମାର୍ଗାରିଟା ରୋବ୍ଲେସ କହିଛନ୍ତି ଯେ ଇରାନ ସହ ଜଡ଼ିତ କୌଣସି ବି ସାମରିକ ଅଭିଯାନ ପାଇଁ ଦେଶ ନିଜ ଆକାଶମାର୍ଗ ଏବଂ ସାମରିକ ଘାଟି ବ୍ୟବହାର କରିବାକୁ ଅନୁମତି ଦେବ ନାହିଁ। ସ୍ପେନର ଅର୍ଥନୀତି ମନ୍ତ୍ରୀ କାର୍ଲୋସ କୁଏର୍ପୋ କହିଛନ୍ତି ଯେ ଯୁଦ୍ଧକୁ ସମର୍ଥନ ନ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଏକପାଖିଆ ଏବଂ ଆନ୍ତର୍ଜାତୀୟ ନିୟମ ବିରୋଧରେ ଯାଇ ଆମେରିକା ଏବଂ ଇସ୍ରାଏଲ ଏହି ଯୁଦ୍ଧ ଆରମ୍ଭ କରିଛନ୍ତି। ଅନ୍ୟପଟେ ଆଜି ସକାଳେ ଇରାକ ରାଜଧାନୀ ବାଗଦାଦ୍ ବିମାନବନ୍ଦର ପରିସରରେ ଥିବା ଏକ ସାମରିକ ଘାଟି ଉପରେ ରକେଟ୍ ମାଡ଼ ହୋଇଛି। ଏହି ପରିସରରେ ଆମେରିକା ଦୂତାବାସ ଦ୍ୱାରା ବ୍ୟବହୃତ ଏକ କୂଟନୈତିକ ସହାୟତା କେନ୍ଦ୍ର ମଧ୍ୟ ରହିଛି। ସେହିପରି ଇରାନରେ ଯୁଦ୍ଧ ପାଇଁ ଇଣ୍ଟରନେଟ୍ ସେବା ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି। ୩୧ ଦିନ ହେଲା ଲକ୍ଷ ଲକ୍ଷ ଲୋକ ବିନା ଇଣ୍ଟରନେଟରେ ରହିଛନ୍ତି। ଇଣ୍ଟରନେଟ ମନିଟରିଂ ଗ୍ରୁପ୍ 'ନେଟ୍‌ବ୍ଲକ୍ସ' ଅନୁଯାୟୀ, ଦେଶବ୍ୟାପୀ ସ୍ପେନରସିପ କାରଣରୁ ଇଣ୍ଟରନେଟ ସେବା ଗତ ୩୧ଦିନ ଧରି ବନ୍ଦ ରହିଛି।

### ଯୁଦ୍ଧ ବନ୍ଦ ହେଉ ଚାହୁଁନି ଜାତିସଂଘ

## ଦୋଷ ଦେଇ ଇସ୍ତଫା ଦେଲେ କୂଟନୀତିଜ୍ଞ

ନ୍ୟୁୟର୍କ, ୩୦।୩(ଏଜେନ୍ସି): ଜାତିସଙ୍ଘର ଜଣେ ବରିଷ୍ଠ କୂଟନୀତିଜ୍ଞ ନିଜ ପଦରୁ ଇସ୍ତଫା ଦେବା ସହ ଏକ ସାଂଘାତିକ ଅଭିଯୋଗ ଆଣିଛନ୍ତି। ମହମ୍ମଦ ସଫା ନାମକ ଏହି କୂଟନୀତିଜ୍ଞ ଦାବି କରିଛନ୍ତି ଯେ ଜାତିସଙ୍ଘ ଏବେ ଇରାନରେ ପରମାଣୁ ଅସ୍ତ୍ର ବ୍ୟବହାର କରାଯିବାର ଏକ ସମ୍ଭାବ୍ୟ ସ୍ଥିତି ପାଇଁ ପ୍ରସ୍ତୁତ ହେଉଛି। ସେ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ସାଫା କହିଛନ୍ତି ଯେ ଇରାନରେ ହେବାକୁ ଥିବା 'ମାନବିକତା ବିରୋଧୀ ଅପରାଧ' କିମ୍ବା ପରମାଣୁ ଯୁଦ୍ଧର ସାକ୍ଷୀ ନ ହେବା ପାଇଁ ସେ ନିଜର କୂଟନୈତିକ କ୍ୟାରିୟର ତ୍ୟାଗ କରିଛନ୍ତି। ସେ କହିଛନ୍ତି ଯେ ସମୟ ଥାଉ ଥାଉ ବିଶ୍ୱବାସୀ ଏହି ବିପଦ ବିଷୟରେ ଜାଣନ୍ତୁ। ସେ ଏହି କ୍ରମରେ ଜାତିସଙ୍ଘର କିଛି ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆଣି କହିଛନ୍ତି ଯେ ଏମାନେ ଆମେରିକା ଓ ଇସ୍ରାଏଲକୁ ଅନ୍ତର୍ଜାତୀୟ ନିୟମ ଉଲ୍ଲଂଘନ ପାଇଁ ଦୋଷୀ ସାବ୍ୟସ୍ତ କରିବାକୁ ଚାହୁଁନାହାନ୍ତି। କିଛି ବରିଷ୍ଠ ଅଧିକାରୀ ଏକ ଶକ୍ତିଶାଳୀ ଲବି ପାଇଁ କାର୍ଯ୍ୟ କରୁଛନ୍ତି। ଇରାନ ରାଜଧାନୀ ତେହରାନ ସହରର ଫଟୋ ସେୟାର କରି ସେ କହିଛନ୍ତି ଯେ ଏହା କୌଣସି ଜନଶୂନ୍ୟ ମରୁଭୂମି ନୁହେଁ। ଏଠାରେ ୧ କୋଟି ଲୋକ ରୁହନ୍ତି, ଯେଉଁଥିରେ ପରିବାର, ଶିଶୁ, ସାଧାରଣ ଶ୍ରମିକ ଶ୍ରେଣୀର ଲୋକ ରୁହନ୍ତି। ସେଠାରେ ବୋମା ମାଡ଼ କରୁବା କଥା ଚିନ୍ତା କରୁଥିବା ଲୋକମାନେ ମାନସିକସ୍ତରରେ ସୁସ୍ଥ ନୁହନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି।

## ସଂଯମ, କୂଟନୀତି ଆପଣାଇବାକୁ ଭାରତର ଆହ୍ୱାନ

ନୂଆଦିଲ୍ଲୀ, ୩୦।୩(ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ଓ ଉତ୍ତେଜନାକୁ ନେଇ ଭାରତ ଗଭୀର ଚିନ୍ତା ପ୍ରକଟ କରିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏହି ସ୍ଥିତି ଉପରେ ତୀକ୍ଷଣ ନଜର ରଖାଯାଇଛି। ଉତ୍ତେଜନା ହ୍ରାସ କରିବାକୁ ଭାରତ ପକ୍ଷରୁ ପୁଣି ଥରେ ନିବେଦନ କରାଯାଇଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଭାରତ ପଶ୍ଚିମ ଏସିଆ ସାମ୍ପ୍ରତିକ ଘଟଣାବଳୀକୁ ଅତି ନିକଟରୁ ଅନୁଧ୍ୟାନ କରୁଛି। ସମସ୍ତ ପକ୍ଷ ସଂଯମତା ଅବଲମ୍ବନ କରିବା ସହ ଯୁଦ୍ଧର ସ୍ଥିତିକୁ କମ୍ କରିବାକୁ ଭାରତ ଆହ୍ୱାନ ଦେଇଛି। ଏହି ସଂଘର୍ଷର ଶୀଘ୍ର ସମାଧାନ ପାଇଁ କେବଳର ଆଲୋଚନା ଓ କୂଟନୀତି ହିଁ ଏକମାତ୍ର ମାଧ୍ୟମ ବୋଲି ଭାରତ ଗୁରୁତ୍ୱାରୋପ କରିଛି। ପଶ୍ଚିମ ଏସିଆରେ ଆମେରିକ- ଇସ୍ରାଏଲ ଓ ଇରାନ ମଧ୍ୟରେ ବଢ଼ୁଥିବା ଯୁଦ୍ଧ ସ୍ଥିତି ଯୋଗୁଁ ବିଶ୍ୱ ଅର୍ଥନୀତି ଓ ଶାନ୍ତି ପ୍ରଭାବିତ ହେବାର ଆଶଙ୍କା ରହିଛି। ଭାରତର ଏହି ଆହ୍ୱାନ ବିଶ୍ୱସ୍ତରରେ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନେ କରାଯାଉଛି।

## ବିଶ୍ୱ ପାଇଁ ପରମାଣୁ ଯୁଦ୍ଧର ଏକ ନୂତନ ଅଧ୍ୟାୟ



ୱାସିଂଟନ, ୩୦।୩(ଏଜେନ୍ସି): ଆମେରକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇରାନ ବିରୋଧୀ ଯୁଦ୍ଧର ମୁଖ୍ୟ ଲକ୍ଷ୍ୟ ହେଉଛି ଇରାନକୁ ପରମାଣୁ ମୁକ୍ତ କରିବା। କିନ୍ତୁ ବିଶେଷଜ୍ଞଙ୍କ ମତରେ, ଏହି ଯୁଦ୍ଧ ଇରାନକୁ ଅଧିକ ଶକ୍ତିଶାଳୀ ପରମାଣୁ ଅଭିଳାଷ ଆଡକୁ ଠେଲିଦେବା ସହ ସାରା ବିଶ୍ୱରେ ଏକ ପରମାଣୁ ଜିନ ବା ଭୂତକୁ ବାହାର କରିଦେଇଛି, ଯାହାକୁ ଆୟତ୍ତ କରିବା କଷ୍ଟକର ହୋଇପଡ଼ିବ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଆମେରିକା ଓ ଇସ୍ରାଏଲ ଆକ୍ରମଣ ପରେ ଇରାନ ଅନୁଭବ କରିଛି ଯେ କେବଳ ପରମାଣୁ ବୋମା ହିଁ ତାକୁ ସମ୍ପୂର୍ଣ୍ଣ ବିନାଶରୁ ରକ୍ଷା କରିପାରିବ। ଯଦି ଇରାନ ଏହି ଯୁଦ୍ଧରୁ ବଞ୍ଚିଯାଏ, ତେବେ ସେ ନିଜର ପରମାଣୁ କାର୍ଯ୍ୟକ୍ରମକୁ ଆହୁରି ତୀବ୍ର କରିବ। ଉତ୍ତର କୋରିଆର ଶାସକ କିମ୍ ଜୋଙ୍ଗ ଉନ ଗତ ସପ୍ତାହରେ କହିଛନ୍ତି ଯେ, ଇରାନ ଯୁଦ୍ଧ ପ୍ରମାଣ କରୁଛି ଯେ, ସେ ନିଜର ପରମାଣୁ ଅସ୍ତ୍ର ନଛାଡ଼ି ସଠିକ ନିଷ୍ପତ୍ତି ନେଇଥିଲେ। ଲିବ୍ୟାର ଗଦାଫି ଓ ଇରାନର ସଦ୍ଦାମ ହୁସେନ ନିଜର ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିବା ପରେ ହିଁ ସେମାନଙ୍କର ପତନ ଘଟିଥିଲା, ଯାହା ଅନ୍ୟ ଦେଶଗୁଡ଼ିକ ପାଇଁ ଏକ ଶିକ୍ଷା ସଦୃଶ ହୋଇଛି। ୨୦୧୮ରେ ଆମେରିକା, ଇରାନ ପରମାଣୁ ଚୁକ୍ତିରୁ ଓହରିଯିବା ପରେ ବିଶ୍ୱ ଅନୁଭବ କରୁଛି ଯେ ଆମେରିକା ସହ କୌଣସି ଚୁକ୍ତି କରିବା ନିରର୍ଥକ, କାରଣ ଯେକୌଣସି ସମୟରେ ନୂଆ ପ୍ରଶାସନ ଏଥିରୁ ଓହରି ଯାଇପାରେ। ପୁଣି ଯଦି ଇରାନ ପରମାଣୁ ଶକ୍ତି ସମ୍ପର୍ଣ୍ଣ ହୁଏ, ତେବେ ସାଉଦି ଆରବ, ତୁର୍କୀ ଓ ଇଜିପ୍ଟ ମଧ୍ୟ ନିଜର ପରମାଣୁ ପ୍ରତିରୋଧକ ବ୍ୟବସ୍ଥା ଗଢ଼ିବାକୁ ଚେଷ୍ଟା କରିବେ। ଟ୍ରମ୍ପଙ୍କ ଏହି ଯୁଦ୍ଧ ଇରାନର ପରମାଣୁ କ୍ଷମତାକୁ କିଛି ସମୟ ପାଇଁ ରୋକିପାରେ, କିନ୍ତୁ ଏହା ସାରା ବିଶ୍ୱରେ ଅଶାନ୍ତି ଏବଂ ଅଧିକ ପରମାଣୁ ଅସ୍ତ୍ର ତିଆରି କରିବାର ପ୍ରତିଯୋଗିତା ଆରମ୍ଭ କରିବ। ତେଣୁ ଏହି ଯୁଦ୍ଧର ନିଷ୍କର୍ସ ଯାହା ହେଉ ନା କାହିଁକି, ବିଶ୍ୱରେ ପରମାଣୁ ଅସ୍ତ୍ର ତିଆରିର ପ୍ରତିଯୋଗିତାକୁ ରୋକିବାରେ ସଫଳ ହେବ ନାହିଁ।

## ନରମିଲା ଇରାନ: ଆମେ ପରମାଣୁ ଅସ୍ତ୍ର ଚାହୁଁନାହୁଁ

ତେହରାନ, ୩୦।୩(ଏଜେନ୍ସି): ଆମେରିକା ଓ ଇସ୍ରାଏଲ ସହ ଜାରି ରହିଥିବା ଯୁଦ୍ଧ ମଧ୍ୟରେ ଇରାନ ପୁଣି ଥରେ ସ୍ପଷ୍ଟ କରିଛି ଯେ ସେ ପରମାଣୁ ଅସ୍ତ୍ର ନିର୍ମାଣ କରିବାକୁ ଚାହୁଁନାହିଁ। କିନ୍ତୁ ଏଥିସହ ପରମାଣୁ ଅସ୍ତ୍ର ପ୍ରସାର ରୋକିବା ପାଇଁ ହୋଇଥିବା ଅନ୍ତର୍ଜାତୀୟ ଚୁକ୍ତି (ଏନ୍‌ପିଟି)ରେ ରହିବ କି ନାହିଁ, ସେନେଇ ଇରାନ ସଂସଦରେ ବିଚାର ଚାଲିଛି। ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସ୍‌ମାଇଲ ବାକାଇ ସାପ୍ତାହିକ ପ୍ରେସ ବ୍ରିଫିଙ୍ଗ୍‌ରେ କହିଛନ୍ତି ଯେ ଇରାନ କେବେ ପରମାଣୁ ଅସ୍ତ୍ର ଚାହୁଁ ନଥିଲା ଏବଂ ବର୍ତ୍ତମାନ ମଧ୍ୟ ଚାହୁଁନାହିଁ। ତେବେ ଇରାନ ପାର୍ଲାମେଣ୍ଟ ଓ ଜନସାଧାରଣଙ୍କ ମଧ୍ୟରେ ବର୍ତ୍ତମାନ ଏକ ବଡ଼ ଆଲୋଚନା ଚାଲିଛି ଯେ ଇରାନ ଏନ୍‌ପିଟି ବା ପରମାଣୁ ଅସ୍ତ୍ର ଅପ୍ରସାର ଚୁକ୍ତିରେ ସଦସ୍ୟ ରହିବା ଉଚିତ କି ନୁହେଁ। ଆମେରିକା ଇରାନ ଉପରେ କ୍ରମାଗତ ଭାବେ ଆକ୍ରମଣ କରୁଥିବାରୁ ଇରାନ ନିଜର ସୁରକ୍ଷା ପାଇଁ ଏହି ଚୁକ୍ତିରୁ ଓହରିଯିବାକୁ ଚିନ୍ତା କରୁଥାଇପାରେ ବୋଲି ବିଶେଷଜ୍ଞମାନେ ଚିନ୍ତା କରୁଛନ୍ତି। ଯଦି ଇରାନ ଏହି ଚୁକ୍ତିରୁ ଓହରିଯାଏ, ତେବେ ଏହା ପରମାଣୁ ଅସ୍ତ୍ର ନିର୍ମାଣ ଦିଗରେ ଏକ ବଡ଼ ପଦକ୍ଷେପ ହୋଇପାରେ।

## ଦିଲ୍ଲୀ ସୀମାରୁ ଲସ୍କର ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ, ୩୦।୩(ଏଜେନ୍ସି): ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍‌ଫ ସୋମବାର ଦିଲ୍ଲୀ ସୀମାରୁ ଲସ୍କର-ଇ-ତୋଇବା (ଏଲ୍‌ଇଟି) ସହ ଜଡ଼ିତ ଆତଙ୍କବାଦୀ ଶବିର ଅହମ୍ମଦ ଲୋନକୁ ଗିରଫ କରିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଶବିର ବାଂଲାଦେଶରେ ରହି ଭାରତ ବିରୋଧୀ କାର୍ଯ୍ୟକଳାପ ଚଳାଉଥିଲା। ଶବିର ଦିଲ୍ଲୀ, କୋଲକାତା ଏବଂ ତାମିଲନାଡୁରୁ ଯୁବକମାନଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ନିଯୁକ୍ତି କରିବାକୁ ଯୋଜନା କରୁଥିଲା। ଏହି ସମ୍ପୂର୍ଣ୍ଣ ନେଟ୍‌ୱର୍କ ପାକିସ୍ତାନୀ ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇ ନିର୍ଦ୍ଦେଶରେ ପରିଚାଳିତ ହେଉଥିଲା। ୨୦୦୭ ମସିହାରେ ମଧ୍ୟ ଦିଲ୍ଲୀ ପୁଲିସ ଶବିରଙ୍କୁ ଆତଙ୍କବାଦୀ ଅଭିଯୋଗରେ ଗିରଫ କରିଥିଲା। ୨୦୧୯ରେ ଜାମିନ ପାଇବା ପରେ ବାଂଲାଦେଶକୁ ଫେରାର ହୋଇଯାଇଥିଲା। ଗତ ମାର୍ଚ୍ଚ ୨୬ରେ କାଉଣ୍ଟର ଇଣ୍ଟେଲିଜେନ୍ସ କଶ୍ମୀର (ସିଆଇକେ) ଶବିର ଆତଙ୍କୀ ମଡ୍ୟୁଲ ତଦନ୍ତ ପାଇଁ ଗାନ୍ଦରବଲ, ସେପିଆନ ଏବଂ ଶ୍ରୀନଗରର ୧୦ଟି ସ୍ଥାନରେ ଚଢ଼ାଉ କରିଥିଲା। ଗତ ଫେବୃଆରୀ ୭ରେ ଏହି ବିପଜ୍ଜନକ ନେଟ୍‌ୱର୍କର ପର୍ଦ୍ଦାଫାଶ ଦିଲ୍ଲୀ ମେଟ୍ରୋ ନିକଟରେ ଲଗାଯାଇଥିବା ଦେଶ ବିରୋଧୀ ପୋଷ୍ଟରରୁ ହୋଇଥିଲା। କଶ୍ମୀର ଗେଟ୍ ବସ୍ ଷ୍ଟାଣ୍ଡ ଏବଂ ମେଟ୍ରୋ ଷ୍ଟେସନ ନିକଟରେ ଫ୍ରି କଶ୍ମୀର ପୋଷ୍ଟର ଲଗାଯାଇଥିଲା। ପୁଲିସ ସିସିଟିଭି ଫୁଟେଜରୁ ଦୁଇ ଅଭିଯୁକ୍ତ ଉମର ଫାରୁକ ଓ ରବି-ଉଲ- ଇସ୍‌ଲାମକୁ କୋଲକାତାରୁ ଗିରଫ କରିଥିଲା। ପଚରାଉଚରା ସମୟରେ ସେମାନେ ସ୍ୱୀକାର କରିଥିଲେ ଯେ, ବାଂଲାଦେଶରେ ଥିବା ଶବିର ଅହମ୍ମଦ ଲୋନର ନିର୍ଦ୍ଦେଶରେ ସେମାନେ ଏହି ପୋଷ୍ଟର ଲଗାଇଥିଲେ। ସୁରକ୍ଷା ଏଜେନ୍ସିଗୁଡ଼ିକ କୋଲକାତା ଏବଂ ତାମିଲନାଡୁରେ ୯ ଦିନ ଧରି ଚଢ଼ାଉ କରି ଜଣେ ବାଂଲାଦେଶୀ ନାଗରିକଙ୍କ ସମେତ ସମୁଦାୟ ୮ ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ପାଖରୁ ୧୨ଟି ମୋବାଇଲ ଫୋନ, ୧୬ଟି ସିମକାର୍ଡ ଜବତ କରାଯାଇଛି। ତାମିଲନାଡୁରୁ ଗିରଫ ୬ ବ୍ୟକ୍ତି ବିଭିନ୍ନ ସହରର ସର୍ବେକ୍ଷଣ କରିବାରେ ଅଭିଯୁକ୍ତ ଅଛନ୍ତି।

## ଆମେରିକା ଆକ୍ରମଣରେ ଦିଲ୍ଲୀ ଆସିବାକୁ ଥିବା ବିମାନ କ୍ଷତିଗ୍ରସ୍ତ

ତେହରାନ, ୩୦।୩ (ଏଜେନ୍ସି):ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧର ଆଜି ୩୧ ଦିନରେ ପହଞ୍ଚିଛି। ଆମେରିକାର ଆକ୍ରମଣରେ ଆଜି ଇରାନର ମହାନ ଏୟାରଲାଇନ୍ସର ଏକ ବିମାନ କ୍ଷତିଗ୍ରସ୍ତ ହୋଇଛି। ଏହି ବିମାନଟି ମସହଦ ବିମାନବନ୍ଦରରେ ଠିଆ ହୋଇଥିଲା ଏବଂ ଏହା ନୂଆଦିଲ୍ଲୀ ଆସିବାର ଥିଲା। ଏହି ବିମାନ ଭାରତରୁ ଔଷଧ ଏବଂ ଅନ୍ୟାନ୍ୟ ଜରୁରୀ ସହାୟତା ସାମଗ୍ରୀ ନେଇ ଯାଇଥାନ୍ତା। ଅନ୍ୟପଟେ, ୟୁରୋପୀୟ ସଂଘ ଇରାନ ଉପରେ ଲାଗିଥିବା ମାନବାଧିକାର ସମ୍ବନ୍ଧିତ କଟକଣାକୁ ଆଉ ଏକ ବର୍ଷ ପାଇଁ ବଢ଼ାଇ ଦେଇଛି। ଏହି କଟକଣା ଏବେ ୧୩ ଏପ୍ରିଲ ୨୦୨୭ ପର୍ଯ୍ୟନ୍ତ ଜାରି ରହିବ। ୟୁରୋପୀୟ ସଂଘ କହିଛି ଯେ, ଯେଉଁ ବ୍ୟକ୍ତି ଏବଂ ସଂସ୍ଥାଗୁଡ଼ିକ ଉପରେ ଏହି କଟକଣା ଲଗାଯାଇଛି, ସେମାନେ ୟୁରୋପୀୟ ଦେଶଗୁଡ଼ିକୁ ଯାତ୍ରାକରିପାରିବେନାହିଁଏବଂସେମାନଙ୍କରସମ୍ପତ୍ତିମଧ୍ୟଜବତକିମ୍ବାଫ୍ରିଜ୍‌ହୋଇରହିବ। ଏହା ବ୍ୟତୀତ, ଇରାନକୁ ଏପରି ଉପକରଣ ପଠାଇବା ଉପରେ ମଧ୍ୟ ରୋକ ଲଗାଯିବ।

## ଜୀବିତ ଥିବା ବାର୍ତ୍ତା ଦେଲେ ମୋଜତବା



ତେହରାନ, ୩୦।୩(ଏଜେନ୍ସି): ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତବା ଖାମନେଇ ଏକ ଲିଖିତ ବାର୍ତ୍ତା ମାଧ୍ୟମରେ ଆମେରିକା ଓ ଇସ୍ରାଏଲ ବିରୋଧରେ ଚାଲିଥିବା ଯୁଦ୍ଧରେ ଇରାକର ସମର୍ଥନ ପାଇଁ ସେଠାକାର ଜନସାଧାରଣଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି। ରବିବାର ଦିନ ଇରାନ ଗଣମାଧ୍ୟମ ତରଫରୁ ଏହି ସୂଚନା ଦିଆଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସନ୍ଦେହପୂର୍ଣ୍ଣ ବୟାନର କିଛି ଦିନ ପରେ ମୋଜତବା ଏହି ବାର୍ତ୍ତା ଦେଇଛନ୍ତି। ଗତ ସପ୍ତାହରେ ଟ୍ରମ୍ପ କହିଥିଲେ ଯେ, ଆମେ ମୋଜତାବାଙ୍କଠାରୁ କିଛି ଶୁଣି ନାହୁଁ... ସେ ଜୀବିତ ଅଛନ୍ତି କି ନାହିଁ ଆମେ ଜାଣିନାହୁଁ। ମୁଜତବା ହେଉଛନ୍ତି ପୂର୍ବତନ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମନେଇଙ୍କ ପୁତ୍ର। ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ ଆକ୍ରମଣରେ ଆୟାତୁଲ୍ଲାଙ୍କ ମୃତ୍ୟୁ ହେବା ପରେ ମୁଜତବାଙ୍କୁ ନୂତନ ସର୍ବୋଚ୍ଚ ନେତା ଭାବେ ନାମିତ କରାଯାଇଥିଲା। ନୂତନ ନେତା ଭାବେ ନାମିତ ହେବା ପରେ ମୁଜତବା ଏପର୍ଯ୍ୟନ୍ତ ସର୍ବସାଧାରଣରେ ଦୃଶ୍ୟମାନ ହୋଇନାହାନ୍ତି। ସେ କେବଳ କିଛି ଲିଖିତ ବିବୃତ୍ତି ଜାରି କରିଛନ୍ତି। ଏଥିପାଇଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହୋଇଛି। କୁହାଯାଉଛି ଯେ ସେ ବିମାନ ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଇରାନର ଆଇଏସ୍‌ଏନ୍‌ଏ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ମୁଜତବା ଇରାକର ସର୍ବୋଚ୍ଚ ସିଆ ଧର୍ମଗୁରୁ ଗ୍ରାଣ୍ଡ ଆୟୋତୋଲ୍ଲା ଅଲି ସିସ୍ତାନୀ ଏବଂ ଇରାକବାସୀଙ୍କୁ ସେମାନଙ୍କ ସ୍ପଷ୍ଟ ଆଭିମୁଖ୍ୟ ପାଇଁ ପ୍ରଶଂସା କରିଛନ୍ତି।

### ଲୋକସଭାରେ 'ନକ୍ସଲ ମୁକ୍ତ ଭାରତ' ଉପରେ ଚର୍ଚ୍ଚା

## ଅସ୍ତ୍ର ଉଠାଇଲେ ମୂଲ୍ୟ ଦେବାକୁ ପଡ଼ିବ: ଶାହା

- ନିରୀହ ଆଦିବାସୀଙ୍କୁ ଅନ୍ଧାରରେ ରଖିଥିଲେ ବାମପନ୍ଥୀ
- ବସ୍ତରରେ ଲାଲ ଆତଙ୍କ ପ୍ରାୟ ଶେଷ ହୋଇଗଲାଣି

ନୂଆଦିଲ୍ଲୀ, ୩୦।୩ (ଏଜେନ୍ସି): ଲୋକସଭାରେ ଆଜି ଜୋରଦାର ଚର୍ଚ୍ଚା ହୋଇଛି। ପ୍ରଥମ ପର୍ଯ୍ୟାୟରେ ବିରୋଧୀ ସଦସ୍ୟ ସରକାରଙ୍କୁ ଘେରି ଥିଲାବେଳେ ଦ୍ୱିତୀୟ ପର୍ଯ୍ୟାୟରେ 'ନକ୍ସଲ ମୁକ୍ତ ଭାରତ' ଉପରେ ଚର୍ଚ୍ଚା ହୋଇଥିଲା। ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସକୁ ନେଇ ବିରୋଧୀ କେନ୍ଦ୍ରକୁ ସମାଲୋଚନା କରିଥିଲେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହା ଉପରେ ଜବାବ ରଖି ଅନେକ ଦେଶର ମୁଦ୍ରା ତୁଳନାରେ ଟଙ୍କା ସ୍ଥିତି ବହୁତ ଭଲ ଥିବା କହିଥିଲେ। ମାତ୍ର ଆଜି ଟଙ୍କା ମୂଲ୍ୟ ଡଲାର ତୁଳନାରେ ସର୍ବକାଳୀନ ନିମ୍ନସ୍ତରକୁ ଖସି ଯାଇଛି। ଏହା ପରେ ଲୋକସଭାରେ କେନ୍ଦ୍ର ରଖିଥିବା 'ନକ୍ସଲ ମୁକ୍ତ ଭାରତ' ଅଭିଯାନ ଉପରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ପୂର୍ବରୁ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବାକୁ ସରକାର ଘୋଷଣା କରିଥିଲେ। ଏହାର ଦିନକ ପୂର୍ବରୁ ସଂସଦରେ ହୋଇଥିବା ଚର୍ଚ୍ଚାରେ ବିରୋଧୀ ଏବଂ ଶାସକ ଦଳର ସାଂସଦଙ୍କ ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗୃହରେ ମନ୍ତବ୍ୟ ରଖିଥିଲେ। ସେ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଅଭିଭାଷଣ ଦେଇ କହିଥିଲେ ଯେ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ପ୍ରତ୍ୟାଖ୍ୟାନ କରି ଅସ୍ତ୍ରଶସ୍ତ୍ର ଉଠାଇଲେ ଆଉ ଚଳିବ ନାହିଁ। ଅସ୍ତ୍ର ଉଠାଉଥିବା ଲୋକଙ୍କୁ ଏହାର ମୂଲ୍ୟ ଦେବାକୁ ପଡ଼ିବ।



ଶାହା କହିଥିଲେ ଯେ ବର୍ଷ ବର୍ଷ ଧରି ନିରୀହ ଆଦିବାସୀମାନଙ୍କୁ ଅନ୍ଧାରରେ ରଖାଯାଇଛି। ବାମପନ୍ଥୀମାନେ ନିଜର ବିଚାରଧାରା ପ୍ରସାର ପାଇଁ ଆଦିବାସୀମାନଙ୍କୁ ବିଭ୍ରାନ୍ତ କରିଛନ୍ତି। କଂଗ୍ରେସ ସ୍ୱାଧୀନତା ପରଠାରୁ ୭୫ ବର୍ଷ ମଧ୍ୟରୁ ୬୦ ବର୍ଷ ଶାସନ କରିଛି। ତଥାପି ଆଦିବାସୀମାନେ ବିକାଶରୁ କାହିଁକି ବଞ୍ଚିତ ରହିଗଲେ? କଂଗ୍ରେସ ୬୦ ବର୍ଷ ମଧ୍ୟରେ ଆଦିବାସୀଙ୍କ ପାଖକୁ ଘର, ସ୍କୁଲ୍ ଏବଂ ମୋବାଇଲ୍ ଟାୱାର ପହଞ୍ଚିବାକୁ ଦେଇନାହିଁ ଏବଂ ଏବେ ହିସାବ ମାଗୁଛି। ଆଗ ନିଜକୁ ଦେଖନ୍ତୁ। ଯେଉଁମାନେ ନକ୍ସଲବାଦକୁ ସମର୍ଥନ କରୁଛନ୍ତି, ସେମାନଙ୍କୁ କହନ୍ତୁ ଯେ ୧୯୭୦ରୁ ଏପର୍ଯ୍ୟନ୍ତ ଏହି ସବୁ କାମ କାହିଁକି ହୋଇପାରି ନଥିଲା? ଏବେ ନକ୍ସଲବାଦ ସମାପ୍ତ କରିବାର ଶ୍ରେୟ କେନ୍ଦ୍ର ଏବଂ ରାଜ୍ୟ ପୁଲିସକୁ ଯାଉଛି। ବସ୍ତରରେ ଲାଲ ଆତଙ୍କ ପ୍ରାୟତଃ ଶେଷ ହୋଇ ଗଲାଣି।

ନକ୍ସଲଙ୍କ ତୁଳନା ଭଗତ ସିଂହଙ୍କ ସହ କରିବାକୁ ନେଇ ଶାହା ସମାଲୋଚନା କରିଥିଲେ। ଏଭଳି ଦୁଃସାହସ କେମିତି କରିପାରିଲେ ବୋଲି କହିଥିଲେ। କିଛି ଲୋକଙ୍କ ମାନବିକତା କେବଳ ଅସ୍ତ୍ରଶସ୍ତ୍ର ଉଠାଇବା ଲୋକଙ୍କ ସହ ଥିବା ଶାହା କଟାକ୍ଷ କରିଥିଲେ। ଛତିଶଗଡ଼ରୁ ନକ୍ସଲ ମୁକ୍ତି ନ ହେବା ପାଇଁ ସେ ପୂର୍ବତନ ଭୁପେଶ ବଘେଲ ସରକାରଙ୍କୁ ଦାୟୀ କରିଥିଲେ। ଏହା କହିବାରୁ ବିରୋଧୀ ଗୃହରେ ହଙ୍ଗାମା କରିଥିଲେ। ମାତ୍ର ବଘେଲ ପଚାରିବାରୁ ତଥ୍ୟ ଦେଲେ ବୋଲି ଶାହା କହିଥିଲେ।

### ବିଜୁ ବାବୁଙ୍କ ଉପରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ପ୍ରସଙ୍ଗ

# ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଦାବି କଲା ବିଜେଡି

**ଭୁବନେଶ୍ୱର,୩୦।୩(ସମିସ):** ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଉପରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅବାଞ୍ଛନୀୟ ମନ୍ତବ୍ୟକୁ ପ୍ରତିବାଦର ସ୍ୱର ତୀବ୍ର ହୋଇଛି। ବିଜୁ ଜନତା ଦଳ ପକ୍ଷରୁ ସାଂସଦଙ୍କ ମନ୍ତବ୍ୟ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଥିବାବେଳେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ଆଜି ଧାରଣା



- **ରାଜ୍ୟ ବିଜେପି ନେତାଙ୍କ ମୁହଁରେ ତୁଣ୍ଡି ଦୁର୍ଭାଗ୍ୟଜନକ: ପ୍ରମିଳା**
- **ସ୍ୱାଧୀନତା ସଂଗ୍ରାମୀଙ୍କୁ ଏଭଳି ମନ୍ତବ୍ୟ ଅପମାନସୂଚକ: ଦେବୀ**

ଦିଆଯାଇଛି। ଅନ୍ୟପଟେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଗଣମାଧ୍ୟମରେ କଡା ପ୍ରତିକ୍ରିୟା ପ୍ରକାଶ କରି ଶ୍ରୀ ଦୁବେଙ୍କ ମାନସିକ ବିକୃତି ଘଟିଛି ଓ ଏହି ବକ୍ତବ୍ୟ ତାହାର ପରିଣାମ ବୋଲି କହିଛନ୍ତି।

ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଦୁବେଙ୍କ ବକ୍ତବ୍ୟକୁ ନିନ୍ଦା କରିବା ସହିତ ସେ ଓଡ଼ିଶା ତଥା ଦେଶବାସୀଙ୍କ ପାଖରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି। ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ବିଜୁ ବାବୁଙ୍କ ଦେଶ ଓ ବିଶ୍ୱ ପ୍ରତି ଅବଦାନ ସମ୍ପର୍କରେ ଶ୍ରୀ ଦୁବେଙ୍କ ସାମାନ୍ୟତମ ଧାରଣା ନାହିଁ। ସେଥିପାଇଁ ସେ ବିଜୁ ବାବୁଙ୍କ ଭଳି ଜଣେ ମହାନ ଦେଶପ୍ରେମୀଙ୍କ ବିରୋଧରେ ଏପରି ଅରୁଚିକର ମନ୍ତବ୍ୟ ଦେଇଛନ୍ତି। ଏହା ଲୋକଲୋଚନକୁ ଆସିବା ପରେ ରାଜ୍ୟ ତଥା ଦେଶର ଅଗଣିତ ବିଜୁ ପ୍ରେମୀ ଏହାକୁ ତୀବ୍ର ନିନ୍ଦା କରୁଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ରାଜ୍ୟ ଶାସନ ଭାରରେ ଥିବା ବିଜେପି ନେତାଙ୍କ ମୁହଁରେ ତୁଣ୍ଡି ବନ୍ଧା ହୋଇଛି। ରାଜ୍ୟର ୨୦ ଜଣ ବିଜେପି ସାଂସଦ ମଧ୍ୟ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି। ଓଡ଼ିଆ ଅସ୍ମିତା କହି ରାଜ୍ୟରେ କ୍ଷମତାକୁ ଆସିବା ପରେ ବିଜେପି ନେତାଙ୍କ ଏହା ଓଡ଼ିଆ ଅସ୍ମିତା କି ବୋଲି ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଛନ୍ତି। ଏହାସହ ଦୁବେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସେ ଦାବି କରିଛନ୍ତି। ସେହିପରି ଶ୍ରୀ ମିଶ୍ର କହିଛନ୍ତି ଯେ, ବିଜୁ ବାବୁ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ଓ ବିରଳ ରାଜନେତା। ପ୍ରତିରକ୍ଷା, ଏଭିଏସନ୍ ଓ ଆନ୍ତର୍ଜାତୀୟ ସମ୍ପର୍କ ଉପରେ ଗଭୀର ଜ୍ଞାନ ସହିତ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ରହିଥିଲା। ତାଙ୍କର ଦକ୍ଷତା ପାଇଁ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ବିଭିନ୍ନ ମିଶନ୍‌ରେ ପଠାଯାଇଥିଲା। ଅନେକ ଥର ଜୀବନକୁ ବାଜି ଲଗାଇ ସଂଗ୍ରାମ କରିଥିବା ବିଜୁ ବାବୁଙ୍କୁ ସିଆଇଏ ଏଜେଣ୍ଟ କୁହାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ଓ ଦେଶପ୍ରେମୀଙ୍କୁ ଏଭଳି ଅପମାନସୂଚକ ମନ୍ତବ୍ୟ ଘୋର ନିନ୍ଦନୀୟ ବୋଲି କହିବା ସହ ଶ୍ରୀ ଦୁବେଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଦାବି କରିଛନ୍ତି।

### ଯୁବ ଓ ଛାତ୍ର ବିଜେଡିର ତୀବ୍ର ପ୍ରତିବାଦ

## ନିଶିକାନ୍ତ ଦୁବେଙ୍କ କୁଶପୁତ୍ତଳିକା ଦାହ

**ଭୁବନେଶ୍ୱର,୩୦।୩(ସମିସ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବିରୋଧରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ମିଥ୍ୟା ଓ ଅପମାନଜନକ ମନ୍ତବ୍ୟକୁ ନେଇ ରାଜ୍ୟବ୍ୟାପୀ ବିଭିନ୍ନ ମହଲରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହିକ୍ରମରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି ହୀନ ମାନସିକତାର ପ୍ରତିବାଦରେ ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ



ସାହୁ ଏବଂ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁଙ୍କ ନେତୃତ୍ୱରେ ଶତାଧିକ ଯୁବ ଛାତ୍ର ଜନତା ଦଳର କାର୍ଯ୍ୟକର୍ତ୍ତା ମାନେ ବିଜେପି ସାଂସଦଙ୍କ କୁଶ ପୁତ୍ତଳିକା ଦାହ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଜୁ ବାବୁ କେବଳ ଜଣେ ନେତା ନୁହଁନ୍ତି, ସେ ପ୍ରତିଟି ଓଡ଼ିଆଙ୍କ ଆବେଗ। ତାଙ୍କ ପ୍ରତି କରାଯାଇଥିବା ଏଭଳି ଦାୟିତ୍ୱହୀନ ଟିପ୍ପଣୀକୁ କୌଣସି ବି ଓଡ଼ିଆ ବରଦାସ୍ତ କରିବେ ନାହିଁ ବୋଲି ଯୁବ ଓ ଛାତ୍ର ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ବିଜୁଙ୍କ ଗୁଣଗାନ କଲେ ବିଜେପି ନେତା

**ଭୁବନେଶ୍ୱର,୩୦।୩(ସମିସ):** ବିଜୁ ପଟ୍ଟନାୟକଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟ ନେଇ ରାଜ୍ୟବ୍ୟାପୀ ବିଭିନ୍ନ ମହଲରେ ତୀବ୍ର ଆକ୍ରୋଶ ଦେଖିବାକୁ ମିଳୁଛି। ବିଭିନ୍ନ ଦଳର ନେତୃବୃନ୍ଦ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କୁ କଡ଼ା ଭର୍ତ୍ସନା କରୁଛନ୍ତି। ଏହିକ୍ରମରେ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି ଏକଦା ବିଜୁ ବାବୁଙ୍କର ସହଯୋଗୀ ବୋଲାଉଥିବା ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ଓ ଲୋକସଭା ସାଂସଦ ବୈଜୟନ୍ତ ପଣ୍ଡା। ଉଭୟ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ବିଜୁବାବୁଙ୍କ ଗୁଣଗାନ କରି ପ୍ରଚଣ୍ଡ ଦେଶପ୍ରେମୀ, ଜାତୀୟ ଗୌରବ ବୋଲି ଉଲ୍ଲେଖ କରିଛନ୍ତି ଓ ବୁଲେଇ ବଙ୍କେଇ ନିଜ ଦଳର ସାଂସଦ ନିଶିକାନ୍ତ ଦୁବେଙ୍କୁ କୁଣ୍ଠିତ ସମାଲୋଚନା କରିଛନ୍ତି ଉଭୟ ଦିଲ୍ଲୀପ ଓ ବୈଜୟନ୍ତ।

ଦିଲ୍ଲୀପ ରାୟ କହିଛନ୍ତି ଯେ ବିଜୁ ବାବୁଙ୍କ ଜୀବନ ସାହସ, ତ୍ୟାଗ, ଦୂରଦୃଷ୍ଟି ଏବଂ ଅପରାଜେୟ ଦେଶପ୍ରେମର ଏକ ଜୀବନ୍ତ ଉଦାହରଣ ଥିଲା। ସେ କେବଳ ଓଡ଼ିଶାର ଏକ ମହାନ୍ ନେତା ନ ଥିଲେ, ବରଂ ଭାରତର ଜଣେ ଦୁର୍ଲଭ ରାଷ୍ଟ୍ରନିର୍ମାତା ଥିଲେ।





**ଦେଶପ୍ରତି ବିଜୁଙ୍କ ପ୍ରତିବଦ୍ଧତାକୁ ପ୍ରଶ୍ନ ଅଧିକାର କାହା ପାଖରେ ନାହିଁ: ଦିଲ୍ଲୀପ**

**ବିଜୁବାବୁଙ୍କ ଦେଶପ୍ରେମ ଉପରେ ଆକ୍ଷେପ ସ୍ପଷ୍ଟରୂପେ ହାସ୍ୟାସ୍ପଦ: ବୈଜୟନ୍ତ**

ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ଭୂମିକାରୁ ଆରମ୍ଭ କରି, ଦେଶର ସେବାରେ ତାଙ୍କର ସାହସିକ ବିମାନ ମିଶନ, ସ୍ୱାଧୀନତା ପରବର୍ତ୍ତୀ ଭାରତର ନିର୍ଣ୍ଣାୟକ ମୁହୂର୍ତ୍ତଗୁଡ଼ିକରେ, ଯେଉଁଠାରେ ସାହସ, ଦୃଢ଼ତା ଏବଂ ଜାତୀୟ କର୍ତ୍ତବ୍ୟ ସର୍ବାଧିକ ଆବଶ୍ୟକ ହେଉଥିଲା, ସେଠାରେ ବିଜୁ ବାବୁ ଦଣ୍ଡାୟମାନ ରହୁଥିଲେ। ଦେଶ ଓ ରାଜ୍ୟ ପ୍ରତି ତାଙ୍କର ଅସାଧାରଣ ଯୋଗଦାନକୁ ସାଧାରଣ ଅସମ୍ବେଦନଶୀଳ ରାଜନୈତିକ ମନ୍ତବ୍ୟ ଦ୍ୱାରା ଅଣଦେଖା କରିବା କେବଳ ଅନ୍ୟାୟ ନୁହେଁ, ବରଂ ଅତ୍ୟନ୍ତ ଅସମ୍ମାନଜନକ। ବିଜୁ ବାବୁଙ୍କ ଜାତୀୟତାବାଦୀ ଚେତନା, ତାଙ୍କର ସତ୍ୟନିଷ୍ଠା କିମ୍ବା ଭାରତ ପ୍ରତି ତାଙ୍କର ଅଟଳ ପ୍ରତିବଦ୍ଧତାକୁ ପ୍ରଶ୍ନ କରିବାର ଅଧିକାର କାହା ପାଖରେ ନାହିଁ। ତାଙ୍କର ଜୀବନ ଦୃଢ଼ତା, କାର୍ଯ୍ୟ ଏବଂ ସେବା ଦ୍ୱାରା ପରିଭାଷିତ ହୋଇଥିଲା। ଓଡ଼ିଶାର ଲୋକଙ୍କ ପାଇଁ ବିଜୁ ବାବୁ ଗର୍ବ, ଐତିହ୍ୟ, ପରିଚୟ ଏବଂ ସମ୍ମାନର ପ୍ରତୀକ ବିଜୁ ବାବୁ ସର୍ବଦା ଭାରତର ସର୍ବଶ୍ରେଷ୍ଠ ଜାତୀୟତାବାଦୀମାନଙ୍କ ମଧ୍ୟରୁ ଜଣେ ଏବଂ ଓଡ଼ିଶାର ଗର୍ବିତ ପୁତ୍ରମାନଙ୍କ ମଧ୍ୟରୁ ଅନ୍ୟତମ ଭାବେ ଚିର ସ୍ମରଣୀୟ ବୋଲି ଦିଲ୍ଲୀପ କହିଛନ୍ତି।

ସେହିପରି ବୈଜୟନ୍ତ ପଣ୍ଡା କହିଛନ୍ତି ଯେ ବିଜୁ ଅଙ୍କଲ୍ ଏକ ବିଶାଳ ବ୍ୟକ୍ତିତ୍ୱ ଥିଲେ। ସେ ଆଧୁନିକ ଭାରତର ସର୍ବଶ୍ରେଷ୍ଠ ଦେଶପ୍ରେମୀମାନଙ୍କ ମଧ୍ୟରୁ ଜଣେ। ଜାତୀୟ ଗୌରବ ତାଙ୍କର ରକ୍ତରେ ଗଭୀରଭାବେ ପ୍ରବାହିତ ହେଉଥିଲା ଓ ସେ ନିଜର ସମଗ୍ର ଜୀବନ ଭାରତର ମୁକ୍ତି ଓ ଓଡ଼ିଶାର ଉତ୍ଥାନ ପାଇଁ ଉତ୍ସର୍ଗ କରିଦେଇଥିଲେ।

ଜଣେ ପାଇଲଟ୍, ଶିଳ୍ପପତି, ରାଜନେତା ଓ ବିଶ୍ୱସ୍ତରୀୟ ସମସ୍ୟା-ସମାଧାନକାରୀ ଭାବରେ ଭାବେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କର ବୀରତ୍ୱପୂର୍ଣ୍ଣ ମିଶନ, କୂଟନୈତିକ ଏବଂ ପ୍ରତିରକ୍ଷା ସମ୍ବନ୍ଧିତ କାର୍ଯ୍ୟକ୍ରମ ଆମର ନବଗଠିତ ଗଣତନ୍ତ୍ରକୁ ମଜବୁତ୍ କରିବାରେ ଯୋଗଦାନ ଦେଇଥିଲା। ତାଙ୍କର ଦେଶପ୍ରେମ ଉପରେ ଆକ୍ଷେପ କରିବା କାଳ୍ପନିକ ଏବଂ ସ୍ପଷ୍ଟରୂପେ ହାସ୍ୟାସ୍ପଦ ଅଟେ। ତାଙ୍କ ଉପରେ ଏପରି ଆକ୍ରମଣ ଅନୁଚିତ, ଅଜ୍ଞାନପୂର୍ଣ୍ଣ ଏବଂ ସମ୍ପୂର୍ଣ୍ଣରୂପେ ଅସ୍ୱୀକାର୍ଯ୍ୟ ଅଟେ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

# ବିଜୁ ବାବୁଙ୍କ ଅପମାନକୁ ବିଜେପି ଓ କଂଗ୍ରେସର ନିନ୍ଦା

**ଭୁବନେଶ୍ୱର,୩୦।୩(ସମିସ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ମନ୍ତବ୍ୟକୁ ନିନ୍ଦା କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା। ସେ କହିଛନ୍ତି ଯେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଦ୍ୱାରା ଦ୍ୱାରା ଜବାହରଲାଲ ନେହେରୁ ଓ ବିଜୁ ପଟ୍ଟନାୟକଙ୍କ ପରି ବିଶିଷ୍ଟ ନେତୃତ୍ୱଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ କରାଯାଉଛି। ଆହୁରି ଚିନ୍ତାଜନକ କଥା ହେଉଛି ଯେ, ଯେଉଁମାନଙ୍କର ସ୍ୱାଧୀନତା ସଂଗ୍ରାମ ଏବଂ ଦେଶ ଗଠନରେ କୌଣସି ଅବଦାନ ନାହିଁ ସେପରି ଲୋକଙ୍କଠାରୁ ଏଭଳି ମନ୍ତବ୍ୟ ଆସୁଛି। ସେମାନେ ଆଧୁନିକ ଭାରତର ଗଠନରେ ନିଜ ଜୀବନ ଉତ୍ସର୍ଗ କରିଥିବା ଦୂରଦର୍ଶୀ, ଧର୍ମନିରପେକ୍ଷ ଏବଂ ପ୍ରଗତିଶୀଳ ନେତାମାନଙ୍କୁ ନିଶାଣ କରୁଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି।



**ଏପରି ଭିତ୍ତିହୀନ ଅଭିଯୋଗ ଅତ୍ୟନ୍ତ ଚିନ୍ତାଜନକକ: ଶ୍ରୀକାନ୍ତ ଜେନା**



**ବିଜୁ ବାବୁଙ୍କୁ ଅସମ୍ମାନ, ସମଗ୍ର ଓଡ଼ିଶା ପ୍ରତି ଅପମାନ: ଅଶୋକ ଦାସ**



**ସାର୍ବଜନୀନ ଭାବେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଆବଶ୍ୟକ: ବାବୁ ସିଂ**

ସେହିପରି ବିଜେପି ବିଧାୟକ ବାବୁ ସିଂ ମଧ୍ୟ ବିଜୁଙ୍କ ବିରୋଧରେ ମନ୍ତବ୍ୟକୁ କଟୁ ସମାଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରେ ସେ କହିଛନ୍ତି ଯେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ନେଇ ଗତକାଲି ଠାରୁ ଯେଉଁ ଧରଣର ଚର୍ଚ୍ଚା ଓ ମନ୍ତବ୍ୟ ପ୍ରକାଶ ପାଉଛି, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଜୁ ବାବୁ କେବଳ ଜଣେ ଜନନେତା ନ ଥିଲେ, ସେ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶା ଓ ଓଡ଼ିଆ ଜାତିର ସେବା ପାଇଁ ସର୍ବଦା ଚେଷ୍ଟିତ ଥିଲେ। ତାଙ୍କ ବିରୋଧରେ ହୋଇଥିବା ଅଶୋଭନୀୟ ମନ୍ତବ୍ୟକୁ ମୁଁ କଠୋର ଶବ୍ଦରେ ନିନ୍ଦା କରୁଛି। ବ୍ୟକ୍ତି ବିଶେଷ ଯିଏ ହୁଅନ୍ତୁ ନା କାହିଁକି, ବିଜୁ ବାବୁଙ୍କ ଭଳି ଜଣେ ଜନନେତାଙ୍କ ବିରୋଧରେ ଏଭଳି ମନ୍ତବ୍ୟ ଦେବା ମୋଟେ ଗ୍ରହଣୀୟ ନୁହେଁ। ଏହି ଘଟଣା ସାରା ଓଡ଼ିଶାର ଜନସାଧାରଣଙ୍କ ମନରେ ଗଭୀର ଆଘାତ ଦେଇଛି। ଯେଉଁମାନେ ତାଙ୍କ ବିରୋଧରେ କଥାକୁ କଦର୍ଥ କରି କହୁଛନ୍ତି, ସେମାନେ ଏଭଳି ଅପଚେଷ୍ଟାରୁ ଦୂରେଇ ରୁହନ୍ତୁ ଏବଂ ନିଜର ଭୁଲ୍ ପାଇଁ ସାର୍ବଜନୀନ ଭାବେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସେ ଦାବି କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ କହିଛନ୍ତି ଯେ ସାରା ଭାରତବାସୀ ଜାଣନ୍ତି ବିଜୁ ବାବୁ ଜଣେ ସାଧାରଣ ଲୋକ ନୁହନ୍ତି। ତାଙ୍କୁ ଯଦି ଅପମାନ କରାଯିବ, ତାହେଲେ ଗଣତାନ୍ତ୍ରିକ ମୂଲ୍ୟବୋଧର କଥା କହୁଥିବା ବିଜେପି ଦଳ ପାଖରେ ନୀତି, ନୈତିକତା ନାହିଁ ବୋଲି ବୁଝିବାକୁ ପଡ଼ିବ। ନିଶିକାନ୍ତ ଦୁବେ ବିଜୁ ବାବୁଙ୍କୁ ନେଇ ଯେଉଁ ଉକ୍ତି ରଖିଲେ, ତାହା ଓଡ଼ିଶା ପ୍ରତି ଅତ୍ୟନ୍ତ ଅପମାନଜନକ କଥା। ତେଣୁ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

# ପତ୍ନୀ ହତ୍ୟାକାରୀକୁ ଆଜୀବନ ଜେଲ୍

**ଗୁଣୁପୁର,୩୦।୩(ସମିସ):** ପତ୍ନୀ ହତ୍ୟା ମାମଲାର ଆଜି ଗୁଣୁପୁର ଏଡିଜେ ସ୍ୱାମୀଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ସ୍ୱାମୀ ଜଣକ ହେଲେ ଗୁଣୁପୁର ଥାନା ଅନ୍ତର୍ଗତ ଗାଦିଆଖଲା ପଞ୍ଚାୟତ ବାୟାଗୁଡା ଗ୍ରାମର ସୁରେନ୍ଦ୍ର ଶବର (୩୩)। ଜରିମାନା ଅନାଦେୟ ସେ ଆଉ ଏକ ବର୍ଷ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ ପାଇଛି।

ସୂଚନା ଅନୁସାରେ ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଗାଦିଆଖଲା ପଞ୍ଚାୟତ ବାୟାଗୁଡ଼ା ଗ୍ରାମର ସୁରେନ୍ଦ୍ର ଶବର ଗୁଣପୁର ଢେପ ସାହିର ଝିଲି ବାଉରୀଙ୍କ ଝିଅ ସନ୍ତୋଷୀ ବାଉରୀକୁ ବିବାହ କରିଥିଲେ। ବିବାହ ସମୟରେ ପରିବାରବର୍ଗ ପକ୍ଷରୁ ୩ ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ଜିନିଷ ପତ୍ର ପ୍ରଦାନ କରିଥିଲେ। ବିବାହର କିଛି ଦିନ ପରେ ସୁରେନ୍ଦ୍ର ସନ୍ତୋଷୀକୁ ନିର୍ଯାତନା ଦେଇ ଆସୁଥିଲେ। ଗତ ୨୦୨୪ ଏପ୍ରିଲ ୧୮ ତାରିଖ ଭୋର୍ ୫ଟାବେଳେ ସ୍ତ୍ରୀଙ୍କୁ ସ୍ୱାମୀ ସୁରେନ୍ଦ୍ର ଦଉଡ଼ି ଦ୍ୱାରା ତଣ୍ଟି ଚିପି ହତ୍ୟା କରିଥିବା ନେଇ ଗୁଣୁପୁର ଥାନାରେ ଅଭିଯୋଗ ହୋଇଥିଲା। ତେବେ ସନ୍ତୋଷୀ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ ବୋଲି ତାଙ୍କ ସ୍ୱାମୀ କହିଥିଲେ। ପୁଲିସ ସେହି ସମୟରେ ଘଟଣାକୁ ଗୁରୁତର ସହ ନେଇ ସୁରେନ୍ଦ୍ର ଶବରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ମୃତକ ମହିଳାଙ୍କ ମା'ର ଅଭିଯୋଗକୁ ଭିତ୍ତି କରି ପୁଲିସ ଦଫା ୪୯୮ (ଏ), ୩୦୨, ୨୦୧, ଧାରା ଯୌତୁକ ନିର୍ଯାତନା ମାମଲା ରୁଜୁ କରି ସୁରେନ୍ଦ୍ରକୁ କୋର୍ଟ ଚାଲାଣ କରିଥିଲେ। ଗିରଫ ହେବା ଦିନଠାରୁ ସୁରେନ୍ଦ୍ର ଜେଲ୍ ମଧ୍ୟରେ ରହି ଆସୁଥିଲେ। ଆଜି ଏହି ମାମଲାର ବିଚାର କରି ଗୁଣୁପୁର ଏଡିଜେ କୋର୍ଟର ବିଚାରପତି ଦେବଦତ୍ତ ପଟ୍ଟନାୟକ ହତ୍ୟା ମାମଲାରେ ୧୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଓକିଲ ଈଶ୍ୱର ଗମାଙ୍ଗ କେସ୍ ଲଢୁଥିଲେ।

# ବଜ୍ରାଘାତରେ ଯୁବକଙ୍କ ମୃତ୍ୟୁ

**ରାୟଗଡ଼ା,୩୦।୩ (ସମିସ):** ରାୟଗଡ଼ା ସହରରେ ଆଜି ଅପରାହ୍ନରେ ବଜ୍ରାଘାତରେ ଆମ୍ବଗୁଡା ସାହିର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଜିତୁ ନାୟକ (୧୯)। ସେ ଆମ୍ବଗୁଡାର କୃଷ୍ଣ ନାୟକଙ୍କ ପୁଅ। ସୂଚନା ଅନୁଯାୟୀ, ଆଜି ଅପରାହ୍ନରେ ରାୟଗଡ଼ା ସହର ସମେତ ନିକଟସ୍ଥ ଅଞ୍ଚଳରେ ବଜ୍ରପାତ ଓ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଅପରାହ୍ନ ପ୍ରାୟ ୪ଟା ସମୟରେ ଜିତୁ ନିଜ ଘରୁ ନିକଟସ୍ଥ ଝୋଲା ଅଞ୍ଚଳକୁ ଶୌଚ ପାଇଁ ଯାଇଥିଲେ। ତେବେ ହଠାତ୍ ବଜ୍ରପାତ ଘଟିଥିଲା। ବଜ୍ରାଘାତରେ ସେ ଆଘାତ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କ ପୋଷାକ ସହ ଶରୀରର କିଛି ଅଂଶ ପୋଡି ଯାଇଥିଲା। ସାହିର କିଛି ଲୋକ ଜିତୁକୁ ପରିବାର ଲୋକଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



# ଗଞ୍ଜେଇ କାରବାରରେ କନେଷ୍ଟବଳ ଗିରଫ

**ବୌଦ୍ଧ, ୩୦।୩ (ସମିସ):** ବୌଦ୍ଧ ପୁଲିସ ବଘିଆପଡ଼ା ଫାଣ୍ଡି ଅଧୀନ ବାରକୋଡ଼ା ଛକ ନିକଟରୁ ୧୦ କେଜି ଗଞ୍ଜେଇ ଜବତ କରିଛି। ସବୁଠାରୁ ବଡ଼ ଖବର ହେଉଛି ଜଣେ ପୁଲିସ କର୍ମଚାରୀ ହିଁ ଏଥିରେ ଧରା ପଡିଛନ୍ତି। ତେବେ ପୂର୍ବରୁ ବୌଦ୍ଧ ଜିଲ୍ଲାର ଅନେକ ପୁଲିସ କର୍ମଚାରୀ ଗଞ୍ଜେଇ ଚାରା ଚାଲାଣରେ ଜଡିତ ରହି ଧରା ପଡିଛନ୍ତି। ଏଣୁ ଏହା ନୂଆ ନୁହେଁ। ଏହି ଘଟଣାରେ ରିଜର୍ଭ କନେଷ୍ଟବଳ ବୌଦ୍ଧ ଥାନା ଜଗତୀ ଗ୍ରାମର ନିଧି ସାହୁ ଗିରଫ ହୋଇଛନ୍ତି। ବୌଦ୍ଧ ପୁଲିସର ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ବାରକୋଡା ଛକ ନିକଟରେ ଏକ ବାଇକକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ବାହାରିଥିଲା। ବାଇକ ଓ ଗଞ୍ଜେଇକୁ ଜବତ କରି ପୁଲିସ ଅଭିଯୁକ୍ତ ନିଧିଙ୍କୁ ଗିରଫ କରିଥିଲା।

# ଦେଶରେ ୨୭,୪୨୭ କିମି ପ୍ରାକୃତିକ ଗ୍ୟାସ୍ ପାଇପଲାଇନ୍

**ଭୁବନେଶ୍ୱର,୩୦।୩(ସମିସ):** ଦେଶରେ ୨୭,୪୨୭ କିଲୋମିଟର ପ୍ରାକୃତିକ ଗ୍ୟାସ୍ ପାଇପଲାଇନ୍ ନେଟ୍‌ୱର୍କ ରହିଛି। ଲଦାଖ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଲକ୍ଷଦ୍ୱୀପକୁ ଛାଡ଼ି ଅନ୍ୟ ସମସ୍ତ ରାଜ୍ୟ ଓ

**ରାଜ୍ୟସଭାରେ ସାଂସଦ ମାନସ ମଙ୍ଗରାଜଙ୍କ ପ୍ରଶ୍ନ**

କେନ୍ଦ୍ରଶାସିତ ଅଞ୍ଚଳ ଗ୍ୟାସ୍ ଗ୍ରିଡ୍ ସହିତ ସଂଯୁକ୍ତ ହୋଇଛନ୍ତି। ପାଇପ ଯୋଗେ ଗ୍ୟାସ ଯୋଗାଣର ସ୍ଥିତି ସମ୍ପର୍କରେ ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଏକ ପ୍ରଶ୍ନରେ କେନ୍ଦ୍ର ପେଟ୍ରୋଲିଅମ୍ ଓ ପ୍ରାକୃତିକ ଗ୍ୟାସ୍ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି ଯେ, ଜାତୀୟ ଗ୍ୟାସ୍ ଗ୍ରିଡ୍ କାମକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ରାଜ୍ୟ ସରକାରମାନଙ୍କ ସହ ସମନ୍ୱୟ ରକ୍ଷାକରି ବିଭିନ୍ନ ବାଧା ଦୂର କରୁଛନ୍ତି। ଜମି ଅଧିଗ୍ରହଣ, ଜଙ୍ଗଲ ଓ ପରିବେଶ ଅନୁମତି ଏବଂ ନଦୀ, କେନାଲ୍, ରେଳପଥ ଓ ଜାତୀୟ ରାଜପଥ ଅତିକ୍ରମଣ ସମ୍ବନ୍ଧୀୟ ଅନୁମୋଦନ ପାଇଁ ପ୍ରକ୍ରିୟା ଜାରି ରହିଛି। ସମ୍ପୂର୍ଣ୍ଣ ଦେଶରେ ଗ୍ୟାସ୍ ଗ୍ରିଡ୍ ବିଛାଇବା ସରକାରଙ୍କ ଲକ୍ଷ୍ୟ ରହିଛି। ଏହା ଦେଶର ଶକ୍ତି ସୁରକ୍ଷା ସହ ପରିବେଶ ଅନୁକୂଳ ଇନ୍ଧନ ବ୍ୟବହାରକୁ ବୃଦ୍ଧି କରିବ ବୋଲି ମନ୍ତ୍ରୀ କହିଛନ୍ତି।

# ଭୁଶୁଡୁଛି ମାଓଗଡ଼

## ଆତ୍ମସମର୍ପଣ କଲେ ଗରିଲା ସଦସ୍ୟା ମଙ୍ଗଦୀ

**ରାଉରକେଲା,୩୦।୩(ସମିସ):** ମାଓ ସଂଗଠନ ଛାଡ଼ି ରାଉରକେଲା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ମାଓ ଲେଡିଡନ୍ ଗରିଲା ସଦସ୍ୟା ମଙ୍ଗଦୀ ହୋନହାଗା(୧୯)।



ସିପିଆଇ ମାଓବାଦୀ ସଂଗଠନର ଦକ୍ଷିଣ ଛୋଟନାଗରା ଡିଭିଜନର ଜଣେ ସକ୍ରିୟ ଏଲଜିଏସ୍‌ଏମ୍ (ଲୋକାଲ ଗରିଲା ସ୍କ୍ୱାର୍ଡ ସଦସ୍ୟା) ଭାବେ ପରିଚିତ ମଙ୍ଗଦୀଙ୍କ ନାମରେ ବିଭିନ୍ନ ଥାନାରେ ମାଓ ହିଂସା ନେଇ ମାମଲା ରହିଥିଲା। ଏନେଇ ସୋମବାର ରାଉରକେଲା ପୁଲିସ ମୁଖ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ଏସ୍‌ପି ନୀତେଶ ୱାଧୱାନୀ ସୂଚନାଦେଇ କହିଥିଲେ; ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଜିଲ୍ଲାର ବାସିନ୍ଦା ମଙ୍ଗଦୀ ମାଓନେତା ଅନମୋଲ ଓରଫ୍ ସୁଶାନ୍ତଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସଂଗଠନରେ ସାମିଲ ହୋଇଥିଲେ। ସେ ସରଣ୍ଡା ସଂରକ୍ଷିତ ଜଙ୍ଗଲ ଅଞ୍ଚଳକୁ ସିପିଆଇ (ମାଓବାଦୀ) ଙ୍କୁ ରାସନ, ଖାଦ୍ୟ ସାମଗ୍ରୀ ସଂଗ୍ରହରେ ସହାୟତା କରିବା ସହ ଲଜିଷ୍ଟିକ୍ ସପୋର୍ଟ ଦେଇ ଆସୁଥିଲେ। ପରେ ଏସିଏମ୍ ଜୟକାନ୍ତ ଓରଫ୍ ଗୁଙ୍ଗା, ପାର୍ଟି ସଦସ୍ୟ ବିରସା ଓରଫ୍ ଜାଲୁଏ ଓ ମୁନିରାମ ଅନମୋଲ ସହିତ ମଙ୍ଗଦୀ ସମ୍ପର୍କ ରଖୁଥିଲେ। ୨୦୨୬ ଜାନୁଆରୀ ୨୧ରେ କୁମଡିହି ଜଙ୍ଗଲରେ ସୁରକ୍ଷା ବାହିନୀ ଓ ମାଓବାଦୀମାନଙ୍କ ମଧ୍ୟରେ ଘଟିଥିବା ଏନ୍‌କାଉଣ୍ଟର ସମୟରେ ମଙ୍ଗଦୀ ଅନ୍ୟ ଦୁଇଜଣଙ୍କ ସହିତ ପଳାଇ ଯାଇ ଜଙ୍ଗଲରେ ଲୁଚି ରହିଥିଲେ।

ସେ ବାଙ୍କୋ ପଥରଖଣି ବିସ୍ଫୋରକ ଲୁଟ୍ ଘଟଣାରେ ମଧ୍ୟ ଜଡ଼ିତ ଥିଲେ। ରାଉରକେଲା ପୁଲିସ୍ ତାଙ୍କ ବିଷୟରେ ସୂଚନା ପାଇବା ପରେ ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ। ମାଓବାଦୀ ଚିନ୍ତାଧାରା ପ୍ରତି ନିରାଶା, ଶାରୀରିକ ଓ ମାନସିକ ଉତ୍ପୀଡ଼ନର ସମ୍ମୁଖୀନ ହେବା ଏବଂ ଓଡ଼ିଶା ସରକାରଙ୍କ ଆତ୍ମସମର୍ପଣ ନୀତି ଓ ସୁରକ୍ଷା ଅଭିଯାନର ପ୍ରଭାବରେ ସେ ସୂତ୍ରମାନଙ୍କ ସହଯୋଗରେ ରାଉରକେଲା ପୁଲିସ୍ ସମ୍ମୁଖରେ ଆତ୍ମସମର୍ପଣ କରିଥିଲେ।

ଏସ୍‌ପି ଶ୍ରୀ ୱାଧୱାନୀ କହିଛନ୍ତି; ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ ମଙ୍ଗଦୀଙ୍କ ନାମରେ କେ. ବାଲାଙ୍ଗ ଥାନା ଅଧୀନସ୍ଥ ବାଙ୍କୋ ପଥରଖଣି ବିସ୍ଫୋରକ ଲୁଟ୍ ମାମଲା, କେ. ବାଲାଙ୍ଗ ଥାନା ଅଧୀନ ଦୁଇଟି ପୋଷ୍ଟରିଂ ମାମଲା, ରାଙ୍ଗଡ଼ା ରେଳପଥ ଆଇଇଡି ବିସ୍ଫୋରଣ ମାମଲା ଏବଂ ବାଙ୍କୋରେ ସିଆରପିଏଫ୍ ଆଇଇଡି ବିସ୍ଫୋରଣ ମାମଲା ରହିଥିଲା। ତେବେ ମଙ୍ଗଦୀ ମାଓବାଦୀ ଆଦର୍ଶ ପ୍ରତି ଅତିଷ୍ଠ ହୋଇ ମୁଖ୍ୟସ୍ରୋତକୁ ଫେରିବାକୁ ନିଷ୍ପତ୍ତି ନେବାସହ ଓଡ଼ିଶା ସରକାରଙ୍କ ଆତ୍ମସମର୍ପଣ ଓ ଥଇଥାନ ନୀତି ଦ୍ୱାରା ପ୍ରଭାବିତ ହୋଇ ସେ ଶାନ୍ତିରପଥ ବାଛି ନେଇଥିବା ଏସ୍‌ପି କହିଛନ୍ତି। ମଙ୍ଗଦୀଙ୍କ ପାଇଁ ପୁରସ୍କାର ଓ ପୁନର୍ବାସ ଯୋଜନା ଅଧୀନ 'ବି' ଶ୍ରେଣୀରେ ଆସୁଥିବାବେଳେ ଆତ୍ମସମର୍ପଣକାରୀଙ୍କୁ ସର୍ବମୋଟ ୨,୬୫,୦୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏଥିସହିତ ପୁନର୍ବାସ ଯୋଜନା ଅନୁସାରେ ବିବାହ, କୌଶଳ ଉନ୍ନୟନ (ସ୍କିଲିଂ), ସ୍ୱାସ୍ଥ୍ୟକାର୍ଡ ଇତ୍ୟାଦି ସମ୍ବନ୍ଧୀୟ ସୁବିଧାମାନେ ମଧ୍ୟ ପ୍ରଦାନ କରାଯିବ ବୋଲି ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଆତ୍ମସମର୍ପଣ କଲେ ସଚିବ ଚେଲୁରୀ ନାରାୟଣ ରାଓଙ୍କ ସହ ୮ ମାଓବାଦୀ



**ମାଲକାନଗିରି, ୩୦।୩(ସମିସ):** ଆନ୍ଧ୍ର-ଓଡ଼ିଶା ବର୍ଡର ଜୋନାଲ ମାଓ କମିଟି ମୂଳପୋଛ ହୋଇଛି। କମିଟିର ସଚିବ ତଥା କେନ୍ଦ୍ରୀୟ ମାଓ କମିଟି ସଦସ୍ୟ ଚେଲୁରୀ ନାରାୟଣ ରାଓଙ୍କ ସହ ୮ ଜଣ ମାଓବାଦୀ ଆଜି ଆତ୍ମସମର୍ପଣ କରିଛନ୍ତି। ଏମାନେ ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶର ବିଜୟୱାଡା ଠାରେ ଆନ୍ଧ୍ର ଡିଜିପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ଆତ୍ମସମର୍ପଣ କାରୀ ମାଓବାଦୀ ମାନେ ୨ଟି ଇନ୍‌ସାସ ସହ ୧୯ଟି ବନ୍ଧୁକ ମଧ୍ୟ ପୁଲିସକୁ ହସ୍ତାନ୍ତର କରିଛନ୍ତି। ତେବେ ଆନ୍ଧ୍ର-ଓଡ଼ିଶା ବର୍ଡର ସ୍ପେଶାଲ ଜୋନାଲ କମିଟିର ସଚିବ ଥିଲେ ଚେଲୁରୀ ନାରାୟଣ ରାଓ ଓରଫ ସୁରେଶ। ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ମୋଷ୍ଟ ୱାଣ୍ଟେଡ଼ ତାଲିକାରେ ମଧ୍ୟ ତାଙ୍କ ନାମ ଥିଲା।

ଓଡ଼ିଶା ସରକାର ତାଙ୍କ ନାମରେ କୋଟିଏ ଟଙ୍କାର ପୁରସ୍କାର ରଖିଥିଲେ। କେନ୍ଦ୍ର ସରକାର ମାର୍ଚ୍ଚ ୩୧ ତାରିଖ ଯାଏଁ ମାଓ ସଂଗଠନକୁ ମୁଖ୍ୟସ୍ରୋତରେ ସାମିଲ ପାଇଁ ସମୟ ସୀମା ଦେଇଥିବା ବେଳେ ଏହି ସମୟ ମଧ୍ୟରେ ସଂଗଠନର ଅନେକ ବଡ଼ ବଡ଼ କ୍ୟାଡର ମାଓବାଦୀ ଆତ୍ମସମର୍ପଣ କରିବା ସଙ୍ଗଠନର ପତନକୁ ସୂଚାଉଛି।

ସକାଳ
THE SAKALA



### ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

# ଅଭିଯୋଗ ମାଳମାଳ; ସମାଧାନ ଶୂନ

ଶେରଗଡ,୩୦ ।୩(ସମିସ)




ଶେରଗଡ ବ୍ଲକରେ ଦ୍ୱିତୀୟଥର ଜିଲ୍ଲାପାଳଙ୍କ ଜନଶୁଣାଣୀ ଅନୁଷ୍ଠିତ ହୋଇଛି । କେଉଁଠି ସମାଧାନ ଶିବିରରେ ଆରକ୍ଷୀ ଅଧୀକ୍ଷକ ଉପସ୍ଥିତ ରହୁନାହାନ୍ତି ତ ଆଉ କେଉଁଠି ସମାଧାନ ଆଶାରେ ଦୌଡି ଆସୁଥିବା ଅଭିଯୋଗ କାରୀଙ୍କ ଅଭିଯୋଗ ସମାଧାନ ହେଉନଥିବାରୁ ଧିରେ ଧିରେ ଅଭିଯୋଗ ଶୁଣାଣିକୁ ନେଇ ସାଧାରଣ ଲୋକ ଆସିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ସୋମବାର ଅନୁଷ୍ଠିତ ଜନଶୁଣାଣୀରେ ଜନୈକ ସରପଞ୍ଚ ଓ ସମିତି ସଭ୍ୟ ପ୍ରକାଶ କରି କହିଛନ୍ତି ଯେ, ଗତଥର ଗୋଟିଏ ଅଭିଯୋଗକୁ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ । ଇତି ମଧ୍ୟରେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ସେହି ସମସ୍ୟାର ସମାଧାନ ନହେବାରୁ ଆଜି ପୁଣି ବିଗତ ଅଭିଯୋଗର ପୁନରାବୃତ୍ତି କରି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆସିଥିଲୁ । ସମସ୍ୟାକୁ ନେଇ ବାରମ୍ବାର ଜଣାଇଲେ ମଧ୍ୟ ସମାଧାନ ହେଉନଥିବାରୁ ଏହା ଏକ ପ୍ରହସନ ବୋଲି ପ୍ରକାଶ କରିଛନ୍ତି । ଆଜିର ଶିବିରରେ ୧୧୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେମଧ୍ୟରୁ ୮୩ଟି ବ୍ୟକ୍ତିଗତ ହୋଇଥିଲା ବେଳେ ୨୭ଟି ଗୋଷ୍ଠୀ ଭିତ୍ତିକ ଥିଲା । ୧ଟି ଅଭିଯୋଗ ତ୍ୱରିତ ସମାଧାନ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ସେହିପରି ରେଡକ୍ରସ ପାଣ୍ଠିରୁ ୬ ଜଣଙ୍କୁ ୪୫ ହଜାର ଟଙ୍କା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭି.କିର୍ତ୍ତି ଭାସନଙ୍କ ସହିତ ପିଡି ଡିଆରଡିଏ ସମୀର କୁମାର ଜେନା, ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୀମା ସ୍ୱାଇଁ, ସ୍ଥାନୀୟ ବିଡିଓ ତୃପ୍ତିମୟୀ ଜେନା, ତହସିଲଦାର ତ୍ରିଦେବ ରଥଙ୍କ ସହିତ ଜିଲ୍ଲା ଏବଂ ବ୍ଲକର ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ବେଆ ନ କରତକଳ ଉପରେ ଫ୍ଲାଇସର ଚ ଉ



କବିସୂର୍ଯ୍ୟନଗର, ୩୦।(ସମିସ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ତଥା ପୋଲସରା ବନଖଣ୍ଡ ଅଧୀନରେରେ ଥିବା ଅର୍ଜୁନପଲି ଗ୍ରାମରେ ଆଜି ସନ୍ଧ୍ୟାରେ ଅଚାନକ ପୋଲିସ ପ୍ରଶାସନ ଓ ବନ ବିଭାଗ ର ଅଧିକାରୀ ମାନେ ଚଢାଉ କରିଛନ୍ତି । ଏହି ଚଢାଉ ଗ୍ରାମ ର ବେଆଇନ କରତକଳ ଉପରେ ହୋଇଥିବାର ଖବର ମିଳିଥିବା ବେଳେ ଗଲା ଅନେକ ବର୍ଷ ଗ୍ରାମର ବିଦ୍ୟାଳୟ ସମ୍ମୁଖରେ ବେଆଇନ କରତକଳ ଚାଲୁରହିଥିଲା । ଏହି ଚଢାଉ ରେ ବହୁତ ପରିମାଣର ନନସେଲ କାଠ ସହ କରତକଳର ସରଞ୍ଜାମ ଜବତ ହୋଇଥିବାର ଖବର ମିଳିଛି । ଚଢାଉରେ କବିସୂର୍ଯ୍ୟନଗର ଥାନାର ନୂତନ ଆଇପିଏସ ଅଫିସର ନୀତେଶ କୁମାର ମିଶ୍ରଙ୍କ ତତ୍ୱାବଧାନରେ ପୁଲିସ ଓ ବନ ବିଭାଗର ବହୁ ବରିଷ୍ଠ ଅଧିକାରୀ ମାନେ ସାମିଲ ହୋଇଥିବାର ଖବର ମିଳିଛି । ତେବେ ମୂଲ୍ୟବାନ କାଠ ଅନ୍ୟ ସ୍ଥାନରେ ରହିଥିବା ନେଇ ଖୋଳତାଡ଼ କରୁଛି ପୋଲିସ ।

## ସୁନାପ ୀପାହା ୁ ବିପୁଳ ପରିମାଣର ବି ାରକ ଜବତ

ଆସିକା,୩୦ ।୩(ସମିସ): ଆସିକା ରାଜସ୍ୱ ବିଭାଗ ଅଧୀନସ୍ଥ କୋଟିନଡ଼ା ଥାନା ଅଞ୍ଚଳର ସୁନାପଲ୍ଲୀ ପାହାଡ଼ ଉପରୁ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଛି । ତହସିଲ ପକ୍ଷରୁ ଲିଜ ନଥିବା ଏହି ପାହାଡ଼ ନିକଟରେ ବେଆଇନ ପଥର ବ୍ଲାଷ୍ଟିଙ୍ଗ ହେଉଥିବା ଖବର ପାଇ କବିସୂର୍ଯ୍ୟନଗର ଥାନାରେ କାର୍ଯ୍ୟରତ ପ୍ରବେଶନାରୀ ଅଧିକାରୀ ନୀତେଶ ମିଶ୍ର ଏବଂ ତାଙ୍କ ଟିମ ଏବଂ କୋଟିନଡା ଥାନା ଅଧିକାରୀ ଦାମୋଦର



ବିହାରୀ ଏବଂ ତାଙ୍କ ଟିମ ପହଞ୍ଚି ଥିଲେ । ଉକ୍ତ ପଥର ବ୍ଲାଷ୍ଟିଙ୍ଗ ପାଇଁ ବ୍ୟବହୃତ ସାମଗ୍ରୀକୁ ଜବତ କରିଥିବା ବେଳେ ଏଠାରେ ଥିବା କର୍ମଚାରୀ, ଶ୍ରମିକ କିମ୍ବା ମାଲିକଙ୍କ ଦେଖାମିଳି ନଥିଲା । କୋଟିନଡା ଥାନା କେସ ନମ୍ବର ୧୦୪ /୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଦାମୋଦର ବିହାରୀ ପ୍ରକାଶ କରିଛନ୍ତି ।

## ୧୧ ପଦକ ଜିତିଲେ ଗଞ୍ଜାମର ୩ ଖେଳାଳି

ଛତ୍ରପୁର,୩୦ ।୩(ସମିସ): ରାଜସ୍ଥାନର ଜୟପୁର ଠାରେ ଅନୁଷ୍ଠିତ ଦ୍ୱିତୀୟ ଜାତୀୟ ପାରା ଅସିଚାଳନା ପ୍ରତିଯୋଗିତାରେ ଦଶରୁ ଅଧିକ ପଦକ ଜିତିଛନ୍ତି ଗଞ୍ଜାମର ୩ ଖେଳାଳି । ଛତ୍ରପୁର ଗିଲିଟିପେଟା ସାହିର ସୁନାମଧନ୍ୟ ଖେଳାଳୀ ଭି. ରମେଶ ରାଓ ପୁରୁଷ ଇପି ଓ ଫଏଲ୍ ଦଳ ପକ୍ଷରୁ ସ୍ୱର୍ଣ୍ଣ, ଇପି ଏକକ ବର୍ଗରେ ରୌପ୍ୟ ଓ ଫଏଲ୍ ଏକକ ବର୍ଗରେ ବ୍ରୋଞ୍ଜ ସମେତ ୪ ପଦକ ହାସଲ




କରିଛନ୍ତି । ସେହିପରି ମାଳତି ପନୁରେ ଏକକ ବର୍ଗ ଫଏଲ୍, ସବ୍‌ରେ, ଇପି ଓ ମହିଳା ଫଏଲ୍ ଟିମ୍‌ରେ ମୋଟ ୪ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ଏହା ସହ ସହ ମହିଳା ଇପି ଦଳ ଓ ସବ୍‌ରେ ବର୍ଗରେ ରୌପ୍ୟ ପଦକକୁ ମିଶାଇ ସମୁଦାୟ ୬ଟି ପଦକ ହାସଲ କରିଛନ୍ତି । ସେହିପରି ପୁରୁଷ ଫଏଲ୍ ଟିମ୍‌ରେ ପୂର୍ଣ୍ଣଚନ୍ଦ୍ର ସେଠୀ ସ୍ୱର୍ଣ୍ଣପଦକ ଜିଣିଛନ୍ତି । ଏହି ସଫଳତା ପରେ ବିଭିନ୍ନ ମହଲରୁ କ୍ରୀଡ଼ାବିତଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

### ହୋମଗାର୍ଡ ପରୀକ୍ଷାରେ ଅନିୟମିୟତା ଅଭିଯୋଗ

## ଗଞ୍ଜାମ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ



ଛତ୍ରପୁର, ୩୦ ।୩(ସମିସ): ଗଞ୍ଜାମ ପୁଲିସ ଜିଲ୍ଲା ହୋମଗାର୍ଡ ପରୀକ୍ଷାରେ ଅନିୟମିୟତା ହୋଇଥିବା ଅଭିଯୋଗ ହୋଇଛି । ଗଞ୍ଜାମ ପୁଲିସ ଜିଲ୍ଲାର ବିଭିନ୍ନ ଥାନା ଅଧୀନରେ ଫର୍ମ ପୂରଣ କରି ପରୀକ୍ଷା ଦେଇଥିବା ପ୍ରାର୍ଥୀ ମାନେ ଫଳାଫଳ ପ୍ରକାଶ ପରେ ଅନାମିୟତା ହୋଇଥିବା ନେଇ ମେରିଟ ଲିଷ୍ଟରୁ ବାଦ ପଡ଼ିଥିବା ପ୍ରାର୍ଥୀ ମାନେ ଅଭିଯୋଗ କରିଛନ୍ତି । ବହୁ ଯୋଗ୍ୟ ପ୍ରାର୍ଥୀ ମେରିଟ ଲିଷ୍ଟରୁ ବାଦ ପଡିଛନ୍ତି । ପ୍ରାର୍ଥୀ ମାନେ ପୁଲିସ ଷ୍ଟେସନ ଅଧୀନରେ ଫର୍ମ ଫିଲପ କରିଥିଲେ । କିନ୍ତୁ ଜିଲ୍ଲାସ୍ତରରେ ଫଳାଫଳ ପ୍ରକାଶ ପାଇଛି । ମାର୍କ ଲିଷ୍ଟ ନ ଦେଖାଇ ଫଳାଫଳ ଘୋଷଣା କରାଯିବା, ମେରିଟ ଲିଷ୍ଟରେ ନାମ ଥିବା ପିଲାଙ୍କ ଗୋଟାଏ ଦିନରେ ଟ୍ରେନିଂ ଓ ତାଲିମ ପ୍ରଦାନ କରାଯିବା, ଜିଲ୍ଲା ସ୍ତରରେ ଚୟନ ବେଳେ ମେରାଇନ ପିଲାଙ୍କୁ ଜିଲ୍ଲାସ୍ତରରେ ଚୟନ ନ କରାଯିବା, କମ୍ପ୍ୟୁଟର ଟ୍ରେଡ଼ର ପିଲାଙ୍କୁ ସୁଇପର ଟ୍ରେଡ଼ରେ ନିଯୁକ୍ତି ପ୍ରଦାନ କରିବା ପରି ଅଲଗା ଟ୍ରେଡ଼ର ପିଲାଙ୍କୁ ଅଲଗା ଟ୍ରେଡ଼ରେ ନିଯୁକ୍ତି ପ୍ରଦାନ କରା ନଯିବା, ଭାରି ଜାନ ଥିବା ପ୍ରାର୍ଥୀଙ୍କୁ ବାଦ ପକାଇ ହାଲୁକା ଜାନ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବାକୁ ସେମାନେ ବିରୋଧ କରିବା ସହିତ ଏହି ଚୟନ ପ୍ରକ୍ରିୟାରେ ଅନାମିୟତା ହୋଇଥିବା ଅଭିଯୋଗ କରିଥିଲେ । ଗଞ୍ଜାମ ଏସପିଙ୍କ ଅନୁପସ୍ଥିତିରେ ଅତିତିକ୍ତ ଏସପି ଚିନ୍ମୟ କୁମାର ନାୟକଙ୍କୁ ଭେଟି ସୁତମା କୁମାରୀ ବେହେରା, ଆଲୋକ କୁମାର ମହାନ୍ତି, ରମେଶ ବେହେରା ପ୍ରମୁଖ ଅଭିଯୋଗ କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି ।

## ମୃତ ଛାତ୍ରୀଙ୍କ ପରିବାରକୁ ସହାୟତା ଦାବି

ଦିଗପହଣ୍ଡି,୩୦ ।୩(ସମିସ): ଦିଗପହଣ୍ଡି ବ୍ଲକ ଚାଙ୍ଗଡାପଲ୍ଲୀ ଗ୍ରାମର ମେଧାବୀ ଛାତ୍ରୀ ରେଶ୍ମା ଭୋଳ (୨୧) ଶୁକ୍ରବାର ବଜ୍ରାଘାତରେ ମୃତ୍ୟୁବରଣ କରିଥିଲେ । ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଗ୍ରାମର ବାପିନି ଭୋଳଙ୍କ ସାନଝିଅ ରେଶ୍ମା ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜରେ ୨୦୨୫ରେ ଯୁକ୍ତ ୩ ପାସ୍ କରିବା ପରେ ବିଭିନ୍ନ କମ୍ପିଟେଟିଭ ପରୀକ୍ଷା ନିମନ୍ତେ ଘରେ ରହି ପ୍ରସ୍ତୁତ ହେଉଥିଲେ । ଶୁକ୍ରବାର ବି.ଏଡ୍ ଏଣ୍ଟ୍ରାନ୍ସର ଫର୍ମପୂରଣ ପାଇଁ ଗାଁରୁ ଦିଗପହଣ୍ଡି ସ୍ଥିତ ଏକ ଜନସେବାକେନ୍ଦ୍ରକୁ ଆସିଥିଲେ । କାମସାରି ଗାଁକୁ ଫେରିବା ପାଇଁ ଦିଗପହଣ୍ଡି -ଆସିକା ରାସ୍ତାର ବସଷ୍ଟପରେ ଅପେକ୍ଷା କରିଥିଲେ । ଏତିକିବେଳେ ବର୍ଷା ପବନ ହେବାରୁ ସେ ଶ୍ରୀମୁକ୍ତେଶ୍ୱର ଶୈବପୀଠ ପରିସରକୁ ଚାଲି ଚାଲି ଯାଉଥିଲେ । ତେବେ ସେହି ସମୟରେ ବଜ୍ରପାତ ହେବାରୁ ସେ ଗୁରୁତର ହୋଇଥିଲେ । ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରୁ ତାଙ୍କୁ ପରିବାର ଲୋକେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ଏତଲା ହେବାପରେ ଥାନା ଆଇଆଇସି କିଶୋର କୁମାର ସାମଲ ଅପମୃତ୍ୟୁ ମାମଲା ନଂ.୧୬/୨୬ ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲେ । ବ୍ୟବଚ୍ଛେଦ କରାଯିବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଏନେଇ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁଙ୍କୁ ପଚାରିବାରୁ ଖବର ପାଇଛି । ତଦନ୍ତ ପରେ ସତ୍ୟତା ଥିଲେ ବ୍ୟବଚ୍ଛେଦ ରିପୋର୍ଟକୁ ଆଧାର କରି ଅନୁକମ୍ପାମୂଳକ ସରକାରୀ ସହାୟତା ପାଇଁ ଗଞ୍ଜାମ ଜିଲାପାଳଙ୍କୁ ସୁପାରିଶ କରିବେ ବୋଲି କହିଛନ୍ତି ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ପୋଲସରା,୩୦ ।୩(ସମିସ): ପୋଲସରା ବ୍ଲକର ନିମିନା ପଞ୍ଚାୟତରେ ଜନଶୁଣାଣି ବିଡିଓ ଶଶିଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ତହସିଲଦାର ଦିପ୍ତିମୟୀ ପାତ୍ର, ଅତିରିକ୍ତ ପଞ୍ଚାୟତ ସମିତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୋନମ୍ ବେହେରା, ସି.ଡି. ପି.ଓ ତିଲୋତ୍ତମା ରାଉତ, ସରପଞ୍ଚ ମାମାଜିନି ସାହୁ, ମେଡିକାଲ ଡାକ୍ତର ସୁବ୍ରମୟି ପାଢ଼ୀ ଯୋଗଦେଇ ସମସ୍ତଙ୍କର ଅଭିଯୋଗ ଗ୍ରହଣ କରିଥିଲେ । ଏହି ଅବସରରେ ମୋଟ୍ ୨୯ ଜଣଙ୍କ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଖାଦ୍ୟ ଯୋଗାଣ ଅଧିକାରୀ ସନ୍ଦୀପ କୁମାର ବେହେରା, ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ସ୍ୱରୁପ ତ୍ରିପାଠୀ, ବ୍ଲକ ଯନ୍ତ୍ରୀ ଇନ୍ଦ୍ରମଣି ସାହୁ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଦିପ୍ତିରାଣୀ ଦେହୁରୀ, ଗ୍ରାମ୍ୟ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜିବ ପାତ୍ର, ବିଭିଓ ଡଃ ଭକ୍ତଚରଣ ଦଳାଇ, ବରିଷ୍ଠ ରାଜସ୍ୱ ସହାୟକ ଗିରିଜା ଶଙ୍କର ମିଶ୍ର, ବନପାଳ କାର୍ତ୍ତିକ ସାହୁ, ସମିତି ସଭ୍ୟଙ୍କ ପ୍ରତିନିଧି ନିଲୁ ସାହୁ, ପୂର୍ବତନ ସରପଞ୍ଚ ପ୍ରତିନିଧି ଲଡୁ କିଶୋର ସାହୁ, ସରପଞ୍ଚ ପ୍ରତିନିଧି ତାପସ କୁମାର ସାହୁ ସମେତ ଅନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣୟ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ ଜନଶୁଣାଣି ଅଧିକାରିଣୀ ଲିପ୍ସା ରାଣୀ ଭଞ୍ଜ, ଏଡିଓ ରବିନ୍ଦ୍ର କୁମାର ସାହୁ ପ୍ରମୁଖଙ୍କ ସମେତ ଅଙ୍ଗନବାଡ଼ି ଓ ଆଶାକର୍ମୀ ଏବଂ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

**କୋଦଳା**: ବେଗୁନିଆପଡ଼ା ବ୍ଲକ୍ ଷଣ୍ଢମୂଳ ପଞ୍ଚାୟତରେ ଅଭିଯୋଗ ଶୁଣାଣୀ ହୋଇଯାଇଛି । ବେଗୁନିଆପଡ଼ା ବିଡିଓ ଦିବ୍ୟ ରଞ୍ଜନ ବିଶ୍ୱାଳ, ଏବିଡିଓ ନିରଞ୍ଜନ ବେହେରା, ସରପଞ୍ଚ ପ୍ରଶାନ୍ତ କୁମାର ପରିଡା, ଜିପିଡିଓ ସୁଧିର ପ୍ରଧାନ, ବିଇଓ ରୁଦ୍ର ନାରାୟଣ ସାହୁ, ବିଭିଓ ଭବାନୀ ଶଙ୍କର ତ୍ରିପାଠୀ, ଏପିଓ ରଞ୍ଜନ ନାହାକ, ପିଇଓ ପୂର୍ଣ୍ଣଚନ୍ଦ୍ର ବଡ଼ମୁଣ୍ଡି, ଏଡିଓ ବଳରାମ ସାହୁ, ଯୋଗାଣ ସହାୟକ ପ୍ରଶାନ୍ତ କୁମାର ବେହେରା, ଜଳ ଓ ପରିମଳ ସହକାରୀ ଯନ୍ତ୍ରୀ ମମତା ପଣ୍ଡା, ଯନ୍ତ୍ରୀ ଶୁଭଶ୍ରୀ



ମହାରଣା, ଯୋଗାଣ ଅଧିକାରୀ ବାଦଲ ବେହେରା, କୃଷି ଅଧିକାରୀ ରାମଲାଲ ସାମଦ, ବିପିସି ଚନ୍ଦ୍ର ଶେଖର ବେହେରା, ବିଏଲସି ଦେବରାଜ ବେହେରା, ବିପିଏମ ଜ୍ଞାନ ରଞ୍ଜନ ରାଉତ, ଡବ୍ଲ୍ୟୁଇ ଓ ସ୍ୱାଗତିକା ରାଉତ, ଏପିଓ ରଞ୍ଜନ କୁମାର ନାହାକ ବିଦ୍ୟୁତ ଯନ୍ତ୍ରୀ ଭବାନୀ ଶଙ୍କର ପାଣିଗ୍ରାହୀ, ଯନ୍ତ୍ରୀ ସ୍ମୃତିରେଖା ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ମୋଟ ୧୧ଟି ଅଭିଯୋଗ ଆଗତ ହୋଇଥିଲା ।

**ଆସିକା**: ଆସିକା ବ୍ଲକର ୨୭ଟି ପଞ୍ଚାୟତ ମାନଙ୍କରେ ପ୍ରଥମ ପର୍ଯ୍ୟାୟର ଅଭିଯୋଗ ଶୁଣାଣି ଶେଷ ହୋଇଥିଲା । ବର୍ତ୍ତମାନ ଦ୍ୱିତୀୟ ରାଉଣ୍ଡରେ ଗତ ଥର ଅପେକ୍ଷା ଚଳିତ ଥର କମ ଅଭିଯୋଗ ନେଇ ଲୋକ ମାନେ ଶୁଣାଣି କେନ୍ଦ୍ରକୁ ଆସୁଥିଲେ । ଗତ ୦୮/୦୯/୨୬ରେ ପ୍ରଥମ ପର୍ଯ୍ୟାୟର ଅଭିଯୋଗ ଶୁଣାଣି ବେଳେ ୭୧ ଜଣ ଅଭିଯୋଗ କରିଥିଲେ । ସେହି ଭଳି ଆଜି ଅଭିଯୋଗ ସଂଖ୍ୟା ମାତ୍ର ୨୯ ରେ ପହଂଚିଛି । କାର୍ଯ୍ୟକ୍ରମରେ ଆସିକା ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବେହେରା, ଏଟିଓ ଅମରେଶ ସାବତ, ସରପଞ୍ଚ ଦୁର୍ଗାପ୍ରସାଦ ବେହେରା, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳ ବେହେରା, ପୁଲିସ, ପିଇଓ, ଏଡିଇଓ, ଯୋଗାଣ ସହାୟକ, ଜେଇ ଓ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ । ପୂର୍ବରୁ ଏହି ବଡ଼ ଖୋଲି ପଞ୍ଚାୟତରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ନେଇ ସ୍ଥାନୀୟ ପଞ୍ଚାୟତବାସି ଅଭିଯୋଗ କରିଥିଲେ । କିନ୍ତୁ ଦୁର୍ନୀତିର ଗନ୍ଧ ବାରିବା ତ ଦୂରର କଥା ପ୍ରଶାସନ ଏଠି ସ୍ଥାଣୁ ପାଲଟି ଯାଇଛି ।

## ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଭେଟିଲେ ବିଧାୟକ ପ୍ରତିନିଧି

ବେଲଗୁଣ୍ଠା, ୩୦ ।୩(ସମିସ): ଗତ କିଛିଦିନ ତଳେ ବେଲଗୁଣ୍ଠା ପାନ କିଆରି ନିକଟରେ ଏକ ମୋଟରସାଇକେଲ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ବେଲଗୁଣ୍ଠାର ମଙ୍ଗୁଲୁ ସ୍ୱାଇଁ ପ୍ରଥମେ ବ୍ରହ୍ମପୁର ଓ ପରେ ଭୁବନେଶ୍ୱର ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଥିଲେ । ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ପରେ ମଙ୍ଗୁଲୁ ଘରକୁ ଫେରିଥିଲେ । ଖବର ପାଇ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ ମଙ୍ଗୁଲୁଙ୍କ ଘରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ଶ୍ରୀ



ନାୟକଙ୍କ ସହିତ ବେଲଗୁଣ୍ଠା ସାଂସଦ ପ୍ରତିନିଧି ତଥା ବିଜେପି ମଣ୍ଡଳ ସଭାପତି ନାରାୟଣ ସାହୁ, ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟନାରାୟଣ ତ୍ରିପାଠି, ବେଲଗୁଣ୍ଠା ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଶଙ୍କର ପାତ୍ର, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଯୁବ ବିଜେପି ନେତା ଆଲୋକ ସାହାଣି, ଯୁବ ସଂଗଠକ ମନୋଜ ଦଳେଇ, ସାମ୍ବାଦିକ ଶିବରାମ ଚୌଧୁରୀ, ତନରଡା ମଣ୍ଡଳ ଯୁବ ସଭାପତି ମନ୍ମୟ ଖଟେଇ, ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ସାହୁ, ଯୁବ ସ୍ୱେଚ୍ଛାସେବୀ ରଞ୍ଜିତ୍ ଗୌଡ଼ ଓ ଟୁକୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## କାର୍-ବୁଲେଟ ମୁହାଁମୁହିଁ ଧକ୍କା; ଜଣେ ମୃତ

ଖଲ୍ଲିକୋଟ,୩୦ ।୩(ସମିସ): ଖଲ୍ଲିକୋଟ ବ୍ଲକ ତଥା କୋଦଳା ଥାନା ଅନ୍ତର୍ଗତ ପୁସ୍ତପୁର ନିକଟରେ ଆଜି କାର୍ ଓ ବୁଲେଟ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ଭାଟପଡ଼ା ଗ୍ରାମର ଭୋଳା ସ୍ୱାଇଁ ଓ ଗୁରୁତର ଜଣଙ୍କ ରୁଦ୍ର ସ୍ୱାଇଁ ବୋଲି ଜଣାପଡିଛି । ଆଜି ପୂର୍ବାହ୍ନରେ ଭୋଳା ଓ ରୁଦ୍ର ତାଳପଡ଼ା ଗ୍ରାମରୁ ଏକ ବୁଲେଟ ଯୋଗେ ଭାଟପଡ଼ା ଅଭିମୁଖେ ଯାଉଥିଲେ । ଏହି ସମୟରେ ହଠାତ ପୁସ୍ତପୁର ଗ୍ରାମ ନିକଟରେ ଏକ କାର୍ ସହ ବୁଲେଟ ମୁହାଁମୁହିଁ ହୋଇଥିଲା । ଫଳରେ ଭୋଳା ଓ ରୁଦ୍ର ଗୁରୁତର ହୋଇଥିଲେ । ଉଭୟଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ଭୋଳା ସ୍ୱାଇଁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତ୍ୟୁ ଖବର ଶୁଣି ମେଡ଼ିକାଲ ପରିସରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଖବର ସଂଗ୍ରହ ସୁଦ୍ଧା ରୁଦ୍ର ଖଲ୍ଲିକୋଟ ମେଡ଼ିକାଲରେ ଚିକିତ୍ସାଧୀନ ଅଛନ୍ତି । ସେପଟେ ପୁଲିସ କାର୍ ଓ ବୁଲେଟକୁ ଜବତ କରି ଘଟଣାର ତଦନ୍ତ କରୁଛି ।

## ଡିଏସ୍‌ଆର୍ କଲ୍‌ଚରରାଲ ଏଣ୍ଡ ଚାରିଟେବଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

ଛତ୍ରପୁର, ୩୦ ।୩(ସମିସ): ସ୍ଥାନୀୟ ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ଡ଼ି ଏସ ଆର କଲଚରରାଲ ଏଣ୍ଡ ଚାରିଟେବଲ ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଉତ୍ସବ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦକ ଏମ.ରବୀନ୍ଦ୍ର ରେଡ୍ଡୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜିଲ୍ଲା ସଂସ୍କୃତି ଅଧିକାରୀ ଅତିତି ଆଚାର୍ଯ୍ୟ, ସମ୍ମାନିତ ଅତିଥି ରୂପେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ନିକୁଞ୍ଜ ବିହାରୀ ଦାସ, ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ଅରୁଣ କୁମାର ଶତପଥି ଯୋଗଦେଇଥିଲେ । ସମସ୍ତ ଅତିଥିମାନଙ୍କୁ ଅନୁଷ୍ଠାନର ସଭାପତି ତଥା ଅଭିନୟ କଳାକାର ମନୋଜ କୁମାର ଆଚାର୍ଯ୍ୟ ମଞ୍ଚ ଉପରକୁ ପାଛୋଡ଼ି ନେଇଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ମୁଖ୍ୟ ତଥା ଅଭିନେତା ଟି.କ୍ରିଷ୍ଣା ମୋହନ ରେଡ୍ଡୀ ଏବଂ ଅନ୍ତର୍ଜାତୀୟ ଲୋକନୃତ୍ୟ ଗୁରୁ ରାଜେନ୍ଦ୍ର ପ୍ରସାଦ ପାତ୍ର ଯୋଗ ଦେଇଥିଲେ । ଅନୁଷ୍ଠାନର ମୁଖ୍ୟ ତଥା ନୃତ୍ୟଗୁରୁ ଏମ.ରବୀନ୍ଦ୍ର ରେଡ୍ଡୀଙ୍କ ନିର୍ଦ୍ଦେଶନାରେ କାଠ ପାଦ ନୃତ୍ୟ, ଭଜନ, ଆଧୁନିକ, ସମ୍ବଲପୁରୀ, ସେମିକ୍ଲାସିକେଲ ନୃତ୍ୟ ଛାତ୍ର ଛାତ୍ରୀ ମାନେ କରିଥିଲେ । ଶିବାନନ୍ଦ ବାରିକ ମଞ୍ଚ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି, ସାର୍ଟିଫିକେଟ ଦେଇ ଉତ୍ସାହିତ କରାଯାଇଥିଲା । ଟ୍ରଷ୍ଟି କେ. ସପ୍ନା ପାତ୍ର, ପି.ଭିନିଲା ରେଡ୍ଡୀ, ଲକ୍ଷ୍ମୀ ନୃସିଂହ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ । ବିଶିଷ୍ଟ ସମାଜ ସେବୀ ନରହରି ସ୍ୱାଇଁ, କବି ପ୍ରଶାନ୍ତ କୁମାର ଶତପଥୀ, କାଠ ପାଦ କାରିଗର ଅକ୍ଷୟ କୁମାର ମହାରଣା ଏବଂ ସମାଜସେବୀ ସଏଦ ମୁକ୍ତାରଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା ।

## ହୋଟେଲ କ ।ବିନ ତୁଳ୍ଳୁ ଟି ଅହିରାଜ ଉ ।ର



ଦିଗପହଣ୍ଡି,୩୦ ।୩(ସମିସ): ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ପେଣ୍ଠୁରାବାଡ଼ି ଗାଁର ନିଳାଞ୍ଚଳ ସାହୁଙ୍କ ଜଳଖିଆ ହୋଟେଲ କ୍ୟାବିନ ତଳୁ ୨ଟି ଅହିରାଜ (କିଙ୍ଗକୋବ୍ରା) ସାପକୁ ବନବିଭାଗ କର୍ମଚାରୀ ଉଦ୍ଧାର କରିଛନ୍ତି । ହୋଟେଲ ମାଲିକ ଏବଂ କିଛି ଗ୍ରାମବାସୀ ସାପକୁ ଦେଖିବା ପରେ ଭୟଭୀତ ହୋଇଯାଇଥିଲେ । ଖବର ପ୍ରଚାରିତ ହେବାପରେ ସାପ ଦେଖିବାକୁ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ହୋଇଥିଲା । ଏନେଇ ଦିଗପହଣ୍ଡି ବନବିଭାଗ କାର୍ଯ୍ୟାଳୟକୁ ସୂଚନା ଦିଆଯିବା ପରେ ରେଞ୍ଜର ଦିବ୍ୟରଞ୍ଜନ ସାହୁ, ଫରେଷ୍ଟର ସନ୍ତୋଷ ବିଷୋୟୀ ରତ୍ନ ସ୍ନେକ ହେଲ୍ପଲାଇନ ସଦସ୍ୟ କାଳିଆ ନାହାକଙ୍କୁ ଜଣାଇଥିଲେ । ରେଞ୍ଜରଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟ ଗାର୍ଡ ରାଜ କୁମାର ରଇତ, ସୁଜାତା ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ନେକ ହେଲ୍ପଲାଇନ ସଦସ୍ୟଙ୍କ ସହାୟତାରେ ଅତ୍ୟନ୍ତ ସନ୍ତର୍ପଣ ସହକାରେ ପ୍ରାୟ ୨ ବର୍ଷ ବୟସର ୧୩ ଫୁଟ ଲମ୍ବର ପୁରୁଷ ପ୍ରଜାତିର ଅହିରାଜ ଏବଂ ୧୦ ଫୁଟ ଲମ୍ବ ବିଶିଷ୍ଟ ମାଈ ପ୍ରଜାତିର ୨ଟି ଅହିରାଜ ( କିଙ୍ଗକୋବ୍ରା) କୁ ଧରି ନିକଟସ୍ଥ ଚାଙ୍ଗୁଡ଼ିଦେଇ ଜଙ୍ଗଲରେ ସୁରକ୍ଷିତ ଅବସ୍ଥାରେ ଛାଡିଥିବା ଜଣାପଡ଼ିଛି ।

### ରନ୍ଧନ ଗ୍ୟାସ୍ ସିଲିଣ୍ଡରର କଳାବଜାର

## ନୀରବ ଦ୍ରଷ୍ଟା ସାଜିଛି ପ୍ରଶାସନ

ଦିଗପହଣ୍ଡି,୩୦ ।୩(ସମିସ)

ଦିଗପହଣ୍ଡି ସହର ସମେତ ଆଖପାଖ ଗ୍ରାମାଞ୍ଚଳ ମାନଙ୍କରେ ରନ୍ଧନ ଗ୍ୟାସ ସିଲିଣ୍ଡରର ବ୍ୟାପକ କଳାବଜାର ହେଉଥିବା ଜାଣିବାକୁ ମିଳିଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ଚାଲିଥିବାରୁ ଖାଉଟିଙ୍କୁ ସିଲିଣ୍ଡର ଯୋଗାଣରେ ଅଧିକା ବିଭ୍ରାଟ ଦେଖାଦେଇଛି । ବିଶେଷକରି ଗ୍ୟାସ ବୁକିଂର ସମୟସୀମା ବୃଦ୍ଧି ହୋଇଥିଲେ ସୁଦ୍ଧା ଖାଉଟିଙ୍କୁ ଘରୋଇ ଗ୍ୟାସ ସିଲିଣ୍ଡର ମିଳିବାରେ ଅହେତୁକ ବିଳମ୍ବ ହେଉଛି । ଏପରିକି ଗ୍ୟାସ ବୁକିଂର ଦୀର୍ଘଦିନ ବିତିଯାଉଥିଲେ ମଧ୍ୟ ବହୁ ଗ୍ରାହକଙ୍କ ମୋବାଇଲକୁ ଓଟିପି ଆସୁନଥିବା ଅଭିଯୋଗ ହୋଇଛି । ଗ୍ୟାସ ସିଲିଣ୍ଡରଟିଏ ପାଇବା ପାଇଁ ବହୁସଂଖ୍ୟକ ଖାଉଟି ବିତରକଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି । ଘରୋଇ ଗ୍ୟାସ ସିଲିଣ୍ଡର ଯୋଗାଣରେ ସମସ୍ୟା ରହୁଥିବା ଯୋଗୁଁ ଏବେ ବ୍ୟାପକ କଳାବଜାର ହେଉଛି । ସିଲିଣ୍ଡର ପିଛା ସରକାରୀ ଦର ୯୬୦.୫୦ ପଇସା ଥିବାବେଳେ ବିଶେଷ କରି ଦିଗପହଣ୍ଡି ବଜାର, ବସଷ୍ଟାଣ୍ଡ, ପୁଞ୍ଜିକୟାଁ ଛକ ସମେତ ପଦ୍ମନାଭପୁର, ଭୀଷ୍ମଗିରି, ଗୋକର୍ଣ୍ଣପୁର, ଡେଙ୍ଗାଓସ୍ତା, ପାଟପୁର, ପୋଡ଼ାମାରି ଅଞ୍ଚଳରେ ଗ୍ୟାସ ସିଲିଣ୍ଡର ୨୦୦୦ ଟଙ୍କା ସ୍ଥଳ ବିଶେଷରେ ୨୫୦୦ ଟଙ୍କା ମୂଲ୍ୟରେ କଳାବଜାରରେ ବିକ୍ରି କରାଯାଉଛି । ବ୍ୟବସାୟିକ ସିଲିଣ୍ଡର ଯୋଗାଣରେ କଟକଣା ହେବାପରେ ହୋଟେଲ ମାଲିକ ଓ ଫାଷ୍ଟଫୁଡ୍ ବ୍ୟବସାୟୀ ମାନେ ଅନ୍ୟ ଉପାୟ ନପାଇ ଘରୋଇ ଗ୍ୟାସ ସିଲିଣ୍ଡର ୮୦୦ ରୁ ୧୦୦୦ ଟଙ୍କା ଅଧିକା ଦେଇ କିଣିବାକୁ ବାଧ୍ୟ ହେଉଛନ୍ତି । ଗ୍ୟାସ ସିଲିଣ୍ଡର ଅତ୍ୟଧିକ ଦର କାରଣରୁ ବହୁ ସଂଖ୍ୟକ ଜଳଖିଆ ଦୋକାନୀ ସେମାନଙ୍କ ବ୍ୟବସାୟ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି । ଆବଶ୍ୟକ ସମୟରେ ଗ୍ୟାସ ମିଳୁନଥିବାରୁ ଏହାର ସୁଯୋଗ ନେଇ ଗ୍ୟାସ ବିତରକ ସଂସ୍ଥାର ଜାଣତରେ କିଛି କର୍ମଚାରୀ ଓ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ବ୍ୟାପକ କଳାବଜାର ଆରମ୍ଭ କରିଦେଇଛନ୍ତି ବୋଲି ଫାସିବନ୍ଧ ଗାଁର ଜଣେ ଖାଉଟି ସୁଦାମ ଗୌଡ଼ ଅଭିଯୋଗ କରିଛନ୍ତି । ଦିଗପହଣ୍ଡି ଅଞ୍ଚଳ ନିମନ୍ତେ ନିଯୁକ୍ତ ଗ୍ୟାସ ସିଲିଣ୍ଡର ବିତରକ ସଂସ୍ଥା ଆର.ସି ଭାରତ ଗ୍ୟାସ ଏଜେନସି ମାଲିକ ଅଶୋକ କୁମାର ସାହୁଙ୍କୁ ପଚାରିବାରୁ ସିଲିଣ୍ଡର କଳାବଜାର ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା ସହ ଖାଉଟିଙ୍କୁ ନିର୍ଦ୍ଧାରିତ ସମୟରେ ଗ୍ୟାସ ସିଲିଣ୍ଡର ବିତରଣ କରାଯାଉଛି । ଡ଼ିପୋରୁ ଦିଗପହଣ୍ଡିକୁ ସିଲିଣ୍ଡର ଆସିବାରେ ବିଳମ୍ବ



ହେଉଥିବା କାରଣରୁ କିଛି ସମସ୍ୟା ରହୁଥିବା ସେ ସ୍ୱୀକାର କରିଛନ୍ତି । ଦିଗପହଣ୍ଡି ଅଞ୍ଚଳର ଖାଉଟିଙ୍କୁ ପ୍ରତି ମାସରେ ପ୍ରାୟ ୨୦ ହଜାର ସିଲିଣ୍ଡର ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ୯ ହଜାର ସିଲିଣ୍ଡର ଆସୁଛି । ପ୍ରତିଦିନ ୫ ଶହ ସିଲିଣ୍ଡର ଆବଶ୍ୟକ ଥିବା ବେଳେ ଆସୁଛି ମାତ୍ର ୩ ଶହ ସିଲିଣ୍ଡର । ପୂର୍ବରୁ ଅନେକ ଖାଉଟି ଗ୍ୟାସ ନେଉନଥିବା ବେଳେ ଗତ ପ୍ରାୟ ୧ ମାସ ମଧ୍ୟରେ ୮୦ ପ୍ରତିଶତ ଖାଉଟି ଆକସ୍ମିକ ଭାବେ ଗ୍ୟାସ ପାଇଁ ବୁକିଂ କରୁଛନ୍ତି । ଅନେକ ଖାଉଟିଙ୍କ କେୱାଇସି ନଥିବା ବେଳେ ଏବେ ସେମାନେ କେୱାଇସି ପାଇଁ ଲମ୍ବା ଲାଇନ୍ ଲଗାଉଛନ୍ତି । ଆମେ ସେମାନଙ୍କ ପାଇଁ କେୱାଇସି ଅପ୍ ଡେଟ୍ କରୁଛୁ ବୋଲି ସେ କହିଛନ୍ତି । ଏନେଇ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁଙ୍କୁ ପଚାରିବାରୁ ସେ ଗ୍ୟାସ କଳାବଜାର ନେଇ ସେ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କୁ ଅବଗତ କରିବେ । ଯୋଗାଣ ବିଭାଗ ବ୍ଲକ ମାର୍କେଟିଂ ଇନ୍ସପେକ୍ଟର ବ୍ରଜେଶ୍ୱର ରାୟଙ୍କୁ ପଚାରିବାରୁ ବହୁ ସଂଖ୍ୟକ ଉଜ୍ଜଳା ହିତାଧିକାରୀ ପୂର୍ବରୁ ରନ୍ଧନ ଗ୍ୟାସ ବ୍ୟବହାର କରୁନଥିବା ବେଳେ ଏବେ କିଛିଦିନ ହେଲା ଗ୍ୟାସ ସିଲିଣ୍ଡର ଆଣି ବାହାରେ ବିକ୍ରି କଲେ ଲାଭ ମିଳୁଥିବାରୁ ଗ୍ୟାସ ପାଇଁ ବୁକିଂ କରୁଛନ୍ତି । କଳାବଜାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ପ୍ରମାଣ ଭିତ୍ତିକ ନିର୍ଦ୍ଦିଷ୍ଟ ଅଭିଯୋଗ ମିଳିଲେ ଚଢ଼ଉ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ବିଜୁବାବୁଙ୍କ ସମ୍ପର୍କରେ ମତ ରଖିବା ପାଇଁ ନିଶିକାନ୍ତଙ୍କର ଔକାତ୍ ନାହିଁ : ଚନ୍ଦ୍ରଶେଖର



ବ୍ରହ୍ମପୁର,୩୦ ।୩(ସମିସ): ବିଜେପି ସାଂସଦ ନିଶିକାନ୍ତ ଦୁବେ ବିଭିନ୍ନ ଘରୋଇ କମ୍ପାନୀ ଓ କର୍ପୋରେଟ ହାଉସର ଜଣେ ସୁପରିଚିତ ଦଲାଲ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ମତ ରଖିବାକୁ ନିଶିକାନ୍ତଙ୍କର ଔକାତ ନାହିଁ। ସଦାସର୍ବଦା ନିଚ ସ୍ତରର ତଥା ବିଦ୍ୱେଷ ସୃଷ୍ଟି କଲାଭଳି ଏବଂ ବିଭ୍ରାନ୍ତିକର ବୟାନ ବାଜି କରି ଗଣମାଧ୍ୟମରେ ଚର୍ଚ୍ଚାରେ ରହି ନିଜ ଦଳର ଶିର୍ଷ ନେତୃତ୍ୱଙ୍କୁ ସନ୍ତୁଷ୍ଟ କରିବା କେବଳ ତାଙ୍କରି କାମ। ଦୁଇ ଦୁଇଥର ସାଂସଦ ଓ ଏକରିକି କେନ୍ଦ୍ରମନ୍ତ୍ରୀ ଥିବା ସମୟରୁ ତାଙ୍କୁ ମୁଁ ଭଲ ଭାବେ ଜାଣିଛି ବୋଲି କହିଛନ୍ତି ବିଜେଡି ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ। ଯେଉଁ ଜନନାୟକଙ୍କ ପରଲୋକରେ କେବଳ ଭାରତ ନୁହେଁ ବରଂ ୩ଟି ଦେଶର ଜାତୀୟ ପତାକା ଅବନମିତ ହୋଇଥିଲା ସେହିଭଳି ଜଣେ ଦୁର୍ଦ୍ଧଷ ନେତାଙ୍କ ପ୍ରତି ଏଭଳି କଟୁ ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ। ନିଜେ ଜଣେ ଠକ ଓ ଜାଲିଆତି ସର୍ଦ୍ଦାର ହୋଇ ବିଜୁ ବାବୁଙ୍କୁ ସିଆଇଏ ଏଜେଣ୍ଟ ଭଳି ଘୃଣ୍ୟ ଟିପ୍ପଣୀକୁ ଶ୍ରୀ ସାହୁ ଦୃଢ ନିନ୍ଦା କରିଛନ୍ତି। ସାଂସଦ ଦୁବେଙ୍କ ଏଭଳି ଟିପ୍ପଣୀକୁ ଓଡିଶାବାସୀ କଦାପି ବରଦାସ୍ତ କରିବେ ନାହିଁ। ଏନେଇ ସାଂସଦ ଦୁବେଙ୍କ ଇସ୍ତଫା ସହିତ କ୍ଷମାପ୍ରାର୍ଥନା ଦାବି କରିଛନ୍ତି।

## ଭଗତ ସିଂହ ଯୁବକ ସଂଘର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୩୦ ।୩(ସମିସ): ସ୍ଥାନୀୟ ଆନନ୍ଦ ନଗର କେନାଲ ସାହିରେ ଭଗତ ସିଂହ ଯୁବକ ସଂଘ ପକ୍ଷରୁ ୩୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଗତ ସିଂହଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସଂଘ ପକ୍ଷରୁ ସମାଜରେ ଘଟୁଥିବା ଅନ୍ୟାୟ ଅନୀତି କୁସଂସ୍କାର ଆଦି ବିରୁଦ୍ଧରେ ଲଢେଇ କରି ସମାଜକୁ ଏକ ନୂତନ ବାର୍ତ୍ତା ପ୍ରଦାନ କରିଛନ୍ତି ସଂଘର ସମସ୍ତ ସଦସ୍ୟ। ସଂଘ ପକ୍ଷରୁ ପ୍ରତି ବର୍ଷ ମହାନ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହଙ୍କ ଫାଶୀ ଦିବସ ପାଳନ ସହ ବର୍ଷ ତମାମ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟସେବା ଶିବିର ସହ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ କରାଯାଉଛି। କେନାଲ ସାହିରେ ଗଞ୍ଜାମ ଜିଲ୍ଲାର ଏକମାତ୍ର ଭଗତ ସିଂହଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି। ଉକ୍ତ ସ୍ଥାନରେ ୱାଟକୋ ପକ୍ଷରୁ କୌଣସି ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ପ୍ରତିମୂର୍ତ୍ତିକୁ ସମ୍ମାନ ସହ ସ୍ଥାନାନ୍ତର କରିବା ସହ ସଂଘ କାର୍ଯ୍ୟାଳୟର ସୁରକ୍ଷା ଓ ସାମଗ୍ରିକ ବିକାଶ ପାଇଁ ସ୍ଥାନୀୟ ୱାଟକୋର ମହାପ୍ରବନ୍ଧକ ଇଂ ବିକାଶ ପାଢ଼ୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଭାପତି ମନୋଜ କୁମାର ଚୌଧୁରୀ, ସମ୍ପାଦକ ମୁନା ସେଠୀ, ବରିଷ୍ଠ ଆଇନଜୀବୀ ଏନ୍. ଭୀମରାଜ ରେଡ୍ଡୀ, ଯୁବ ଆଇନଜୀବୀ ଅସିତ କୁମାର ସାବତ, ଆଇନଜୀବୀ ନାଗେଶ୍ୱର ରାଓ, ଆଇନଜୀବୀ ତାପସ କୁମାର ସାହୁ, ଅନିଲ କୁମାର ଚୈଧୁରୀ, ଡି. ଜୀବନ କୁମାର, ଡି. ତାରକେଶ୍ୱର ପାତ୍ର ଓ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ନମ୍ବରବିହୀନ ସନ୍ଦିଗ୍ଧ କାର୍ ଜବତ

ବ୍ରହ୍ମପୁର,୩୦ ।୩(ସମିସ)



ଦୈନିକ 'ସକାଳ' ଖବର କାଗଜର ମହାପ୍ରଭାବ। ବାରମ୍ବାର ତଥ୍ୟ ଭିତ୍ତିକ ଖବର ପ୍ରକାଶନ ପରେ ନମ୍ବର ବିହିନ ତଥା ସନ୍ଦିଗ୍ଧ କାରକୁ ଚିହ୍ନଟ କରି ଜବତ କରିଛି ବୈଦ୍ୟନାଥପୁର ଥାନା ପୁଲିସ। ଗତ ଦୁଇଦିନ ଧରି ଲଗାତାର ଭାବେ ଖବର ପ୍ରକାଶନ ପରେ ତରବରିଆ ଭାବେ ରାସ୍ତାକଡରୁ ସନ୍ଦିଗ୍ଧ ତଥା ନମ୍ବର ବିହିନ କାରଟିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ଗଜପତିନଗର ୯ମ ଲାଇନରୁ ଗଜପତିନଗର ୫ମ ଲାଇନକୁ ସ୍ଥାନାନ୍ତର କରାଯାଇ ଗୋପନୀୟ ଭାବେ କାରଟିକୁ ରଖାଯାଇଥିଲା। ଏନେଇ ଯଦିଓ ବାରମ୍ବାର ଖବର ପ୍ରକାଶିତ ହୋଇଥିଲା ତଥାପି ପୁଲିସ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ବରଂ ଅଭିଯୋଗକୁ ଅତ୍ୟନ୍ତ ହାଲୁକା ଭାବେ ଗ୍ରହଣ କରାଯାଇଥିଲା। ସୋମବାର ସକାଳେ ବ୍ରହ୍ମପୁର ଏସପି ଡାକ୍ତର ସର୍ବଣା ବିବେକ ଏମଙ୍କୁ ଏନେଇ ସୂଚନା ଦିଆଯିବା ପରେ ତତ୍‌କ୍ଷଣାତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏସପିଙ୍କ ନିର୍ଦ୍ଦେଶ କ୍ରମେ ବୈଦ୍ୟନାଥପୁର ଥାନାରୁ ସ୍ୱତନ୍ତ୍ର ଟିମ ଗଜପତିନଗର ୫ମ ଲାଇନକୁ ଆସି ଅବସରପ୍ରାପ୍ତ ପୁଲିସ ଅଧିକାରୀ ସ୍ୱର୍ଗତ ଶରତ ଚନ୍ଦ୍ର ନାୟକଙ୍କ ଘରୁ ସନ୍ଦିଗ୍ଧ ତଥା ନମ୍ବର ବିହିନ ଲାଲ ରଙ୍ଗର କାରଟିକୁ ଚିହ୍ନଟ କରିଥିଲେ। ସ୍ୱର୍ଗତ ନାୟକଙ୍କ ପୁଅ ଦିନେଶଙ୍କୁ ଥାନାକୁ ଡାକି ଗାଡିର ନଥିପତ୍ର ଯାଞ୍ଚ କରାଯାଇଥିଲା। ଉକ୍ତ ଗାଡି ସ୍ଥାନୀୟ ଷ୍ଟେସନ ରୋଡ ନିବାସୀ ଏସ. ସନ୍ତୋଷଙ୍କ ପତ୍ନୀ ଏସ. ଅନୁଷାଙ୍କ ନାମରେ ଥିବା ଜଣାପଡିଛି। ଗାଡିର ନମ୍ବର (ଓଡି୦୭ଏଏନ୪୪୪୦) ବୋଲି ଅନୁସନ୍ଧାନ ବେଳେ ଜଣାପଡିଛି। ଦିନେଶଙ୍କୁ ଥାନାରେ ପଚରା ଉଚରା ବେଳେ ସେ ସନ୍ତୋଷଙ୍କୁ ସୁଧ ଆକାରରେ କିଛି ଟଙ୍କା ଦେଇଥିବା ବେଳେ ତାହାକୁ ସେ ପରିଶୋଧ କରିନପାରିବାରୁ ତାଙ୍କର ଗାଡିକୁ ଭୋଗବନ୍ଧା ଭାବେ ରଖାଯାଇଥିବା ପୁଲିସ ଜାଣିବାକୁ ପାଇଥିଲା। ତେବେ ନିକଟରେ ସନ୍ତୋଷ ନିଜ ଗାଡିକୁ ନେଇଯିବା ପାଇଁ କହିବା ପରେ ଦିନେଶ ସୁଧ ସହିତ ମୂଳ ଟଙ୍କା ଫେରସ୍ତ ନମିଳିବା ଆଶଙ୍କା କରି କାରଟିକୁ ନିଜ ଘର ଗ୍ୟାରେଜରୁ ବାହାର କରି ଗଜପତିନଗର ୯ମ ଲାଇନରେ ରଖିଦେଇଥିବା ଦିନେଶ ସ୍ୱୀକାର କରିଛନ୍ତି। ତେବେ ଇତି ମଧ୍ୟରେ ଗାଡିର

**'ସକାଳ' ପ୍ରଭାବ**

ନମ୍ବର ନ ଥିବା ଓ ମାଲିକାନାକୁ ନେଇ ଦ୍ୱନ୍ଦ୍ୱ ଉପୁଜିବାରୁ ସାଧାରଣରେ ସନ୍ଦେହ ଘନୀଭୂତ ହୋଇଥିଲା। ଯଦିଓ ସ୍ଥାନୀୟ କର୍ପୋରେଟର ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ କିନ୍ତୁ ଘଟଣାକୁ ନେଇ ଜିଲ୍ଲାର ଜନୈକ ଡିଏସପିଙ୍କ କହିବା ଅନୁସାରେ ବୈଦ୍ୟନାଥପୁର ଥାନା କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି। ସବୁଠାରୁ ବଡକଥା ହେଲା ଆଜି ଯେତେବେଳେ ବିଏନପୁର ପୁଲିସ ଉକ୍ତ ଗାଡିକୁ ଚିହ୍ନଟ ଓ ଜବତ କରିବାକୁ ସ୍ୱର୍ଗତ ଶରତ

- ଦୁଇଲକ୍ଷ ଟଙ୍କାର ସୁଧ କାରବାରକୁ ନେଇ ନିଜ ଅକ୍ତିଆରରେ ରଖିଥିଲେ ମହାଜନ
- ପୂର୍ବତନ ପୁଲିସ ଅଧିକାରୀଙ୍କ ପରିବାରକୁ ସହଯୋଗ କରି ହରଡ଼ଘଣାରେ ଡିଏସ୍‌ପି
- ସୁଧ କାରବାର ସ୍ପଷ୍ଟ ପରେ ଆଇପିଏଲ ବେଟିଂ ସନ୍ଦେହରେ ତଦନ୍ତ କରୁଛି ପୁଲିସ

ନାୟକଙ୍କ ଘରକୁ ଯାଇଥିଲା ସେଠାରେ ତାଙ୍କ ପରିବାର ବର୍ଗ ସମ୍ପୃକ୍ତ ଡିଏସପି ବାବୁଙ୍କ ନାମ ନେବାକୁ ମଧ୍ୟ ପଛାଇ ନଥିଲେ। ଫଳରେ ଜଣେ ପୂର୍ବତନ ପୁଲିସ ଅଧିକାରୀଙ୍କ ପରିବାରକୁ ସହଯୋଗ କରିବାକୁ ଯାଇ ସମ୍ପୃକ୍ତ ଡିଏସପି ଜଣକ ହରଡଘଣାରେ ପଡିଥିବା ଦେଖିବାକୁ ମିଳିଛି। ସେପଟେ ଗାଡିର ମାଲିକ ତଥା ଏସ ଅନୁଷାଙ୍କ ସ୍ୱାମୀ ଏସ ସନ୍ତୋଷଙ୍କ ସହ ଯୋଗାଯୋଗ କରାଯିବାରେ ସେ ଦିନେଶଙ୍କ ପରିବାର ଠାରୁ ୨୦୨୨ମସିହାରେ କିଛି ଟଙ୍କା ଋଣ ନେଇଥିବା ବେଳେ ତାହାକୁ ଫେରାଇବାରେ ସେ ଅସମର୍ଥ ହୋଇଛନ୍ତି। ଏବଂ ଏଥିପାଇଁ ତାଙ୍କର ଲାଲ ରଙ୍ଗର ସ୍ୱିଫ୍ଟ କାରଟି ଦିନେଶଙ୍କ ପରିବାର ଅକ୍ତିଆରରେ ଥିବା ସେ କହିଛନ୍ତି। ତେବେ ତାଙ୍କର ନୂଆ ଗାଡିଟି ସଠିକ ଭାବେ ଥିବ ବୋଲି ସେ ଆଶା କରିଛନ୍ତି। ଏଭଳି ପରିସ୍ଥିତିରେ ଉକ୍ତ ଗାଡି ଅନ୍ୟ କୌଣସି ଘରୋଇ ଫାଇନାନ୍ସ କମ୍ପାନୀ ନାମରେ ରହିଥିବା ଆଶଙ୍କା କରି ଦିନେଶ ଉକ୍ତ ଗାଡିର ନମ୍ବର ପ୍ଲେଟକୁ ହଟାଇ ଦେଇଥିବା ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ତେବେ ବିନା ନମ୍ବର ପ୍ଲେଟରେ ଗାଡିକୁ ସହର ଭିତରେ ଓ ସହର ବାହାରେ କିଭଳି ବ୍ୟବହାର କରାଯାଉଥିଲା ତାକୁ ନେଇ ବର୍ତ୍ତମାନ ଉଠିଛି ପ୍ରଶ୍ନ। ଏସବୁ ବାଦ୍ ଘଟଣା ପଛରେ ଆଇପିଏଲ ବେଟିଂ ଭଳି ପ୍ରସଙ୍ଗକୁ ମଧ୍ୟ ପୁଲିସ ଅଣଦେଖା କରିନାହିଁ। ବିଭିନ୍ନ ସମ୍ଭାବ୍ୟ ଦିଗକୁ ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ।

## ବନ୍ଧୁକ ମୁନରେ ପ୍ରତିଶୋଧ ନେବା ପାଇଁ ପ୍ରସ୍ତୁତ ହେଉଛନ୍ତି ଅପରାଧୀ!

ବ୍ରହ୍ମପୁର,୩୦/୩(ସମିସ): ପୂର୍ବଶତ୍ରୁତାର ପ୍ରତିଶୋଧ ନେବା ପାଇଁ କିଛି ଅପରାଧୀ ଏବେ ବନ୍ଧୁକ ଓ ମାରଣାସ୍ତ୍ର ସହ ସଜ୍ଜିତ ହୋଇ ବୁଲୁଛନ୍ତି। ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହୋଇଯାଇଛି ଗଣପର୍ବ ଦଣ୍ଡନାଚ। ଯାହା ଫଳରେ ବ୍ରହ୍ମପୁର ସହର ଓ ଉପକଣ୍ଠରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚଳଚଞ୍ଚଳ ରହୁଛି। ସବୁଠାରୁ ବଡ଼କଥା ହେଲା ବିଭିନ୍ନ ବିରୋଧୀ ଗୋଷ୍ଠୀର ଅପରାଧିମାନେ ପ୍ରସାଦ ସେବନ ଆଳରେ ବିଭିନ୍ନ ଅଞ୍ଚଳକୁ ଭ୍ରମଣ କରୁଛନ୍ତି। ଏପରିକି ରାତି ସମୟରେ ହେଉଥିବା ସାଂସ୍କୃତି କାର୍ଯ୍ୟକ୍ରମରେ ପଇଁତରା ମାରୁଛନ୍ତି। ବଡ଼ବଜାର ଥାନା ଅଞ୍ଚଳର ଜଣେ ରାଜନେତା ତଥା ସମାଜସେବୀ ନିଜର ସୁରକ୍ଷା ସହିତ ପ୍ରତିଶୋଧ ନେବା ପାଇଁ ବନ୍ଧୁକ ଧରି ବୁଲୁଥିବା ଅଭିଯୋଗ ହୋଇଛି। ତାଙ୍କ ଟାର୍ଗେଟରେ ଜଣେ ଦୁର୍ଦ୍ଧାନ୍ତ ଅପରାଧୀ ରହିଥିବା ନେଇ ମଧ୍ୟ ସୂଚନା ମିଳୁଛି। ସେପଟେ ଆଇନଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ଓ ଅପରାଧିକ କାର୍ଯ୍ୟ କଳାପକୁ ଦମନ କରିବା ପାଇଁ ବ୍ରହ୍ମପୁର ପୁଲିସ ପକ୍ଷରୁ ନିକଟରେ ହୋଇଥିଲା ସ୍ପେଶାଲ ଡ୍ରାଇଭ ଖୋଜ୍। ସେହି ସ୍ପେଶାଲ ଡ୍ରାଇଭରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ବଡ଼ବଜାର, ଟାଉନ, ସଦର, ନିମଖଣ୍ଡି ଓ ଦିଗପହଣ୍ଡି ଓ ଗୋଷାଣୀନୁଆଗାଁ ଓ ବୈଦ୍ୟନାଥପୁର ଥାନା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୫ରୁ ଅଧିକ ଅପରାଧିଙ୍କୁ ଗିରଫ କରିବା ସହ ୧୪ରୁ ଉଦ୍ଧ୍ୱର୍ ପିସ୍ତଲ ଓ ୫୦ରୁ ଉର୍ଦ୍ଧ୍ୱ ଗୁଳି, ବୋମା ଓ ଖଣ୍ଡା ଆଦି ପୁଲିସ ଜବତ କରିଥିଲା। ତଥାପି ପୂର୍ବଶତ୍ରୁତାର ପ୍ରତିଶୋଧ ନେବା ପାଇଁ ଅପରାଧୀମାନେ ଏବେ ଖଣ୍ଡା ଓ ଅନ୍ୟାନ୍ୟ ଧାରୁଆ ମାରଣାସ୍ତ୍ର ସହ ରାତିରେ ବୁଲୁଥିବା ପରିଲକ୍ଷିତ ହେଉଛି। ଅନ୍ୟପକ୍ଷରେ ରକି ଭାଇ ନାମକ ଜଣେ ଯୁବକ ଇଂଷ୍ଟାଗ୍ରାମରେ ବନ୍ଧୁକ ଧରି ଫୋଟ ପୋଷ୍ଟ କରିଥିବା ନେଇ ସୋସିଆଲ ମିଡ଼ିଆରୁ ଜଣାପଡ଼ିବା ପରେ ବ୍ରହ୍ମପୁର ପୁଲିସ ଏବେ ରକି ଭାଇକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ ହେଁ କୌଣସି ସୁରାକ ପାଇ ପାରିନାହିଁ।

## ବ୍ରହ୍ମପୁରରେ ସକ୍ରିୟ ଛିନ୍‌ତାଇ ଗ୍ୟାଙ୍ଗ ଗିରଫ

ବ୍ରହ୍ମପୁର,୩୦ ।୩(ସମିସ): ଗତ ୨ବର୍ଷ ଧରି ବ୍ରହ୍ମପୁର ସହରର ବିଭିନ୍ନ ଥାନା ଇଲାକାରେ ସକ୍ରିୟ ଥିବା ଛିନତାଇ ଗ୍ୟାଙ୍ଗର ୩ଜଣ ସଦସ୍ୟଙ୍କୁ ନିମଖଣ୍ଡି ଥାନା ପୁଲିସ ଗିରଫ କରିଛି। ଗିରଫ ଲୁଟେରାଙ୍କ ମଧ୍ୟରେ ଖୋଡାସିଙ୍ଗି କଳିଙ୍ଗନଗରରେ ରହୁଥିବା ତଥା କୋଦଳାର ପ୍ରଭାକର ମୁଦୁଲି(୫୦), ଖଲ୍ଲିକୋଟ ଗୁଡୁରୁପଲ୍ଲୀର ମଧୁସୂଦନ ବେହେରା(୪୯) ଏବଂ ଲୁଟେରାଙ୍କ ଠାରୁ ଅଳଙ୍କାର କ୍ରୟ କରିଥିବା ବଡବଜାର ଥାନା ଅନ୍ତର୍ଗତ ହାଉସିଂବୋର୍ଡ ବିମଳା ନଗରର ବିଶ୍ୱନାଥ ନାୟକ(୩୬) ଥିବା ବୋଲି ଜଣାପଡିଛି। ବାଲୁଗାଁ ସାମନ୍ତରାପୁର ଗ୍ରାମର ବାବୁ ମାଝୀ(୩୭) ଏହି ଗ୍ୟାଙ୍ଗର ମୁଖ୍ୟ ବୋଲି ପୁଲିସ ତଦନ୍ତରୁ ଜଣାପଡିଛି। ଏକ ମାମଲାରେ ବାବୁ ମାଝୀ ବାଲୁଗାଁ



କୋର୍ଟରେ ଆତ୍ମସମର୍ପଣ କରି ଜେଲରେ ରହିଥିବା ସୂଚନା ମିଳିବା ପରେ ୨ଦିନ ପୂର୍ବେ ନିମଖଣ୍ଡି ପୁଲିସ ତାକୁ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା। ସେହିପରି ଏହି ଚେନ ଲୁଟେରା ଗ୍ୟାଙ୍ଗର ଅନ୍ୟତମ ସଦସ୍ୟ କବିସୂର୍ଯ୍ୟନଗର ବି. ରୋଡ ଗ୍ରାମର ସୁନୀଲ ନାହାକ ଓରଫ ମଲା(୨୫) କିଛି ମାସ ପୂର୍ବେ ଗୋଳନ୍ଥରା ପୁଲିସ ଦ୍ୱାରା ଏନକାଉଣ୍ଟରର ଶିକାର ହୋଇ ଜେଲ ଯାଇଥିଲା। ସେହି ସମୟରେ ଏହି ଚେନ ଲୁଟେରା ଗ୍ୟାଙ୍ଗର ସୁରାକ ମିଳିଥିବା ପୁଲିସ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୮୦ଗ୍ରାମ ଓଜନର ୮ଟି ସୁନା ଚେନ୍, ୨ଟି ବାଇକ, ୩ଟି ମୋବାଇଲ୍ ଓ ଦୁଇଟି ହେଲମେଟ୍ ଜବତ କରିଛି। ଗିରଫ ପରେ ପ୍ରଭାକର, ମଧୁସୂଦନ ଓ ବିଶ୍ୱନାଥଙ୍କୁ ଅଦାଲତ ଚାଲାଣ କରାଯାଇଥିବା ବେଳେ ବାବୁ ମାଝୀଙ୍କ ରିମାଣ୍ଡ ଅବଧି ଶେଷ ହେବା ପରେ ତାକୁ ପୁଣିଥରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଗ୍ୟାଙ୍ଗର ସଦସ୍ୟମାନେ ୨୦୨୪ ରୁ ୨୦୨୬ ମଧ୍ୟରେ ବ୍ରହ୍ମପୁର ସହରର ନିମଖଣ୍ଡି ଓ ଗୋପାଳପୁର ଥାନା ଅଞ୍ଚଳର ବ୍ରଜନଗର, ଶକ୍ତିନଗର, ଗୋବିନ୍ଦ ବିହାର, ବାସୁଦେବ ନଗର ଓ ଆମ୍ବପୁଆ ଅଞ୍ଚଳରେ ୭ଜଣ ମହିଳାଙ୍କ ବେକରୁ ସୁନାଚେନ ଲୁଟ କରିଥିଲେ। ପ୍ରକାଶଥାଉକି, ୨୦୨୪ସିହା ଜୁଲାଇ ୨୨ତାରିଖ ସନ୍ଧ୍ୟାରେ ଗୋବିନ୍ଦ ବିହାର ୮ମ ଲାଇନର

**ମହିଳାଙ୍କୁ କରିଥିଲେ ଗୁଳିମାଡ, ଲୁଟ୍, ୮ ଚେନ୍ ଉଦ୍ଧାର**

ମହିଳା ଶୁଭଶ୍ରୀ ଜେନା ନିଜ ଛୁଆଙ୍କୁ ଟ୍ୟୁସନରୁ ନେଇ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ସୁନୀଲ ନାହାକ ଓ ବାବୁ ମାଝୀ ଏକ ବାଇକରେ ତାଙ୍କ ନିକଟକୁ ଆସି ବେକରୁ ସୁନା ଚେନ୍ ଝାମ୍ପିବାକୁ ଚେଷ୍ଟା କରିଥିଲେ। ଶୁଭଶ୍ରୀ ସାହସର ସହ ପ୍ରତିରୋଧ କରିବାରୁ ବାବୁ ମାଝୀ ତାଙ୍କ ଉପରକୁ ଗୁଳି ଚଳାଇଥିଲେ ହେଁ ସୌଭାଗ୍ୟବଶତଃ ଗୁଳିଟି ବାଜିନଥିଲା। ପରେ ଅଭିଯୁକ୍ତ ସୁନା ଚେନ୍ ଲୁଟି ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ ହେବା ସହ ଥାନା ଅଧିକାରୀ କୃଷ୍ଣ ସାହା ଓ ତାଙ୍କ ଟିମ ତଦନ୍ତ କରିଥିଲେ। ଘଟଣାପରେ ଅଭିଯୁକ୍ତ ବାବୁ ମାଝି ବାଙ୍ଗାଲୋର ଫେରାର ହୋଇଯାଇଥିଲା ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଜିଲ୍ଲାଜଜଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ଗଞ୍ଜାମ ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତା



ବ୍ରହ୍ମପୁର,୩୦/୩(ସମିସ): ଗଞ୍ଜାମ ଓକିଲ ସଂଘର ନବ ନିର୍ବାଚିତ ସଭାପତି ସୀତାଂଶୁ ଶେଖର ପଣ୍ଡା, ସମ୍ପାଦକ ଜଗନ୍ନାଥ ମିଶ୍ର, ଉପସଭାପତି ସତ୍ୟ ନାରାୟଣ ବସନ୍ତିଆ ଓ ସହସମ୍ପାଦକ ରଂଜନ କୁମାର ସାମନ୍ତରାୟ ଗଞ୍ଜାମ ଜିଲ୍ଲା ଜଜ ଅଶାନ୍ତ କୁମାର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ଅବସରରେ ଅଦାଲତର ସୁବ୍ୟବସ୍ଥା ଏବଂ ଓକିଲମାନଙ୍କ ବିଭିନ୍ନ ସମସ୍ୟା ନେଇ ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡିଛି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗଞ୍ଜାମର ଲୋକନୃତ୍ୟ ପ୍ରଦର୍ଶିତ

ଗୋପାଳପୁର,୩୦/୩(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କବିସୂର୍ଯ୍ୟ ମଣ୍ଡପରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଏବଂ ଓଡି ଆର୍ଟ ସହଯୋଗରେ ଗଞ୍ଜାମର ଲୋକନୃତ୍ୟ ମାଧ୍ୟମରେ ଜଣାଶୁଣା ଓଡ଼ିଆ ଗଳ୍ପ 'ବିହଙ୍ଗ ବିପ୍ଳବ' ଏବଂ 'ଡାକ ମୁନିସି'କୁ ନାଟ୍ୟ ରୂପାନ୍ତର କରି ପ୍ରଦର୍ଶିତ ହୋଇଥିଲା। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ, ଭୁବନେଶ୍ୱର ନାଟ୍ୟ ଚେତନାର ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ ଏବଂ ଦିଗପହଣ୍ଡିର ବର୍ଣ୍ଣାଳୀ ନାଟ୍ୟ ସଂସଦର ନିର୍ଦ୍ଦେଶକ ଆଲୋକ ବିଷୋୟୀ ମଂଚାସୀନ ଥିଲେ। ମିହିର ତ୍ରିପାଠୀ ସଭା ପରିଚାଳନା କରିଥିଲେ।

## ୩ରୁ ଗଞ୍ଜାମ ଜିଲ୍ଲା ଜୁନିୟର କ୍ରିକେଟ ଦଳ ଚୟନ

ବ୍ରହ୍ମପୁର,୩୦ ।୩(ସମିସ): ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଆସନ୍ତା ମାସ ୩ ଓ ୪ତାରିଖ ଗଞ୍ଜାମ ଜିଲ୍ଲା ଜୁନିୟର କ୍ରିକେଟ ଦଳ ଚୟନ ଶିବିର ଅନୁଷ୍ଠିତ ହେବ। ଆଗକୁ ଓଡ଼ିଶା କ୍ରିକେଟ ସଂଘ(ଓସିଏ) ଦ୍ୱାରା ୧୬ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ଗଞ୍ଜାମ ଜିଲ୍ଲା ୧୬ବର୍ଷରୁ କମ୍ କନିଷ୍ଠ କ୍ରିକେଟ ଦଳର ଚୟନ କରାଯିବ। ଆସନ୍ତା ୩ତାରିଖରେ ଷ୍ଟାଡିୟମରେ ପହଞ୍ଚିବାକୁ ସମସ୍ତ ତାଲିକାଭୁକ୍ତ ଖେଳାଳିଙ୍କୁ ଅନୁରୋଧ କରାଯାଇଛି। ଆହ୍ୱାୟକ କମିଟି ସଦସ୍ୟ ସିଦ୍ଧାନ୍ତ ଗଙ୍ଗଦେବ ଓ ତପନ ପଟ୍ଟନାୟକଙ୍କୁ ସମସ୍ତ ଖେଳାଳୀ ରିପୋର୍ଟ କରିବାକୁ ସଂଘ ପକ୍ଷରୁ କୁହାଯାଇଛି।

## ୩ରେ ମହାନ ସଂଘର ଯୋଗ ଉତ୍ସବ

ବ୍ରହ୍ମପୁର,୩୦ ।୩(ସମିସ): ହିଲପାଟଣାସ୍ଥିତ କାର୍ଯ୍ୟାଳୟରେ ମହାନ୍ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଶାନ୍ତ ସାବତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରସ୍ତାବିତ 'ଯୋଗ ଉତ୍ସବ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏପ୍ରିଲ ୩ରେ ଗୁରୁକୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲରେ ଉତ୍ସବ ପାଳନ କରିବାକୁ ସ୍ଥିର ହୋଇଛି। ବୈଠକରେ ଶୁଭଶ୍ରୀ ସାବତ, ପୁଷ୍ପାଞ୍ଜଳି ମହାପାତ୍ର, ଅଲେଖ ଦାସ, ଗାୟତ୍ରୀ ପଣ୍ଡା, ଆଶିଷ ସାବତ, ତପନ ପଣ୍ଡା, ଆଦ୍ୟାଶ୍ରି ସାବତ, ସାଧନା ପାଢ଼ୀ, ମହେନ୍ଦ୍ର ବେହେରା, ସୁନୀଲ ବିଶ୍ୱାସ ଓ ଜୟଶ୍ରୀ ସାବତଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ନାରସୁ ଜେନାଙ୍କ ବିୟୋଗରେ ଶୋକ

ବ୍ରହ୍ମପୁର,୩୦ ।୩(ସମିସ): ଧର୍ମନଗରସ୍ଥିତ ରୋଟାରୀ ଇଷ୍ଟ କ୍ଲବ୍ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସମାଜସେବୀ ତଥା ପୂର୍ବତନ ସଭାପତି ରୋଟାରୀଆନ ନାରସୁ ଜେନାଙ୍କ ବିୟୋଗ ଅବସରରେ ଏହି ଶୋକସଭା ଅନୁଷ୍ଠିତ ହୋଇଥିଲା। କ୍ଲବ ସଭାପତି ଡ଼. ପ୍ରଦୀପ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଶ୍ରୀଜେନାଙ୍କ ଅମରଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ରୋଟାରୀ ଗଭର୍ଣ୍ଣର ଅକ୍ଷେନ୍ଦୁ ପଟ୍ଟନାୟକଙ୍କ ସମେତ ଡ଼. ସମ୍ବିତ ବେଗରାୟ, ଜୟନ୍ତ କିଶୋର ପାତ୍ର, ଅଜିତ କୁମାର ପୃଷ୍ଟି, ଗଦାଧର ରାଉଳ, ସୁଧାଂଶୁ ଖଡ଼ଗରାୟ, କୁଶ ପାତ୍ର, କାମରାଜୁ ମହାରଣା, ହୃଷିକେଶ ପ୍ରଧାନ ଓ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ। ସେହିପରି ସ୍ୱର୍ଗତ ଜେନାଙ୍କ ଉତ୍କଳ ଆଶ୍ରମ ରୋଡ଼ ସ୍ଥିତ ବାସଭବନରେ ୱାର୍କସ କ୍ଲବର ଡିଜି ରାଜକିଶୋର ସ୍ୱାଇଁ, ଶିକ୍ଷକ ନେତା ଅଶୋକ କୁମାର ଦଳେଇ, ଦୁର୍ଗା ରାଓ, ସନ୍ତୋଷ ତ୍ରିପାଠୀ, ଜବାହର ପାଳ, ପ୍ରଦୀପ ନାୟକ ଓ ଶାନ୍ତନୁ ପାତ୍ର ପ୍ରମୁଖ ଶେଷଦର୍ଶନ କରିଥିଲେ। ପୁତ୍ର ରାକେଶ ଓ ଝିଅ ରୋଜାଲି ଦେଶ ବାହାରେ ଅବସ୍ଥାନ କରୁଥିବା ବେଳେ ସେମାନଙ୍କ ଆଗମନ ପରେ ସ୍ୱର୍ଗତ ଜେନାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି।

## ଓଡ଼ିଆ ଭାଷା ଚିନ୍ତନ ଓ ସ୍ୱାସ୍ଥ୍ୟ ଶିବିର



ବ୍ରହ୍ମପୁର,୩୦ ।୩(ସମିସ): ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଆ ଭାଷା ସଚେତନ ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ଅଧ୍ୟକ୍ଷ ଡା. ନକୁଳ ସାହୁ ଓଡ଼ିଆ ଭାଷାକୁ ନେଇ ସମସ୍ତେ ଏକାଠି ହେବା ସହ ଭାଷାର ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ୍ତ, ସ୍ତ୍ରୀରୋଗ ଭଳି ବିଭିନ୍ନ ରୋଗର ପରୀକ୍ଷା କରି ଔଷଧ ବିତରଣ କରିଥିଲେ। ଡି. ଶ୍ରୀନିବାସ ରାଓ ପରିଚାଳନାରେ ସହଯୋଗ କରିଥିଲେ।



# ସମ୍ପାଦକୀୟ



ଭୁଲ୍ କୃଷି ଦ୍ୱାରା ଆମେ ଉର୍ବର ଚାଷଜମିକୁ ମରୁଭୂମି କରିଚାଲିଛୁ। ଜୈବିକ କୃଷିକୁ ଫେରି ମାଟି ମା'କୁ ନ ବଞ୍ଚାଇଲେ ଆମର ଭବିଷ୍ୟତ ଅନ୍ଧାର।

-ସଦ୍‌ଗୁରୁ ଜାଗି ବାସୁଦେବ

ସକାଳ
THE SAKALA

## ଗଣତନ୍ତ୍ରର ଚାଟଶାଳୀ ବେହାଲ୍

ଗଣତାନ୍ତ୍ରିକ ବ୍ୟବସ୍ଥାକୁ ତୃଣମୂଳସ୍ତରରେ ସୁଦୃଢ଼ କରିବାର ଭିତ୍ତିଭୂମି ପଡ଼ିଥିଲା ୧୯୯୨ରୁ। ସଂବିଧାନର ୭୩ ଓ ୭୪ ତମ ସଂଶୋଧନ ତ୍ରିସ୍ତରୀୟ ପଞ୍ଚାୟତି ରାଜ ଓ ସହରାଞ୍ଚଳରେ ପୌରପରିଷଦ ମାଧ୍ୟମରେ ଶାସନ କ୍ଷମତା ସ୍ଥିରୀକୃତ ହୋଇଥିଲା। ପ୍ରତି ୫ ବର୍ଷରେ ଥରେ ଏହି ତୃଣମୂଳସ୍ତରୀୟ ସଂସ୍ଥା ପାଇଁ ନିର୍ବାଚନ ମାଧ୍ୟମରେ ନେତୃତ୍ୱର ବିକାଶ ଘଟିବା ସହ ଆଞ୍ଚଳିକ ସ୍ତରରେ ସମସ୍ତ ଉନ୍ନତି କାର୍ଯ୍ୟ ପାଇଁ ସେମାନଙ୍କୁ ଉତ୍ତରଦାୟୀ କରାଗଲା। କାରଣ ଏହା ହେଉଛି ବ୍ୟବସ୍ଥାଗତ ଶୃଙ୍ଖଳାର ପ୍ରଥମ ପାହାଚ। ତଫସିଲଭୁକ୍ତ ଜାତି ଓ ଜନଜାତିଙ୍କୁ ନିମ୍ନସ୍ତରରୁ ସଚେତନ କରିବା ସକାଶେ ସଂରକ୍ଷଣ ମାଧ୍ୟମରେ ପ୍ରତିନିଧିତ୍ୱର ସୁଯୋଗ ମିଳିଲା। କ୍ରମେ ପୁରୁଷଙ୍କ ସହ ମହିଳାଙ୍କୁ ସମକକ୍ଷ କରିବା ସକାଶେ ସେମାନଙ୍କ ସକାଶେ ସଂରକ୍ଷଣ ପରିସର ବଢ଼ିବାରୁ ସେମାନେ ମଧ୍ୟ ନେତୃତ୍ୱ ନେବାର ସୁଯୋଗ ପାଇଲେ। ତୃଣମୂଳସ୍ତରର ଆର୍ଥିକ ବିକାଶ, ସାମାଜିକ ନ୍ୟାୟ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଦାରିଦ୍ର୍ୟ ଦୂରୀକରଣ ଭଳି ଗୁରୁଦାୟିତ୍ୱ ନିଭାଇ ଆଞ୍ଚଳିକ ସ୍ତରରେ ନେତୃତ୍ୱ ବିକଶିତ ହେଲା। ରାଜ୍ୟ ସରକାରଙ୍କ ଅଧୀନରେ ପରିଚାଳିତ ଏହି ଦୁଇ ବିଭାଗକୁ ଆର୍ଥିକ ସ୍ତରରେ ସୁଦୃଢ଼ କରିବା ସକାଶେ ୧୫ ଶ ଅର୍ଥ କମିଶନଙ୍କ ସୁପାରିସକ୍ରମେ କେନ୍ଦ୍ର ୨୦୨୧ ରୁ ୨୦୨୬ ବର୍ଷ ମଧ୍ୟରେ ୪.୩୬ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳ ଓ ସହାରାଞ୍ଚଳରେ ବିକାଶ ପ୍ରକ୍ରିୟା କେବଳ ଗତିଶୀଳ ହେବନି, ଅଞ୍ଚଳବାସୀଙ୍କ ସଂପୃକ୍ତି ଓ ସହଯୋଗକୁ ମଧ୍ୟ ସୁନିଶ୍ଚିତ କରାଯାଇପାରିବ। ତେଣୁ ଆମେ ଆଶା କରିବା, ଏ କ୍ଷେତ୍ରରେ ଦଳ ବଳର ବାଛବିଚାରରୁ ମୁକ୍ତ ରହି କାର୍ଯ୍ୟ ସଂପାଦନକୁ ପ୍ରାଧାନ୍ୟ ଦିଆଯିବ।

ଗଣତନ୍ତ୍ରର ବିଦ୍ୟାଳୟ ରୂପେ ନିମ୍ନସ୍ତରରେ କାର୍ଯ୍ୟରତ ଏହି ସ୍ୱାୟତ୍ତ ଶାସନ ସଂଗଠନ ବ୍ୟବସ୍ଥାର ଭିତ୍ତିଭୂମି ହେବ। ତୃଣମୂଳସ୍ତରର ଗଣତାନ୍ତ୍ରିକ ବ୍ୟବସ୍ଥା ସୁଦୃଢ଼ ହେଲେ ତାହା ଜାତୀୟସ୍ତରର କାର୍ଯ୍ୟଧାରାକୁ ଅଧିକ ସୁଦୃଢ଼ ଓ ସମୃଦ୍ଧ କରିବ। ୧୮୮୨ରେ ଲର୍ଡ ରିପନଙ୍କ ସମୟରୁ ଆମ ଦେଶରେ ଗଣତନ୍ତ୍ରର ମୂଳଦୁଆ ପଡ଼ିଥିଲା ତୃଣମୂଳସ୍ତରରେ। ଜାତୀୟସ୍ତରର ବହୁ ପ୍ରମୁଖ ନେତାଙ୍କ ସକାଶେ ଗଣତାନ୍ତ୍ରିକ ବ୍ୟବସ୍ଥାର ପାଠଶାଳା ରୂପେ ଏହି ତୃଣମୂଳ ସ୍ତରର ସଂସ୍ଥା ଶିକ୍ଷାଦାନ କରିଥିଲା। ଏସବୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନ ଆଶାରେ ଆମ ସଂବିଧାନ ବ୍ୟବସ୍ଥାର ସଂଶୋଧନ ହେଲା ତାହା କ୍ରମେ ଶକୁନିଙ୍କ ପଶାକାଠି ଭଳି ଦୁର୍ନୀତି ଓ ଦୂରାଚାରକୁ ପ୍ରୋତ୍ସାହିତ କରୁଛି। କ୍ଷମତାର ଅହଂକାର ବେଳେ ବେଳେ ରାଜନୈତିକ ଫାଇଦା ହାସଲ ସକାଶେ ବ୍ୟବସ୍ଥାରେ ଅନାବଶ୍ୟକ ସଂଶୋଧନ ତୃଣମୂଳ ସ୍ତରକୁ ବିଶୃଙ୍ଖଳିତ କରିଥାଏ। ତେଣୁ ନିର୍ବାଚିତ ପୌରାଧ୍ୟକ୍ଷ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତା ପରିସରକୁ ସଂକୁଚିତ କରି ସ୍ଥାନୀୟ ପ୍ରଶାସନ ମାଧ୍ୟମରେ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବାର ପ୍ରୟାସ ଆରମ୍ଭ ହୋଇଛି। ଉପର ମହଲରୁ ଇଙ୍ଗିତରେ ସ୍ଥାନୀୟ ପ୍ରଶାସନ ନିର୍ବାଚିତ ପ୍ରତିନିଧିଙ୍କୁ ଉପେକ୍ଷା କରିବା ପରମ୍ପରା ଦୁର୍ନୀତିକୁ ପ୍ରୋତ୍ସାହିତ କରିବା ସ୍ୱାଭାବିକ। ସରକାରଙ୍କ ପକ୍ଷରୁ ଦୁର୍ନୀତି ବିରୋଧରେ ଚାଲିଥିବା ଧରପଗଡ଼ କେବଳ ଧର୍ମକୁ ଆଖିଠାର ନୁହେଁ। ଯେଉଁମାନେ ଦଳୀୟ କର୍ମୀ ଓ ନେତାଙ୍କୁ ସନ୍ତୁଷ୍ଟ କରି କାର୍ଯ୍ୟକରୁଛନ୍ତି ସେମାନେ ସରକାରଙ୍କ ଆଖିରେ ସୁନାପିଲା।

ରାଜ୍ୟରେ ସରକାର ବଦଳିଛି, ହେଲେ ତୃଣମୂଳ ସ୍ତରରେ ବିରୋଧୀ ଏବେ ମଧ୍ୟ କ୍ଷମତାରେ ଅଛନ୍ତି। ସେମାନେ ତ ବହୁମତରେ ନିର୍ବାଚିତ ଲୋକପ୍ରତିନିଧି। ପଞ୍ଚାୟତ ଓ ପୌର ସଂସ୍ଥାର କ୍ଷମତା ପରିସରକୁ ସଂକୁଚିତ କରିବାର କ୍ଷମତା ରାଜ୍ୟ ସରକାରଙ୍କ ଅଛି। ଏହି ଦୁଇସ୍ତରର ଅଧ୍ୟକ୍ଷଙ୍କ ଆର୍ଥିକ କ୍ଷମତାକୁ ସଂକୁଚିତ କରି ପ୍ରଶାସନ ହାତକୁ ଟେକି ଦିଆଯାଇଛି। ଅଥଚ ନିର୍ବାଚିତ ପ୍ରତିନିଧିଙ୍କୁ ବିଭିନ୍ନ ପ୍ରସଙ୍ଗରେ ଉତ୍ତରଦାୟୀ କିପରି କରାଯାଇପାରିବ? ରାଜ୍ୟରେ ଆଗକୁ ବ୍ୟବସ୍ଥିତି ଢଙ୍ଗରେ ନିର୍ବାଚିତ ହେଲେ, ହୋଇପାରେ ଏବର କ୍ଷମତାରେ ଥିବା ଲୋକଙ୍କୁ ପରିବର୍ତ୍ତିତ ପରିସ୍ଥିତିରେ ଲୋକେ ପ୍ରତ୍ୟାଖ୍ୟାନ କରିପାରନ୍ତି। ସେତେବେଳେ କ'ଣ ସରକାର ସେମାନଙ୍କୁ ପୁଣି ଆଇନରେ ସଂଶୋଧନ କରି ପୂର୍ବକ୍ଷମତା ଫେରାଇ ଦେବେ? ଏଭଳି ଏକ ସଂକୀର୍ଣ୍ଣ ମାନସିକତା ନେଇ ଶାସନ ପରିଚାଳନା କରାଯାଏନି। ଏକଥା ସତ ଯେ, ସମୟକ୍ରମେ ପରିବର୍ତ୍ତନର ସୁଯୋଗ ଆସିବ। ନଇ ନଦେଖୁଣୁ ନଙ୍ଗଳା ହେଲା ଭଳି କ୍ଷମତାକେନ୍ଦ୍ରିକ ଦୁରାଚାରକୁ ଅନ୍ତତଃ ପ୍ରୋତ୍ସାହନ ଦେବା ଉଚିତ ନୁହେଁ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଉତ୍ତରଦାୟିତ୍ୱ ପ୍ରତି ନିର୍ବାଚିତ ପ୍ରତିନିଧି ସଚେତନ ନରହିଲେ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ଭୁଶୁଡ଼ି ପଡ଼ିବ। ତେଣୁ ଗଣତାନ୍ତ୍ରିକ ବ୍ୟବସ୍ଥାର ଖଡ଼ିଛୁଆଁ କରୁଥିବା ତୃଣମୂଳ ସ୍ତରର ପ୍ରତିନିଧିଙ୍କୁ ନ୍ୟାୟଦେବାରେ ଆମେ ଯଦି ବିମୁଖ ହେବା ଏମାନେ ଉଚ୍ଚତର ସେପାନକୁ ଉନ୍ନୀତ ହେଲେ କ'ଣ କରିବେ?

ପରିବର୍ତ୍ତିତ ସମୟରେ ଉତ୍ତରଦାୟିତ୍ୱ ପ୍ରତି କେହି ସଚେତନ ନୁହନ୍ତି। କ୍ରମେ ପ୍ରଶ୍ନକରିବା ଅଧିକାର ମତଦାତାଙ୍କଠାରୁ ଛଡ଼ାଇ ନିଆଯାଇଛି। ଯେତେବେଳେ ନେତା ଓ ମନ୍ତ୍ରୀ ଜନସମୁଦାୟ ନିକଟରେ ଉତ୍ତରଦାୟୀ ନୁହନ୍ତି, ସେମାନେଙ୍କୁ ପ୍ରଶ୍ନ କିଏ ବା କାହିଁକି କରିବ? ସଂଖ୍ୟାବଳରେ ବଳୀୟାନ ବ୍ୟବସ୍ଥା ନିଜର ସ୍ଥିତି ବଜାୟ ରଖିବା ସକାଶେ ପ୍ରତିପକ୍ଷଙ୍କ ବିରୋଧରେ ମିଥ୍ୟା ଅପପ୍ରଚାର ମାଧ୍ୟମରେ ନିନ୍ଦିତ ଓ ଅପମାନିତ କରିବାକୁ ଏକ ରାଜନୈତିକ କୌଶଳ ରୂପେ ଗ୍ରହଣ କରାଯାଇ ଥିବା ବେଳେ ତା'କୁ ପ୍ରତିହତ କରିବାର କ୍ଷମତା ଓ ସାମର୍ଥ୍ୟ ଜୁଟାଇବା ମଧ୍ୟ କଷ୍ଟକର। ତେଣୁ ତୃଣମୂଳ ସ୍ତରର ଏହି ନିର୍ବାଚନ ରାଜନୀତି ପାଇଁ ଏବେ ଠାରୁ ବ୍ୟବସ୍ଥାକୁ ଯେଭଳି ମାଡ଼ି ଚକଡ଼ି ଦଳି ଦିଆଯାଇଛି ସେଥିରେ ଆଗାମୀ ଦିନର ନବଗଠିତ ସଂସ୍ଥାର କାର୍ଯ୍ୟଧାର କ'ଣ ହେବ ତାହା ସହଜରେ ଅନୁମାନ କରାଯାଇପାରେ। ଗଣତନ୍ତ୍ରର ଚାଟଶାଳୀରେ ଏହିଯେଉଁ ପାଠପଢ଼ା ଚାଲିଛି ତାହା ଗଣତାନ୍ତ୍ରର ବିଶ୍ୱବିଦ୍ୟାଳୟକୁ ଆଗାମୀ ଦିନରେ ସେହି ଅନୁପାତରେ କଳୁଷିତ କରିବ। ଦେଶର ଗଣତନ୍ତ୍ର ଧାରା ଅନ୍ତତଃ ଗୁଳାରୁ ଖସି ନ ଯାଉ ଏତିକି କେବଳ ଆଶା କରିବା।

## ସରଳୀକରଣ ପ୍ରୟାସରେ ଆୟକର ଆଇନ

ଡ. ରଜନୀକାନ୍ତ ଖୁଣ୍ଟିଆ

କର ବା ଟିକସ ମାନବ ସଭ୍ୟତାର ବିକାଶ ସହିତ ଜଡ଼ିତ ଏକ ପୁରାତନ ବ୍ୟବସ୍ଥା, ଯାହା ସଂଗଠିତ ସମାଜ ଓ ଶାସନ ବ୍ୟବସ୍ଥାକୁ ଧାରଣ କରି ରଖିବାରେ ପ୍ରମୁଖ ଭୂମିକା ନିର୍ବାହ କରିଆସୁଛି। ଭାରତରେ କର ବ୍ୟବସ୍ଥାର ଇତିହାସରେ ପ୍ରଜାମାନଙ୍କ ଦ୍ୱାରା ରାଜ୍ୟ ପରିଚାଳନା ଓ ସାର୍ବଜନିକ କାର୍ଯ୍ୟ ପାଇଁ ଦିଆଯାଉଥିବା ଅଂଶଦାନର ସ୍ପଷ୍ଟ ଉଲ୍ଲେଖ 'ବେଦ'ରେ ଦେଖିବାକୁ ମିଳେ। 'ଅର୍ଥଶାସ୍ତ୍ର' ଅନୁଯାୟୀ ମୌର୍ଯ୍ୟଯୁଗରେ 'ଭୂମି-କର', 'ବ୍ୟାପାର-କର', 'ଶୁଳ୍କ ଓ ବୃତ୍ତି କର' ଭଳି ସୁସଂଗଠିତ କର ପ୍ରଣାଳୀ ରହିଥିଲା। ଗୁପ୍ତ ଯୁଗରେ ଭୂମି-କର ରାଜ୍ୟର ପ୍ରଧାନ ଆୟର ସ୍ରୋତ ଥିଲା। ଏହିପରି ଭାବେ ଏକ ଅମ୍ଳାନ ଐତିହାସିକ ପୃଷ୍ଠଭୂମି ଓ ସଭ୍ୟତାର ନିରନ୍ତର ବିକାଶ ସହିତ ଭାରତୀୟ କର ବ୍ୟବସ୍ଥା ଆଜି ଏକ ନୂତନ, ଆଧୁନିକ ଓ ସଂଗଠିତ କଳେବର ଧାରଣ କରିଛି। 'ଆୟକର ଆଇନ, ୧୯୬୧' ପ୍ରବର୍ତ୍ତିତ ହୋଇ ୧୯୨୨ର ଆଇନକୁ ପ୍ରତିସ୍ଥାପିତ କରିଛି ଏବଂ ଉନ୍ନତିଶୀଳ ଅର୍ଥନୀତି ପାଇଁ ଏକ ସୁସଂଗଠିତ କର ଢାଞ୍ଚା ପ୍ରଦାନ କରିଛି।

ପରବର୍ତ୍ତୀ ଛଅ ଦଶକରେ ଯୋଜନାମୂଳକ ବିକାଶ, ଉଦାରୀକରଣ ଓ ପ୍ରଯୁକ୍ତିଗତ ଉନ୍ନତିର ପର୍ଯ୍ୟାୟରେ ବହୁ ସଂଶୋଧନ, ଯୋଗ ଓ ବିୟୋଗରେ ଏହି ଆଇନ ଅଧିକ ବିସ୍ତୃତ ଓ ଜଟିଳ ହୋଇଯାଇଥିଲା। ଆଇନର ବ୍ୟାଖ୍ୟା ଓ ପ୍ରୟୋଗରେ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଏହି ପରିପ୍ରେକ୍ଷୀରେ ଗଠନାତ୍ମକ ସଂଶୋଧନର ଆବଶ୍ୟକତା ଅନୁଭବ ହୋଇ ଶେଷରେ 'ଆୟକର ଆଇନ-୨୦୨୫' ପ୍ରବର୍ତ୍ତନ କରାଯାଇଛି। ସଂଶୋଧିତ ଆଇନର ଗଠନକୁ ପୁନର୍ବିନ୍ୟାସ କରାଯାଇ ଧାରା ସଂଖ୍ୟା କମାଇବା, ଏକକ କର ବର୍ଷର ପ୍ରଚଳନ, କର ସମ୍ବନ୍ଧୀୟ ପ୍ରାବଧାନଗୁଡ଼ିକୁ ସୁସଙ୍ଗତ ଓ ସଂଯୁକ୍ତ କରିବା, ଡିଜିଟାଲ୍ ଅନୁସରଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଆଦି କର ବ୍ୟବସ୍ଥାକୁ ମାର୍ଜିତ କରିଛି। ଏପ୍ରିଲ୍ ୧, ୨୦୨୬ ଠାରୁ କାର୍ଯ୍ୟକାରୀ ହେବାକୁ ଥିବା ଏହି ଆଇନ ଭାରତର ପ୍ରତ୍ୟକ୍ଷ କର ପ୍ରଣାଳୀ ପାଇଁ ଏକ ଅଧିକ ସ୍ପଷ୍ଟ, ସୁସଂଗତ ଏବଂ ପ୍ରଶାସନିକ ଭାବେ କାର୍ଯ୍ୟକ୍ଷମ ଢାଞ୍ଚା ପ୍ରଦାନ କରିବ ବୋଲି ଆଶା କରାଯାଉଛି।

ଆୟକର ଆଇନ-୧୯୬୧ କାଳକ୍ରମେ ଦୀର୍ଘ ଓ ଜଟିଳ ହୋଇଯାଇଥିବାରୁ କର ଆଧାର ସଂକୁଚିତ ହେବା ସହିତ ମାମଲା, ପ୍ରଶାସନିକ ଖର୍ଚ୍ଚ ଓ କରଦାତାଙ୍କ ଅନୁସରଣ ଭାର ବଢ଼ିଯାଇଥିଲା। ଅଧିକନ୍ତୁ ପାରମ୍ପରିକ ଆଇନ ଭାଷାର ମାତ୍ରାଧିକ ବ୍ୟବହାର, ଦୀର୍ଘ ବାକ୍ୟ, ଅନେକ ସର୍ତ୍ତ ଓ ବିସ୍ତୃତ ବ୍ୟାଖ୍ୟା ଆଦି ସାଧାରଣ କରଦାତାଙ୍କ ପାଇଁ ବୁଝିବାକୁ କଷ୍ଟ ହେଉଥିଲା। ଏହି ସମସ୍ତ କାରଣ ମିଶି ଏକ ସରଳ, ସ୍ପଷ୍ଟ ଓ ସମନ୍ୱିତ ନୂତନ ଆୟକର ଆଇନର ଆବଶ୍ୟକତାକୁ ଜନ୍ମ ଦେଲା। ଜୁଲାଇ ୨୦୨୪ରେ ଆୟକର ଆଇନ-୧୯୬୧କୁ ସରଳ, ସ୍ପଷ୍ଟ ଓ ସମୟୋପଯୋଗୀ କରିବା ଉଦ୍ଦେଶ୍ୟରେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ପ୍ରୟାସରେ ସି.ବି.ଡି.ଟି ଦ୍ୱାରା ଗଠିତ ଏକ ଆଭ୍ୟନ୍ତରୀଣ କମିଟି ଶିଳ୍ପ ସଂଗଠନ, ପେଶାଗତ ସଂଘ ଓ କର ବିଭାଗର ଅଧିକାରୀମାନଙ୍କ ସହିତ ପରାମର୍ଶ କରିବା ସହ ଆନ୍ତର୍ଜାତିକ ସର୍ବୋତ୍ତମ ପ୍ରଚଳନରୁ ମଧ୍ୟ ଅନୁଭବ ଗ୍ରହଣ କରିଥିଲା। କର ନୀତି ଓ କର ହାରରେ ପରିବର୍ତ୍ତନ ନ କରି ସରଳ ଭାଷା ଓ ଗଠନ ଉପରେ ଗୁରୁତ୍ୱ ଦେଇ ଆୟକର ଆଇନ-୨୦୨୫ର ଖସଡ଼ାରେ ଜଟିଳ ଭାଷା ହଟାଇବା, ଅପ୍ରୟୋଜନୀୟ ବ୍ୟବସ୍ଥା ଅପସାରଣ କରିବା ଏବଂ ବ୍ୟବସ୍ଥାଗୁଡ଼ିକୁ ତର୍କସଙ୍ଗତ ଭାବେ ପୁନଃଗଠନ କରିବାକୁ ପ୍ରାଧାନ୍ୟ ଦିଆଯାଇଥିଲା।

ଏହି ସଂଶୋଧନ ଆଧୁନିକ ଅର୍ଥନୈତିକ ପରିସ୍ଥିତି ସହିତ ସମନ୍ୱୟ ରଖି ଏକ ସ୍ପଷ୍ଟ, କରଦାତା ଉନ୍ମୁଖୀ ଓ ବିଶ୍ୱାସଭିତ୍ତିକ କର ପରିବେଶ ଗଢ଼ିବାକୁ ଆଶା ରଖିଛି। ଆଇନଟିକୁ ୮୦୦ରୁ ଅଧିକ ଧାରାରୁ ୫୩୬ ଧାରାରେ ସଂକୁଚିତ କରାଯାଇ, ୨୩ଟି ଅଧ୍ୟାୟ ଓ ୧୬ଟି ସୂଚୀରେ ସୁସଙ୍ଗଠିତ କରାଯାଇଛି, ଯାହା ଆଇନ ଖୋଜିବା ଓ ବୁଝିବାକୁ ସହଜ କରେ। ପୂର୍ବରୁ ବ୍ୟବହୃତ ପୂର୍ବବର୍ଷ (ପ୍ରିଭିଏସ ଇୟର) ଓ ମୂଲ୍ୟାଙ୍କନ ବର୍ଷ (ଆସେସମେଣ୍ଟ ଇୟର) ସ୍ଥାନରେ 'କର ବର୍ଷ' (ଟାକ୍ସ ଇୟର)ର ପ୍ରଚଳନ କରାଯାଇ କରଦାତାଙ୍କ ପାଇଁ ଅସ୍ପଷ୍ଟତା କମାଇଛି। ଅଧିକନ୍ତୁ ଏହି ଆଇନର ପରିସରକୁ ଅଧିକ ବ୍ୟାପ୍ତ କରାଯାଇ ସରକାରଙ୍କୁ କାର୍ଯ୍ୟକାରିତା, ପାରଦର୍ଶିତା ଓ ଦାୟିତ୍ୱକୁ ବଢ଼ାଇବା ପାଇଁ ଯୋଜନା ପ୍ରଣୟନ କରିବାର ଅଧିକାର ଦିଏ, ଯେଉଁଥିରେ ଫେସ୍‌ଲେସ୍ ପ୍ରକ୍ରିୟା ଓ ସମ୍ପଦର ସର୍ବୋତ୍ତମ ବ୍ୟବହାର ସମ୍ମିଳିତ। କର ଅନୁସରଣ ସରଳ କରିବା ପାଇଁ ବିଭିନ୍ନ ବ୍ୟବସ୍ଥାକୁ ସଂଘଟିତ କରାଯାଇଛି। ଉଦାହରଣସ୍ୱରୂପ, ସମସ୍ତ ଟି.ଡି.ଏସ. ସମ୍ବନ୍ଧୀୟ ନିୟମ ଏକମାତ୍ର ଧାରାର (ଧାରା ୩୯୩) ଅଧୀନକୁ ଆଣାଯାଇଛି। ଭର୍ଚୁଆଲ୍ ଡିଜିଟାଲ୍ ସ୍ପେସକୁ ଔପଚାରିକ ଭାବେ ସ୍ୱୀକୃତି ମିଳିଛି ଓ କ୍ରିପ୍ଟୋକରେନ୍ସି ସଦୃଶ ଡିଜିଟାଲ୍ ସଂପତ୍ତିକୁ ଆବର୍ତ୍ତିତ କରାଯାଇ ଭର୍ଚୁଆଲ୍ ଡିଜିଟାଲ୍ ଆସେଟ୍ ର ପରିଧିକୁ ବିସ୍ତାର କରାଯାଇଛି। ଏହା ସହିତ ଏକ ଅଧିକ ସଂରଚିତ ଓ ମୈତ୍ରୀପୂର୍ଣ୍ଣ ବିବାଦ ସମାଧାନ ପ୍ରଣାଳୀ ଆଇନର ପାରଦର୍ଶିତା ଓ ପ୍ରଶାସନିକ କାର୍ଯ୍ୟକାରିତାକୁ ଶକ୍ତ କରିବାର ଚେଷ୍ଟା କରିଛି।

ଆୟକର ଆଇନ-୨୦୨୫ ଦୀର୍ଘଦିନ ଧରି ଚାଲିଥିବା ୧୯୬୧ ଆଇନକୁ ପ୍ରତିସ୍ଥାପିତ କଲେ ମଧ୍ୟ କିଛି ବ୍ୟବହାରିକ ଅସୁବିଧା ଦେଖାଦେଇପାରେ। ସର୍ବପ୍ରଥମେ, ନୂତନ ଧାରା ସଂଖ୍ୟାକ୍ରମ ଓ ଗଠନ କାରଣରୁ କରଦାତା, କର ପରାମର୍ଶଦାତା ଓ କର ଅଧିକାରୀମାନଙ୍କୁ ପୁରୁଣା ବ୍ୟବସ୍ଥା ଛାଡ଼ି ନୂତନ ଆଇନ ସହ ଖାପଖୁଆଇବାକୁ ସମୟ ଲାଗିବ, ଯାହା ଆରମ୍ଭରେ ଅସ୍ପଷ୍ଟତା ସୃଷ୍ଟି କରିପାରେ। ଡିଜିଟାଲ୍-ପ୍ରଥମ ପଦ୍ଧତି ଫଳରେ ଫେସ୍‌ଲେସ୍ ଆସେସ୍‌ମେଣ୍ଟ ଲବ୍ଧ ଅନଲାଇନ୍ ପ୍ରକ୍ରିୟା ଉପରେ ଅଧିକ ନିର୍ଭରଶୀଳତା ବଢ଼ିଛି, ଯାହା ଗ୍ରାମୀଣ ଅଞ୍ଚଳର କରଦାତା, ବୟସ୍କ ବ୍ୟକ୍ତି ଓ ପ୍ରଯୁକ୍ତିରେ ଅପରିଚିତ ଲୋକମାନଙ୍କ ପାଇଁ ସମସ୍ୟା ହୋଇପାରେ। କେନ୍ଦ୍ର ସରକାରଙ୍କୁ ଯୋଜନା ତିଆରି କରିବା ପାଇଁ ଦିଆଯାଇଥିବା ବ୍ୟାପକ ଶକ୍ତି ଦ୍ୱାରା ବିଧାନମଣ୍ଡଳୀୟ ନିୟନ୍ତ୍ରଣ କମିବା ଓ ଦାୟିତ୍ୱବୋଧ ସମ୍ପର୍କିତ ଆଶଙ୍କା ଉପସ୍ଥିତ ହୁଏ।

'ଭର୍ଚୁଆଲ୍ ଡିଜିଟାଲ୍ ସ୍ପେସ୍'ରେ ତଲାସି ଓ ଜବତ ଶକ୍ତି ବଢ଼ିବାରୁ ଇମେଲ୍, ସୋସିଆଲ୍ ମିଡିଆ ଆକାଉଣ୍ଟ ଓ ଅନଲାଇନ୍ ଆର୍ଥିକ ତଥ୍ୟର ପ୍ରକାଶ ସମ୍ଭବ ହେଉଥିବାରୁ ଗୋପନୀୟତା ଓ ତଥ୍ୟ ସୁରକ୍ଷା ଉପରେ ପ୍ରଶ୍ନ ଉଠିଛି। ତଦୁପରି, କର ହାର ଓ ରିହାତିରେ କୌଣସି ତତ୍କାଳିକ ପରିବର୍ତ୍ତନ ନଥିବାରୁ ମଧ୍ୟମ ଓ ନିମ୍ନ ଆୟ ଶ୍ରେଣୀର କରଦାତାମାନେ ଆର୍ଥିକ ରିହାତିର ଅନୁଭୂତି ପାଉନାହାନ୍ତି। ସରଳୀକରଣ ସତ୍ତ୍ୱେ ଅନ୍ତର୍ଜାତୀୟ କର, ଟ୍ରାନ୍ସଫର୍ ପ୍ରାଇସିଂ ଓ ଡିଜିଟାଲ୍ ଆୟ ପରି ବିଶେଷ କ୍ଷେତ୍ରଗୁଡ଼ିକ ପୂର୍ବପରି ଜଟିଳ ରହିଥିବାରୁ ବଡ଼ କମ୍ପାନୀ ଓ ବହୁଜାତୀୟ ସଂସ୍ଥାମାନଙ୍କ ପାଇଁ ସେପରି ପ୍ରୋତ୍ସାହନ ନମିଳିବାର ଆଶଙ୍କା ସୃଷ୍ଟି କରିଛି। ଶେଷରେ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କର ଆଇନଜୀବୀ ଓ କର ଅଧିକାରୀମାନଙ୍କୁ ନୂତନ ଆଇନର ଧାରା, ପ୍ରକ୍ରିୟା ଓ ଡିଜିଟାଲ୍ ବ୍ୟବସ୍ଥା ବୁଝିବା ପାଇଁ ପୁନଃପ୍ରଶିକ୍ଷଣ ଆବଶ୍ୟକ, ଯାହା ପ୍ରାରମ୍ଭିକ ଅବଧିରେ ସମସ୍ୟା ସୃଷ୍ଟି କରିପାରେ।

ହାନ୍ସ ହଫମାନ୍‌ଙ୍କ ମତରେ ସରଳୀକରଣର ଅର୍ଥ ହେଉଛି ଅପ୍ରୟୋଜନୀୟ କଥାକୁ ହଟାଇ ଆବଶ୍ୟକତାକୁ ସ୍ପଷ୍ଟ କରିବା। ଏହା କୌଣସି ବିଷୟକୁ ଛୋଟ କିମ୍ବା ଅଧୁରା କରିଦେବା ନୁହେଁ, ବରଂ ଅପ୍ରୟୋଜନୀୟ ଅଂଶକୁ ଅପସାରଣ କରି ମୂଳ ଓ ଆବଶ୍ୟକ ଅଂଶକୁ ସ୍ପଷ୍ଟ ଭାବେ ପ୍ରକାଶ କରିବା। ତେଣୁ ଏହା ଏକ ସୃଜନାତ୍ମକ ଓ ଦାୟିତ୍ୱପୂର୍ଣ୍ଣ ପ୍ରକ୍ରିୟା। ଅଧିକ ନିୟମ, ଅନେକ ବ୍ୟବସ୍ଥା ଓ ଜଟିଳ ଭାଷା ସାଧାରଣ ଲୋକଙ୍କୁ ଭ୍ରମିତ କରେ ଓ ବ୍ୟବସ୍ଥାରୁ ଦୂରେଇ ଦିଏ। କିନ୍ତୁ ଯେତେବେଳେ ଅପ୍ରୟୋଜନୀୟତାକୁ ହଟାଇ ମୂଳ ନୀତିଗୁଡ଼ିକୁ ସ୍ପଷ୍ଟ କରାଯାଏ, ସେତେବେଳେ ବ୍ୟବସ୍ଥା ବୁଝିବା ସହଜ ହୁଏ, ବିଶ୍ୱାସ ବଢ଼େ ଏବଂ ସ୍ୱଇଚ୍ଛାରେ ଅନୁସରଣର ପ୍ରବୃତ୍ତି ଗଢ଼ିଉଠେ। ଏହି ପରିପ୍ରେକ୍ଷୀରେ, ଭାରତୀୟ କର ବ୍ୟବସ୍ଥାରେ ସରଳୀକରଣ ଦିଗରେ ଗ୍ରହଣ କରାଯାଇଥିବା ଏହି ବଳିଷ୍ଠ ଓ ସୁଦୂରପ୍ରସାରୀ ପ୍ରୟାସର ସଫଳ ରୂପାୟନ ଓ କାର୍ଯ୍ୟକାରିତା ନିତାନ୍ତ ଆବଶ୍ୟକ। ଏହା କେବଳ କର ବ୍ୟବସ୍ଥାକୁ ଅଧିକ ସରଳ ଓ ସ୍ପଷ୍ଟ କରିବା ନୁହେଁ, ବରଂ କରଦାତାଙ୍କର ବିଶ୍ୱାସ ବଢ଼ାଇ ସ୍ୱଇଚ୍ଛାରେ ଅନୁସରଣ କରିବାର ସଂସ୍କୃତିକୁ ସୁଦୃଢ଼ କରିବାରେ ମଧ୍ୟ ସହାୟକ ହେବ ବୋଲି ଆଶା କରାଯାଏ।

(ସହକାରୀ ପ୍ରଫେସର, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ)
ମୋ: ୯୯୩୭୨୮୫୬୭୨

## ପ୍ରବାଦପୁରୁଷଙ୍କୁ ଆକ୍ଷେପ: ଏକ ସାଂସ୍କୃତିକ ଅପରାଧ

ମାନସ କୁମାର କର

ଓଡ଼ିଶାର ବରପୁତ୍ର, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ନେଇ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ସାମ୍ପ୍ରତିକ ବୟାନ କେବଳ ଓଡ଼ିଶା ନୁହେଁ, ବରଂ ସମଗ୍ର ଦେଶରେ ଏକ ତୀବ୍ର ବିତର୍କ ଓ ଅସନ୍ତୋଷ ସୃଷ୍ଟି କରିଛି। ବିଜୁବାବୁ କେବଳ ଜଣେ ରାଜନେତା ନଥିଲେ; ସେ ଥିଲେ ଓଡ଼ିଶାର ଅସ୍ମିତା, ବିକାଶର ସ୍ୱପ୍ନଦ୍ରଷ୍ଟା ଏବଂ ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବ୍ୟକ୍ତିତ୍ୱ। ତାଙ୍କ ଭଳି ଜଣେ ମହାପୁରୁଷଙ୍କ ପ୍ରତି ଅସମ୍ମାନଜନକ ଶବ୍ଦର ପ୍ରୟୋଗ ଆମ ରାଜନୈତିକ ଆଳାପର ସ୍ତର କେତେ ତଳକୁ ଖସିଗଲାଣି, ତାହା ଦର୍ଶାଉଛି।

ବିଜୁ ପଟ୍ଟନାୟକଙ୍କ ଜୀବନ ଏକ ରୋମାଞ୍ଚକର ଇତିହାସ। ସେ ଜଣେ ଦକ୍ଷ ବିମାନଚାଳକ, ସ୍ୱାଧୀନତା ସଂଗ୍ରାମୀ ଏବଂ ଆଧୁନିକ ଓଡ଼ିଶାର ନିର୍ମାତା। ତାଙ୍କର ସାହସିକତା ଓ ଦୂରଦୃଷ୍ଟିର କାହାଣୀ କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ଜଣାଶୁଣା। ବିଶେଷକରି, ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ତାଙ୍କୁ ସେହି ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କର ମହାନତାର ସବୁଠାରୁ ବଡ଼ ପ୍ରମାଣ ଥିଲା ତାଙ୍କର ଅନ୍ତିମ ଯାତ୍ରା। ଓଡ଼ିଶା ତଥା ଦେଶର ଇତିହାସରେ ସମ୍ଭବତଃ ଏହା ପ୍ରଥମ ଓ ଏକମାତ୍ର ଘଟଣା, ଯେଉଁଠି ଜଣେ ନେତାଙ୍କ ପାର୍ଥିବ ଶରୀର ଉପରେ ତିନୋଟି ଦେଶର ଜାତୀୟ ପତାକା (ଭାରତ, ଇଣ୍ଡୋନେସିଆ ଓ ରୁଷିଆ) ଢଙ୍କା ଯାଇଥିଲା। ଏହା କୌଣସି ସାଧାରଣ ସମ୍ମାନ ନଥିଲା; ଏହା ଥିଲା ତାଙ୍କର ଅନ୍ତର୍ଜାତୀୟ ପ୍ରଭାବ, ସାହସିକତା ଓ ମାନବବାଦ ପ୍ରତି ବିଶ୍ୱ ସମୁଦାୟର ଶ୍ରଦ୍ଧାଞ୍ଜଳି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ସେ ରାଜ୍ୟରେ ଶିଳ୍ପାୟନ, ଶିକ୍ଷା ଓ ଭିତ୍ତିଭୂମିର ବିକାଶ ପାଇଁ ଯେଉଁ ମୂଳଦୁଆ ପକାଇଥିଲେ, ତାହା ଆଜି ବି ଓଡ଼ିଶାର ପ୍ରଗତିର ପଥପ୍ରଦର୍ଶକ ହୋଇ ରହିଛି।

ତାଙ୍କର ଏହି ବିରାଟ ବ୍ୟକ୍ତିତ୍ୱ ପାଇଁ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତେ ତାଙ୍କୁ ସମ୍ମାନ କରୁଥିଲେ। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ତାଙ୍କୁ ଜଣେ ମହାନ ଦେଶପ୍ରେମୀ ଓ 'ବିଶାଳ ବ୍ୟକ୍ତିତ୍ୱ' ଭାବରେ ସମ୍ବୋଧନ କରୁଥିଲେ। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଅନେକ ସମୟରେ ବିଜୁବାବୁଙ୍କ ଦୂରଦୃଷ୍ଟି ଓ କାର୍ଯ୍ୟଦକ୍ଷତାକୁ ଭୂୟସୀ ପ୍ରଶଂସା କରିଛନ୍ତି। ଯେତେବେଳେ ଜାତୀୟସ୍ତରର ଏତେ ବଡ଼ ବଡ଼ ନେତାମାନେ ବିଜୁବାବୁଙ୍କୁ ସମ୍ମାନର ସହ ମନେ ପକାଉଛନ୍ତି, ସେତେବେଳେ ତାଙ୍କରି ଦଳର ଜଣେ ସାଂସଦଙ୍କ ଏଭଳି ଟିପ୍ପଣୀ ଅତ୍ୟନ୍ତ ଦୁଃଖଦାୟକ ଓ ନିନ୍ଦନୀୟ।

ନିକଟ ଅତୀତରେ ଆମ ଦେଶର ରାଜନୈତିକ ସଂସ୍କୃତିରେ ଏକ ବିପଜ୍ଜନକ ଧାରା ଦେଖିବାକୁ ମିଳୁଛି। ନେତାମାନେ ନିଜର ପ୍ରତିଦ୍ୱନ୍ଦ୍ୱୀ କିମ୍ବା ଐତିହାସିକ ବ୍ୟକ୍ତିତ୍ୱମାନଙ୍କ ପ୍ରତି ଅତ୍ୟନ୍ତ କଟୁ, ଅଶାଳୀନ ଓ ଅସମ୍ମାନଜନକ ମନ୍ତବ୍ୟ ଦେଉଛନ୍ତି। ଏହା ପଛରେ ଦୁଇଟି ମୁଖ୍ୟ କାରଣ ଥାଇପାରେ: ପ୍ରଥମତଃ, ଶସ୍ତା ଲୋକପ୍ରିୟତା ହାସଲ କରିବା କିମ୍ବା ନିଜର ଭୋଟବ୍ୟାଙ୍କକୁ ସନ୍ତୁଷ୍ଟ କରିବା। ଦ୍ୱିତୀୟତଃ, ରାଜନୈତିକ ହିଂସା ଓ ଅସହିଷ୍ଣୁତାର ପରିପ୍ରକାଶ। ଏହି ଧାରାର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି, କଟୁ ମନ୍ତବ୍ୟ ଦେବା ପରେ ଯେତେବେଳେ ଚାରିଆଡୁ ପ୍ରତିକ୍ରିୟା ପ୍ରକାଶ ପାଏ, ସେତେବେଳେ ସମ୍ପୃକ୍ତ ନେତା ଜଣକ 'କ୍ଷମା ପ୍ରାର୍ଥନା' କରି ଦିଅନ୍ତି କିମ୍ବା 'ମୋ ବୟାନକୁ ଭୁଲ ଭାବରେ ଉପସ୍ଥାପନ କରାଯାଇଛି' ବୋଲି ସଫେଇ ଦିଅନ୍ତି। ଏହି 'କ୍ଷମା ପ୍ରାର୍ଥନା'ରେ ଅନେକ ସମୟରେ ଆନ୍ତରିକ ନଥାଏ, ବରଂ ଏହା କେବଳ ରାଜନୈତିକ ଝଡ଼ରୁ ରକ୍ଷା ପାଇବା ପାଇଁ ଏକ କୌଶଳ ମାତ୍ର। ଏହା ଏକପ୍ରକାର ଅଭ୍ୟାସରେ ପରିଣତ ହୋଇଗଲାଣି - ପ୍ରଥମେ ବିଷୋଦଗାର କର, ତା'ପରେ କ୍ଷମା ମାଗି ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କର। ଏଭଳି ଆଚରଣ ଗଣତନ୍ତ୍ରର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଏବଂ ଏହା ସମାଜରେ ବିଦ୍ୱେଷ ସୃଷ୍ଟି କରେ।

ଏଭଳି ଦାୟିତ୍ୱହୀନ ଓ କଟୁ ମନ୍ତବ୍ୟକୁ କେବଳ ରାଜନୈତିକ ନିନ୍ଦା କିମ୍ବା ଲୋକଲଜ୍ଜାର ଭୟ ଦେଖାଇ ରୋକାଯାଇପାରିବ ନାହିଁ। ବର୍ତ୍ତମାନ ସମୟ ଆସିଛି, ଏଥିପାଇଁ କଠୋର ଆଇନଗତ ବ୍ୟବସ୍ଥା କରାଯିବା ଆବଶ୍ୟକ। ଯଦି ଜଣେ ନେତା ସମ୍ବିଧାନର ଶପଥ ନେଇ ସର୍ବସାଧାରଣରେ ଜାତୀୟ ସମ୍ମାନ, ସ୍ୱାଧୀନତା ସଂଗ୍ରାମୀ କିମ୍ବା ଦେଶର ବରପୁତ୍ରମାନଙ୍କ ପ୍ରତି ଅସମ୍ମାନଜନକ କଥା କହନ୍ତି, ତେବେ ତାହାକୁ କେବଳ 'ବାକ୍ ସ୍ୱାଧୀନତା'ର ଆଖ୍ୟା ଦିଆଯାଇପାରିବ ନାହିଁ। ଆମ ଦେଶର କାନୁନରେ ମାନହାନି ଓ ସାମାଜିକ ବିଦ୍ୱେଷ ସୃଷ୍ଟି କରିବା ବିରୋଧରେ ବ୍ୟବସ୍ଥା ଅଛି। କିନ୍ତୁ ରାଜନେତାମାନେ ଅନେକ ସମୟରେ ନିଜର ପ୍ରଭାବ ବ୍ୟବହାର କରି ଏଥିରୁ ବର୍ତ୍ତି ଯାଆନ୍ତି। ତେଣୁ ଏକ ସ୍ୱତନ୍ତ୍ର ଓ କଠୋର ଆଇନ ପ୍ରଣୟନ ହେବା ଦରକାର, ଯାହା ବିଶେଷ ଭାବରେ ନିର୍ବାଚିତ ପ୍ରତିନିଧି ଓ ରାଜନୈତିକ ଦଳର କର୍ମକର୍ତ୍ତାମାନଙ୍କ ଦ୍ୱାରା ଦିଆଯାଉଥିବା କଟୁ ଓ ଅସମ୍ମାନଜନକ ବୟାନକୁ ନିୟନ୍ତ୍ରଣ କରିବ। କଟୁ, ଅଶାଳୀନ କିମ୍ବା ଜାତୀୟ ଅସ୍ମିତା ପ୍ରତି ଅସମ୍ମାନଜନକ ମନ୍ତବ୍ୟର ଏକ ସ୍ପଷ୍ଟ ସଂଜ୍ଞା ରହିବା ଆବଶ୍ୟକ। ଯଦି କୌଣସି ନେତା ଏଭଳି ମନ୍ତବ୍ୟ ଦେଇ ଦୋଷୀସାବ୍ୟସ୍ତ ହୁଅନ୍ତି, ତେବେ କେବଳ ଜୋରିମାନା ନୁହେଁ, ବରଂ ନିର୍ଦ୍ଦିଷ୍ଟ ସମୟ ପାଇଁ ନିର୍ବାଚନ ଲଢ଼ିବା ଉପରେ କଟକଣା କିମ୍ବା ଦଳରୁ ବହିଷ୍କାର ଭଳି କଠୋର ଦଣ୍ଡର ବ୍ୟବସ୍ଥା ରହିବା ଉଚିତ। ଏଭଳି ମାମଲାର ଶୁଣାଣି ପାଇଁ ଫାଷ୍ଟଟ୍ରାକ୍ କୋର୍ଟ ବ୍ୟବସ୍ଥା ହେବା ଦରକାର, ଯେପରିକି ରାଜନୈତିକ ଚାପରେ ମାମଲା ବର୍ଷ ବର୍ଷ ଧରି ପଡ଼ି ନରହେ। ଯଦି କୌଣସି ଦଳର ନେତା ବାରମ୍ବାର ଏଭଳି ଆଚରଣ କରନ୍ତି, ତେବେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ସେହି ଦଳ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିବା ଉଚିତ।

ବିଜୁ ପଟ୍ଟନାୟକଙ୍କ ଭଳି ମହାନାୟକଙ୍କ ପ୍ରତି ଅସମ୍ମାନ କୌଣସି ଓଡ଼ିଆ କିମ୍ବା ସ୍ୱାଭିମାନୀ ଭାରତୀୟ ଗ୍ରହଣ କରିପାରିବେ ନାହିଁ। ନିଶିକାନ୍ତ ଦୁବେଙ୍କ ବୟାନ କେବଳ ଏକ ରାଜନୈତିକ ଭୁଲ ନୁହେଁ, ବରଂ ଏହା ଏକ ସାଂସ୍କୃତିକ ଅପରାଧ। ଆମର ନେତାମାନେ ବୁଝିବା ଉଚିତ ଯେ, ବାକ୍ ସ୍ୱାଧୀନତା ସହ ଦାୟିତ୍ୱବୋଧ ମଧ୍ୟ ଜଡ଼ିତ। ଜାତୀୟ ପ୍ରତୀକ ଓ ବରପୁତ୍ରମାନଙ୍କୁ ସମ୍ମାନ ଦେବା ଆମ ସମସ୍ତଙ୍କର ସାମ୍ବିଧାନିକ ଓ ନୈତିକ କର୍ତ୍ତବ୍ୟ।

କୋଟାଙ୍ଗ (କୋଣାର୍କ), ମୋ: ୭୩୮୧୩୮୨୨୧୦

## ଅନିଦ୍ରା ଓ ଚର୍ବିଳ ଯକୃତ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଚର୍ବିଳ ଯକୃତ ବା 'ଫ୍ୟାଟି ଲିଭର' ଏକ ଘାତକ ବ୍ୟାଧି। ଏ ରୋଗରେ ଚର୍ବି ଯକୃତର ଜୀବକୋଷରେ ଅଧିକ ପରିମାଣରେ ଜମା ହୋଇ ଏହାର କାର୍ଯ୍ୟରେ ବାଧା ପହଞ୍ଚାଏ। ସାଧାରଣତଃ ମଦ୍ୟପାନକୁ ଏଥିପାଇଁ ଦାୟୀ କରାଯାଏ। ତେବେ ଅନେକସ୍ଥଳେ ମଦ୍ୟପାନ ନ କରୁଥିବା ଲୋକେ ମଧ୍ୟ ଏଥିରେ ପୀଡ଼ିତ ହୁଅନ୍ତି। କାରଣ ଏହା ଚୟାପଚୟ ଜନିତ ବିଶୃଙ୍ଖଳା, ଇନ୍‌ସୁଲିନ୍ ପ୍ରତିରୋଧ, ଫୁଲା, ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ବିବିଧପ୍ରକାର ଜୀବନଶୈଳୀ ସହ ଜଡ଼ିତ। ସେଥିପାଇଁ ପୀଡ଼ିତ ଲୋକଙ୍କୁ ମଦ୍ୟପାନ ପରିତ୍ୟାଗ କରିବା ସହିତ ଶର୍କରା ଓ ଚର୍ବିଜାତୀୟ ଖାଦ୍ୟ କମ୍ ଖାଇବା, ପ୍ରତ୍ୟହ ଅନ୍ତତଃ ୧୦ ହଜାର ପାଦ ଚାଲିବା, ଖେଳ କସରତ କରିବା ଆଦି ପାଇଁ ଉପଦେଶ ଦିଆଯାଇଥାଏ। କିନ୍ତୁ ଏଥିଲାଗି ସୁନିଦ୍ରାର ଆବଶ୍ୟକତା ସମ୍ପର୍କରେ ଆମେ କମ୍ ସଚେତନ, ଯଦିଓ ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ଭଳି ଯକୃତର ସ୍ୱାସ୍ଥ୍ୟ ପାଇଁ ଏହା ଏକାନ୍ତ ଆବଶ୍ୟକ।

ଦୀର୍ଘଦିନ ଧରି ହୋଇ ଆସିଥିବା ଗବେଷଣାରୁ ଜଣାପଡ଼ିଛି ଯେ, ମଦ୍ୟପାନ ନ କରୁଥିବା ଲୋକଠାରେ ଯକୃତରେ ଚର୍ବି ଜମିବାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କାରଣ ହେଲା ଅନିଦ୍ରା। ଗଭୀର ନିଦ୍ରା ବା ସୁନିଦ୍ରା ଶରୀରର ପ୍ରାୟ ସମସ୍ତ ଚୟାପଚୟ ପ୍ରକ୍ରିୟାର ପୁନରୁଦ୍ଧାର, ଫୁଲା ନିୟନ୍ତ୍ରଣ, କ୍ଷୁଧା ସମ୍ପର୍କରେ ସୂଚନା, ଭାବ ପ୍ରବଣତାକୁ ଶକ୍ତିଶାଳୀ କରିବା ଏବଂ ଜୀବକୋଷର ମରାମତି ପାଇଁ ଏକାନ୍ତ ପ୍ରୟୋଜନ। ଏଣୁ ଏହା ଯଥେଷ୍ଟ ନ ହେଲେ ନିମ୍ନୋକ୍ତ ସମସ୍ୟାମାନ ଦେଖାଯାଏ।

୧. ଶୋଇଲା ସମୟରେ ଘଡ଼ିଘଡ଼ିକେ ନିଦ୍ରାଭଙ୍ଗ ହେଲେ ତାହା ଦେହ ଓ ମନକୁ ଚାପଗ୍ରସ୍ତ ରଖେ। କାଳକ୍ରମେ ଏହା ଚୟାପଚୟ ବ୍ୟବସ୍ଥାକୁ ପ୍ରଭାବିତ କରେ ଏବଂ ଶରୀରରେ ଚର୍ବିଜମା ହେବା ସହିତ ଇନ୍‌ସୁଲିନ୍ ପ୍ରତିରୋଧର ମଧ୍ୟ କାରଣ ହୁଏ, ଯାହାକି ପ୍ରତ୍ୟକ୍ଷ ଭାବେ ବୃକ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ। ଏଣୁ ଜଣେ ଲୋକ ଅନ୍ୟ ସବୁ ସାବଧାନତା ଅବଲମ୍ବନ କଲେ ମଧ୍ୟ କମ୍ ନିଦ୍ରାପ୍ରବଣତା ତାକୁ ସହଜରେ ଯକୃତ ଚର୍ବିଳତାର ଶିକାର କରାଏ। ୨. ବାରମ୍ବାର ନିଦ୍ରାଭଙ୍ଗ ହେଲେ ଶରୀରରେ ଗ୍ଲୁକୋଜ ଶର୍କରାର ନିୟନ୍ତ୍ରଣ ଠିକ୍ ରୂପେ ହୁଏ ନାହିଁ। ଏଣୁ ଇନସୁଲିନ୍ ଆବଶ୍ୟକତା ବୃଦ୍ଧି ପାଏ। ଶରୀରରେ ଚର୍ବି ଜମା ହୁଏ ଏବଂ ଚୟାପଚୟ ପ୍ରକ୍ରିୟା ମନ୍ଥର ହୁଏ। ଏପରିକି ପୃଥୁଳକାୟ ହୋଇ ନ ଥିବା ଏବଂ ମଦ୍ୟପାନ କରୁନଥିବା ଲୋକଠାରେ ଚର୍ବିଳ ଯକୃତର ଏହା ଏକ କାରଣ ହୋଇପାରେ। ୩. ନିଦ୍ରାହୀନତା କ୍ଷୁଧାର ନିୟମିତତାକୁ ଭଙ୍ଗ କରେ। ଏହା ସାଧାରଣତଃ 'ସନ୍ତୁଷ୍ଟି ହରମୋନ୍' କୁହାଯାଉଥିବା 'ଲେପ୍ଟିନ୍' ହ୍ରାସ କରେ ଏବଂ କ୍ଷୁଧାକାରୀ ହର୍ମୋନ୍ 'ଘ୍ରେଲିନ୍' ମାତ୍ରା ବୃଦ୍ଧି କରେ। ଏଣୁ ଆମେ ଘନ ଘନ କ୍ଷୁଧା ଅନୁଭବ କରୁ ଏବଂ ବାରମ୍ବାର ଖାଉ। ଫଳରେ ପୃଥୁଳକାୟ ହେଉ ଏବଂ ବୃକ୍କ ସମେତ ଅନ୍ୟାନ୍ୟ ଅଙ୍ଗମାନଙ୍କରେ ଚର୍ବି ଜମେ। ୪. ଅନିଦ୍ରା ଆମ ଦୈନନ୍ଦିନ ଜୈବ ଘଟିକାର ଛନ୍ଦ(ସିର୍କାଡିଆନ୍ ରିଦମ୍)କୁ ଅସନ୍ତୁଳିତ କରେ। ପରିଣାମ ସ୍ୱରୂପ, ଆମ ଶରୀରର କ୍ରିୟା-ପ୍ରକ୍ରିୟା ତ'ଦ୍ୱାରା ପ୍ରଭାବିତ ହୁଏ। ଏହା ମଧ୍ୟ ଯକୃତରେ ଚର୍ବି ଜମା ହେବାର ଅନ୍ୟତମ କାରଣ ହୋଇପାରେ। ୫. ନିଦ୍ରାର ମାନ ହ୍ରାସ ପାଇଲେ ଆମେ ଘୁଙ୍ଗୁଡ଼ି ମାରୁ, ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୁଏ ଏବଂ ଚୟାପଚୟ ପ୍ରକ୍ରିୟାମାନଙ୍କରେ ବିଲକ୍ଷଣ ପ୍ରକଟିତ ହୁଏ। ଏହା ମଧ୍ୟ ଯକୃତକୁ ପ୍ରଭାବିତ କରେ।

ଏସବୁ କଥା ବିଚାରକୁ ନେଲେ ଆମକୁ ମନେ ରଖିବାକୁ ହେବ ଯେ ଯୋଗ, ଭ୍ରମଣ, ଶାରୀରିକ ଶ୍ରମ, ସୁଷମ ଖାଦ୍ୟ ଇତ୍ୟାଦି ସୁସ୍ଥ ଯକୃତ ପାଇଁ ଅତ୍ୟାବଶ୍ୟକ। ଏହା ତହିଁରେ ଚର୍ବି ଜମା ହେବାକୁ ଦିଏ ନାହିଁ। ତେବେ ଦୀର୍ଘକାଳ ଧରି ନିଦ୍ରା ବ୍ୟାହତ ହେଲେ ଏସବୁ କିଛି କାମ କରେନା। ସେଥିପାଇଁ ଏହା ସହିତ ଠିକ୍ ସମୟରେ ଏବଂ ଠିକ୍ ସମୟ ଧରି ଶୋଇବା ଏବଂ ମନକୁ ଚାପମୁକ୍ତ ରଖି ନିଦ୍ରାର ମାନବୃଦ୍ଧି ଘଟାଇବା ସୁସ୍ଥ ଯକୃତ ପାଇଁ ଏକାନ୍ତ ଆବଶ୍ୟକ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବାଇକ ଦୁର୍ଘଟଣାରେ ୨ ଆହତ

ବ୍ରାହ୍ମଣୀଗାଁ,,୩୦।୩(ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁରେ ଏକ ବାଇକ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ଗଦାପୁରରେ ଜଣେ ସମ୍ପର୍କୀୟ ଘରକୁ ଅନ୍ତର୍ବା ଗ୍ରାମର ସନ୍ତୋଷ ବେହେରା ନିଜ ସ୍ତ୍ରୀ ଓ ୨ ବର୍ଷର ଶିଶୁକୁ ଧରି ବାଇକରେ ଯାଇଥିଲେ। ସେଠାରୁ ନିଜ ଗ୍ରାମକୁ ଫେରିବା ବାଟରେ ବ୍ରାହ୍ମଣୀଗାଁ ଶିବମନ୍ଦିର ନିକଟରେ ତାଙ୍କ ବାଇକ୍ ସାମ୍ନାକୁ ହଠାତ୍ ଏକ ଛେଳି ଚାଲି ଆସିଲା ଯୋଗୁଁ ସେ ନିୟନ୍ତ୍ରଣ ହରାଇ ବାଇକ୍ ସହିତ ତଳେ ପଡ଼ି ଯାଇଥିଲେ। ସ୍ତ୍ରୀ ଓ ଶିଶୁ ଏଥିରେ ଆହତ ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଶିଶୁର ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ



ଜି.ଉଦୟଗିରି,୩୦।୩(ସମିସ): ଜି.ଉଦୟଗିରିର ମହାଗୁଡା ସାହିରେ ଦୀର୍ଘ ଦିନ ହେଲା ବିପଦସଂକୁଳ ଅବସ୍ଥାରେ ଏକ ବିଦ୍ୟୁତ ଖୁଣ୍ଟ ରହିଥିବା ବେଳେ ଏବେ କାଳବୈଶାଖୀ ଯୋଗୁଁ ଅଧିକ ବିପଦ ଆଶଙ୍କା ଦେଖାଦେଇଛି । ଲୁହାଖମ୍ବ ତଳପଟୁ ନଷ୍ଟ ହୋଇଯାଇଥିବା ବେଳେ କେତେବେଳେ କିଛି ଅଘଟଣ ଘଟିପାରେ ବୋଲି ସାହି ବାସିନ୍ଦା ଅଭିଯୋଗ କରୁଛନ୍ତି। ଅଭିଯୋଗ ଆଧାରରେ ଏହାର ବିକଳ୍ପରେ ନୂଆ ଖମ୍ବ ପୋତା ଯାଇଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ କରାଯାଇନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଥିବା ବେଳେ ଶୀଘ୍ର ଖମ୍ବ ସ୍ଥାନାନ୍ତରିତ କରିବାକୁ ସାହି ବାସିନ୍ଦା ଦାବି କରିଛନ୍ତି ।

## ପୋଲ ତଳକୁ ଖସିଲା ବାଇକ; ଜଣେ ମୃତ



ବାଲିଗୁଡା,୩୦।୩(ସମିସ): ଭାରସାମ୍ୟ ହରାଇ ପୋଲ ତଳକୁ ବାଇକ ଖସି ପଡିବାରୁ ଚାଳକଙ୍କ ମୃତ୍ୟୁ ହୋଇଛି। ବାଲିଗୁଡ଼ା ଥାନା ବାରଖମା ଫାଣ୍ଡି ଅନ୍ତର୍ଗତ କୁମ୍ଭାର ସାହି ଛକରେ ଏହି ଘଟଣା ଘଟିଛି। କାମ ସାରି ନିଜ ଘରକୁ ଫେରିବା ସମୟରେ ଭାରସାମ୍ୟ ହରାଇ ଏକ ଛୋଟ ଶଙ୍ଖ ତଳକୁ ବାଇକ ଖସି ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ ବ୍ୟକ୍ତି ଜଣକ ହେଲେ ବାରଖମା ଫାଣ୍ଡି ଗୁମାସାହିର ନିରଞ୍ଜନ ମଲ୍ଲିକ(୫୦) ।ଘଟଣାସ୍ଥଳରେ ବାରଖମା ଫାଣ୍ଡି ଅଧିକାରୀ ଅମରେନ୍ଦ୍ର ବାହୁବଳୀ ସୁବୁଦ୍ଧି ପହଞ୍ଚି ମୃତ ଶରୀର ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ପୁଲିସ ହସ୍ତାନ୍ତର କରିଥିଲା।

## ଗ୍ରାମୀଣ ମଣ୍ଡଳର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଜି.ଉଦୟଗିରି,୩୦।୩(ସମିସ): ଜି.ଉଦୟଗିରି ଗ୍ରାମୀଣ ମଣ୍ଡଳ ବିଜେପି ତରଫରୁ ଚାଲିଥିବା ଦୁଇ ଦିନିଆ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ ଆଜି ଉଦଯାପିତ ହୋଇଛି। ଗ୍ରାମୀଣମଣ୍ଡଳ ସଭାପତି ବିରାଜ କହଁର ସଭାପତିତ୍ୱରେ ଆୟୋଜିତ ଶିବିରରେ ଜିଲ୍ଲା ସଂଯୋଜକ ମାନଗୋବିନ୍ଦ ପ୍ରଧାନ, ଜି.ଉଦୟଗିରି ପ୍ରଭାରୀ ସୁକାନ୍ତ କୁମାର ସାହୁ ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ଅବନେଶ୍ୱର ପ୍ରଧାନ ପ୍ରଶିକ୍ଷଣ ଦେଇଥିଲେ। ଦଳର ପୃଷ୍ଠଭୂମି, ଦୃଷ୍ଟିକୋଣ, କାର୍ଯ୍ୟପଦ୍ଧତି, ବୁଥ ପରିଚାଳନା, ସାମାଜିକ ଗଣମାଧ୍ୟମ, ସରଳ ଆପ ନମୋ, ଏସଆଇଆର, ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କର୍ମୀ ଜ୍ଞାନେନ୍ଦ୍ର ପ୍ରଧାନ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ମାୟାବନ୍ଧୁ ପ୍ରଧାନ, ନବ କିଶୋର ପ୍ରଧାନ, ମଣ୍ଡଳ ସାଧାରଣ ସମ୍ପାଦକ ଅନ୍ତର୍ଯ୍ୟାମୀ ମଲ୍ଲିକ, ରମାକାନ୍ତ ମାଲିକ, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଜିତେନ୍ଦ୍ର କୁମାର ନାୟକ, ମଣ୍ଡଳ କୋଷାଧ୍ୟକ୍ଷ ମହାଦା ପ୍ରଧାନଙ୍କ ସହିତ ଶତାଧିକ କର୍ମୀ ପ୍ରଶିକ୍ଷଣ ନେଇଥିଲେ।

## ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ

ପାରଳାଖେମୁଣ୍ଡି,୩୦।୩(ସମିସ): ପାରଳାଖେମୁଣ୍ଡି ସହରର ବୋଳବନ୍ଧ ନିକଟରେ ଥିବା ହନୁମାନ ଓ ସାଇ ମନ୍ଦିର ପରିସର ମଧ୍ୟରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ ହୋଇଯାଇଛି । ଏହି ମନ୍ଦିର ବୋଳବନ୍ଧ ଉନ୍ନୟନ କମିଟି ପକ୍ଷରୁ ନିର୍ମାଣ କରାଯିବ। ଭୂମି ପୂଜନ ଉତ୍ସବରେ କମିଟି ସଦସ୍ୟ ରମେଶ ଚନ୍ଦ୍ର ହୋତା ପୁରୋହିତ ଭାବେ ଯୋଗଦେଇଥିବା ବେଳେ ହୋମ ଯଜ୍ଞର କର୍ତ୍ତା ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ଥିଲେ। ରାଜେନ୍ଦ୍ର ବେହେରା, ଦେବେନ୍ଦ୍ର ମିଶ୍ର, ଗଣେଶ ପଟ୍ଟନାୟକ, ମଙ୍ଗଳା ପଟ୍ଟନାୟକ ଓ ଅଯୋଧ୍ୟା ଶବର ସହଯୋଗ କରିଥିଲେ । ଆସନ୍ତା ଦୁଇ ମାସ ମଧ୍ୟରେ ମନ୍ଦିର ସମ୍ପୂର୍ଣ୍ଣ କରାଯାଇ ପ୍ରଭୁ ଶ୍ରୀ ରାମଙ୍କ ବିଗ୍ରହ ପ୍ରତିଷ୍ଠା କରାଯିବ। ଏଥି ସହ ଭଗବାନ ଲକ୍ଷ୍ମଣ, ମା ସୀତାଙ୍କ ବିଗ୍ରହ ମଧ୍ୟ ସ୍ଥାପନ କରାଯାଇ ପ୍ରତିଷ୍ଠା ଉତ୍ସବର ଆୟୋଜନ କରାଯିବା ବୋଲି ଶ୍ରୀ ଜେନା ସୂଚନା ଦେଇଛନ୍ତି ।

# ଗଙ୍ଗାବାଡ଼ ପଞ୍ଚାୟତ ଅସ୍ତିତ୍ୱ ପାଇଁ ସଂଘର୍ଷ



- ଗୁଡ଼ିଖୁଡି ଗ୍ରାମକୁ ନେଇ ବିବାଦ, ଆନ୍ଧ୍ରର ପ୍ରଭାବ ଅଧିକ
- ଗ୍ରାମବାସୀଙ୍କ ପାଖରେ ରହିଛି ଦୁଇ ରାଜ୍ୟର ବିଭିନ୍ନ କାର୍ଡ
- ବିବାଦ ଯୋଗୁଁ ଲାଭ ଉଠାଉଛନ୍ତି ଗ୍ରାମବାସୀ



ରାୟଗଡ଼,୩୦।୩(ସମିସ): ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ବହୁ ବାଧାବିଘ୍ନ ସହି ଅସଂଖ୍ୟ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଏହି ମହାନ କାର୍ଯ୍ୟକୁ ଗତିଶୀଳ କରିବା ପାଇଁ ସେବେକାର ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏହାର ପୁରୋଧା ସାଜିଥିଲେ। ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ଲକ୍ଷ୍ୟରେ ଅନେକ ଧନ ଜୀବନ ମଧ୍ୟ କ୍ଷତି ହୋଇଥିଲା। ହେଲେ ଆଜି ସେହି ସ୍ୱତନ୍ତ୍ର ପ୍ରଦେଶର ଅସ୍ତିତ୍ୱ ବଞ୍ଚାଇବାକୁ ଅନେକ ସଂଘର୍ଷ, ବାଦ ପ୍ରତିବାଦ ଦେଇ ଗତି କରୁଛନ୍ତି ପାରଳାର ମଣ୍ଡନ କୁହାଯାଉଥିବା ତଥା ପୌରାଣିକ କ୍ଷେତ୍ର ମହେନ୍ଦ୍ରଗିରିର ପାଦଦେଶରେ ଅବସ୍ଥିତ ରାୟଗଡ ବ୍ଲକ ଗଙ୍ଗାବାଡ ପଞ୍ଚାୟତବାସୀ। ସ୍ୱତନ୍ତ୍ର ପ୍ରଦେଶ ଗଠନର ଦୀର୍ଘ ନବେ ବର୍ଷ ଅତିକ୍ରମ ହୋଇଥିଲେ ମଧ୍ୟ ସ୍ଥାନୀୟ ପଞ୍ଚାୟତବାସୀ ନିଜ ପରିଚୟ, ପରମ୍ପରା, ସଂସ୍କୃତି ଓ ଅସ୍ତିତ୍ୱକୁ ଖୋଜି ପାଉପାରୁନାହାନ୍ତି। ବିଭିନ୍ନ ସମୟରେ ଏଠାକାର ସୀମା ନିର୍ଦ୍ଧାରଣ, ଶିକ୍ଷା, ସ୍ୱାସ୍ଥ୍ୟ ସେବା, ପର୍ବପର୍ବାଣୀ ଆଦିକୁ ନେଇ ମଧ୍ୟ କେଉଁଠି ନା କେଉଁଠି ବିବାଦ ମୁଣ୍ଡ ଟେକୁଥିବା ନଜର ରହିଛି।

୧୯୭୩ ମସିହାରେ ଅବିଭକ୍ତ କଇଁପୁର ପଞ୍ଚାୟତରୁ ଅଲଗା ହୋଇ ସମୁଦାୟ ୨୩ ଛୋଟ ବଡ଼ ଗ୍ରାମକୁ ନେଇ ସ୍ୱତନ୍ତ୍ର ଭାବେ ଗଙ୍ଗାବାଡ଼ ପଞ୍ଚାୟତ ଗଠନ ହୋଇଥିଲା। ଏହି ପଞ୍ଚାୟତର ଶତ ପ୍ରତିଶତ ଲୋକ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ଦୁର୍ଗମ ପାହାଡିଆ ଅଞ୍ଚଳରେ ଏହାର ଅବସ୍ଥିତି । ନୂଆ ପଞ୍ଚାୟତ ଗଠନ ହୋଇଥିଲେ ମଧ୍ୟ ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଭଳି ଅନେକ ଭିତ୍ତିଭୂମିର ଅଭାବ କାରଣରୁ ନାହିଁନଥିବା ସମସ୍ୟାକୁ ମୁଣ୍ଡରେ ବୋହି ନିରୀହ ଆଦିବାସୀ ଜୀବନଯାପନ କରୁଥିବା ବେଳେ ଆଉ ଗୋଟେ ପଟେ ଆନ୍ଧ୍ର ପୁଲିସର କାର୍ଯ୍ୟାନୁଷ୍ଠାନ ଭୟରେ ଓଡ଼ିଶାମୁହାଁ ମାଓବାଦୀଙ୍କ ଦୌରାତ୍ମ୍ୟ ସ୍ଥାନୀୟ ଲୋକଙ୍କ ପାଇଁ ଆଉ ଏକ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। କାଳକ୍ରମେ ମାଓବାଦୀଙ୍କ ଗତିବିଧି ସମାପ୍ତ ହେବା ପରେ ଧିରେ ଧିରେ ଏଠାକାର ସ୍ଥିତି ସାମାନ୍ୟ ସୁଧୁରିଥିଲା। ଏହି ପଞ୍ଚାୟତର ପିଲାଙ୍କ ଶିକ୍ଷାର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସାତଟି ସ୍କୁଏ ଖୋଲାଯାଇଛି। ଏହି ସ୍କୁଲମାନଙ୍କରେ ୩୬୦ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ପୂର୍ବରୁ ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ଆନ୍ଧ୍ରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପାଠ ପଢ଼ାଉଥିଲେ। ଶେଷରେ ପ୍ରଶାସନର ଉଦ୍ୟମ ଫଳରେ ବର୍ତ୍ତମାନ ଅଭିଭାବକ ସେହି ଛାତ୍ରଛାତ୍ରୀଙ୍କୁ ପୁଣି ନିଜ ଗ୍ରାମରେ ସ୍କୁଲମାନଙ୍କରେ ପାଠ ପଢ଼ାଉଛନ୍ତି। କିନ୍ତୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା କହିଲେ ସେମାନଙ୍କୁ ଆଜି ବି ଆନ୍ଧ୍ର ଡାକ୍ତରଖାନା ଏକମାତ୍ର ଭରସା ପାଲଟିଛି। ସବୁଠୁ ବଡ଼ ସମସ୍ୟା ଭାବେ ଆନ୍ଧ୍ର-ଓଡିଶା ସୀମା ବିବାଦ ସ୍ଥାନୀୟ ଜନସାଧାରଣ ଏବଂ ପ୍ରଶାସନକୁ ଚିନ୍ତାରେ ପକାଇଛି । ଯେହେତୁ ଉକ୍ତ ପଞ୍ଚାୟତର ପ୍ରତ୍ୟେକ ପରିବାରକୁ ଓଡ଼ିଶା ସରକାରଙ୍କ ଯୋଜନା ମାଧ୍ୟମରେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଉଥିଲେ ମଧ୍ୟ ଆନ୍ଧ୍ର ସରକାରଙ୍କ କିଛି ଯୋଜନା ମଧ୍ୟ ଉପଲବ୍ଧ ହେଉଛି। ଏହି କାରଣରୁ ସୁବିଧା ହାତେଉଥିବା ପରିବାର ଓ ବସ୍ତିକୁ ନିଜର ବୋଲି ଆନ୍ଧ୍ର ଦାବି କରି ବାରମ୍ବାର ହସ୍ତକ୍ଷେପ କରୁଥିବା ଭଳି ଘଟଣାମାନ ଦେଖିବାକୁ ମିଳିଛି। ଏହି ପଞ୍ଚାୟତର ବହୁ ଚର୍ଚ୍ଚିତ ଗୁଡିଖୁଡି ଗ୍ରାମ। ଏଠାରେ ୩୪ ପରିବାରର ୧୩୭ ଲୋକ ବସବାସ କରୁଛନ୍ତି। ଉକ୍ତ ଗ୍ରାମ ଦୁଇଟି ରାଜ୍ୟର ତିନୋଟି ନାମରେ ନାମିତ ହୋଇଛି। ଉକ୍ତ ଗ୍ରାମକୁ ଓଡ଼ିଶାର ଗଜପତି, ଗଞ୍ଜାମ ଏବଂ ଆନ୍ଧ୍ରର ଶ୍ରୀକାକୁଲମ ଜିଲ୍ଲାର ଅଂଶବିଶେଷ ଗ୍ରାମ ବୋଲି ସେମାନେ ନିଜ ନିଜର ଦାବି କରୁଥିବାବେଳେ ଏଯାଏଁ କିନ୍ତୁ ଉକ୍ତ ଗ୍ରାମ କାହାର, ତାହା ଓଡିଶା ସରକାର ସ୍ପଷ୍ଟ କରିନାହାନ୍ତି। ଏହି କାରଣରୁ ବାରମ୍ବାର ଏଠାରେ ତିନୋଟି ଜିଲ୍ଲା ପ୍ରଶାସନ ଉପସ୍ଥିତି ଜାହିର କରୁଥିବା ଜଣାପଡିଛି। ସମ୍ପୃକ୍ତ ଗ୍ରାମବାସୀ ବହୁ ଦିନ ଧରି ଆନ୍ଧ୍ର ମୁହାଁ ହେଉଥିବା ସାଧାରଣରେ କାହାକୁ ଅଛପା ନାହିଁ। ହେଲେ ଏହାର ସ୍ଥାୟୀ ସମାଧାନ ପାଇଁ ସରକାର ସମ୍ପୂର୍ଣ୍ଣ ଆଖି ବୁଜିଦେଇଛନ୍ତି। ଏହାରି ଭିତରେ ଗୁଡ଼ିଖୁଡି ଗ୍ରାମବାସୀ ଖୋଲାଖୋଲି ଭାବେ ସେମାନେ ଓଡ଼ିଶା ବଦଳରେ ଆନ୍ଧ୍ର ପ୍ରତି ଆଶକ୍ତ ରହିଥିବା ଦେଖିବାକୁ ମିଳୁଛି। ଉକ୍ତ ଗ୍ରାମରେ ଆନ୍ଧ୍ରର ପ୍ରଭାବ ମଧ୍ୟ ଅଧିକ ରହିଥିବା ପରିଲକ୍ଷିତ ହେଉଛି। ଯେଉଁଥିରୁ ସ୍ପଷ୍ଟ ଭାବେ ଏଠାରେ ପ୍ରଶାସନର ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଛି। ଏହି ଗ୍ରାମ ଗଜପତି ଜିଲ୍ଲା ରେକର୍ଡ ଅନୁଯାୟୀ ରାୟଗଡ ବ୍ଲକ ଗଙ୍ଗାବାଡ ପଞ୍ଚାୟତର ଗୁଡିଖୁଡି, ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ବୁରାତାଳ ପଞ୍ଚାୟତର ଅବଣ୍ଡିଆ ଏବଂ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ମଞ୍ଜୁଷା ମଣ୍ଡଳ ଅଧିନ ବୁଡାରସିଂ ପଞ୍ଚାୟତର ଗୁଡିଖୋଲା ଗ୍ରାମ ଭାବେ ଉଲ୍ଲେଖ ରହିଛି । ଏହି ଗ୍ରାମର ସବିତା ଶବର ନାମ୍ନୀ ମହିଳା ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧିନ ବାସଗୃହରେ ପାତ୍ରପୁର ବ୍ଲକ ବୁରାତାଳ ପଞ୍ଚାୟତ ଅଧିବାସୀ ଭାବେ ଫଳକରେ ଉଲ୍ଲେଖ ରହିଛି। ସେହିଭଳି ଉକ୍ତ ଗୁଡିଖୁଡି ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ର ଗଜପତି ଜିଲ୍ଲା ଅଧିନରେ କାର୍ଯ୍ୟ କରୁଥିବା କେନ୍ଦ୍ରର ନାମଫଳକରୁ ସ୍ପଷ୍ଟ ହେଉଥିବା ବେଳେ ଠିକ ସେହି ଗ୍ରାମର ଅନେକ ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଫଳକରେ ଆନ୍ଧ୍ରପ୍ରଦେଶ ଅଧିବାସୀ ଭାବେ ଉଲ୍ଲେଖ କରାଯାଇଛି। ଏପରି ସ୍ଥଳେ ଗୁଡିଖୁଡି-ଅବଣ୍ଡିଆ-ଗୁଡିଖୋଲା ଏଭଳି ଭାବେ ଗୋଟିଏ ଗ୍ରାମ ତିନୋଟି ନାମ ରହିଥିବା ଯୋଗୁଁ ଏହି ଗ୍ରାମ କେଉଁ ରାଜ୍ୟ ଓ ଜିଲ୍ଲାର ତାହାକୁ ନେଇ ପ୍ରଶ୍ନ ହେଉଛି।









ଉକ୍ତ ପଞ୍ଚାୟତର ବିଦ୍ୟୁତ ସେବା ଠାରୁ ଆରମ୍ଭ କରି ଆବାସିକ ଯୋଜନା, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଆଦି ପ୍ରାୟ ସମସ୍ତ ସୁବିଧା ଆନ୍ଧ୍ର ସରକାର ଯୋଗାଉଥିବା ବେଳେ ଲୋକଙ୍କୁ ଆଧାର କାର୍ଡ, ରାସନ କାର୍ଡ ମଧ୍ୟ ଆନ୍ଧ୍ର ପ୍ରଦାନ କରିଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଆଧାର ଓ ରାସନ କାର୍ଡକୁ ବ୍ୟବହାର ନକରି ଲୋକେ ଆନ୍ଧ୍ର ଆଧାର ଓ ରାସନ କାର୍ଡ ଆଦି ପ୍ରସ୍ତୁତ କରି ସେଠାକାର ସରକାରୀ ସୁବିଧା ପାଉଛନ୍ତି। ଏପଟେ ରାୟଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ପାନୀୟଜଳ ଯୋଗାଣ, ବ୍ରିଜ ନିର୍ମାଣ, ଭତ୍ତା, ରାସ୍ତାଘାଟ ଆଦି ଯୋଗାଇ ଦିଆଯାଇଥିବା ବେଳେ ପ୍ରାୟ ୨୪ ଜଣ ହିତାଧିକାରୀଙ୍କୁ ଆବାସ ଯୋଜନା ପ୍ରଦାନ କରାଯାଇଥିଲା। ହେଲେ ଗ୍ରାମବାସୀ ଏହାକୁ ଗ୍ରହଣ ନକରି ଆନ୍ଧ୍ରର ଆବାସ ଯୋଜନା ହାତେଇଥିବା ସରପଞ୍ଚ ହରିବନ୍ଧୁ କାର୍ଜି କହିଛନ୍ତି। ପାତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ୨୦୨୫ ମସିହାରେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ଓ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟଙ୍କ କରକମଳରେ ଗୁଡ଼ିଖୋଲା ଠାରୁ ବିଲୁଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ରାସ୍ତା ନିର୍ମାଣ କାର୍ଯ୍ୟ ସହ କେତକ ପରିବାରକୁ ମଧ୍ୟ ଆବାସ ଯୋଜନା ପ୍ରଦାନ କରାଯାଇଛି।

ଏହି ଗ୍ରାମର ପ୍ରାୟତଃ ପରିବାର ନିକଟରେ ଉଭୟ ରାଜ୍ୟର ବିଭିନ୍ନ କାର୍ଡ ରହିଛି। ଆନ୍ଧ୍ର ଓ ଓଡ଼ିଶା ସରକାର ତଥା ପ୍ରଶାସନ ଆସି ଏଠାରେ ସୁବିଧା ଦେଉଛନ୍ତି ଓ ତାର ଲାଭ ଉଠାଉଛନ୍ତି ଗ୍ରାମବାସୀ। ଗଙ୍ଗାବାଡ଼ ପଞ୍ଚାୟତର ଏଭଳି ପରିସ୍ଥିତିରେ ଏହା ଗୋଟିଏ ଗ୍ରାମ ନୁହେଁ। ଏମିତି ଅନେକ ଗ୍ରାମରେ ଏପରି ପରିସ୍ଥିତି ରହିଛି। ପ୍ରଶାସନ ଓ ରାଜସ୍ୱ ବିଭାଗ ପୁନଃ ସର୍ଭେ ବା ଡିମାର୍କେସନ କରି ସୀମାନ୍ତ ଗ୍ରାମାଞ୍ଚଳକୁ ଚିହ୍ନଟ କରି ଆବଶ୍ୟକ ସେବା ଯୋଗାଇ ଦେଲେ ଆନ୍ଧ୍ର ପ୍ରଲୋଭନ ଦେଖାଇ ଗ୍ରାମବାସୀଙ୍କୁ ନିଜ ଆଡକୁ ଟାଣିବାରେ ସକ୍ଷମ ହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏପଟେ ଉଭୟ ରାଜ୍ୟର ଭୋଟର କାର୍ଡ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇ ଥିବାବେଳେ ସେମାନେ ତିନୋଟି ସ୍ଥାନରେ ଭୋଟ ଦେଉଥିବା ଜଣାପଡ଼ୁଛି । ଏହା ଆଗାମୀ ପଞ୍ଚାୟତ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ରାଜନୈତିକ ସମୀକ୍ଷକ କହୁଛନ୍ତି। ଇତି ମଧ୍ୟରେ ରାଜ୍ୟ ୯୦ ତମ ଉକ୍ରଳ ଦିବସ ପାଳନ କରୁଥିବା ବେଳେ ରାଜ୍ୟର ବିଭିନ୍ନ ଗ୍ରାମର ଭୌଗଳିକ ସ୍ଥିତି ନିର୍ଣ୍ଣୟ କରିବାରେ ସରକାରଙ୍କ ଅପାରଗତାକୁ ବୁଦ୍ଧିଜିବୀ ମହଲରେ ନିନ୍ଦା କରାଯାଇଛି।

ଉକ୍ତ ସମସ୍ୟାର ସମାଧାନ ପାଇଁ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏଭଳି ସ୍ପର୍ଶକତାର ଘଟଣାରେ ପ୍ରଶାସନ ଫେଲ ମାରିଥିବା କାରଣରୁ ଲୋକେ ବାଧ ହୋଇ ଆନ୍ଧ୍ର ମୁହାଁ ହୋଇଥିବା ସରପଞ୍ଚ ଶ୍ରୀ କାର୍ଜି ଅଭିଯୋଗ କରିଛନ୍ତି।

● ପଞ୍ଚାୟତସ୍ତରୀୟ ଜନଶୁଣାଣି ସହ ଗ୍ରାମ୍ୟମୁଖୀ ପ୍ରଶାସନ ଶିବିର

## ଶୁଣାଣିରେ ବିଭାଗୀୟ କର୍ମଚାରୀ ଅନୁପସ୍ଥିତ



ନୂଆଗଡ଼,୩୦।୩(ସମିସ): ନୂଆଗଡ଼ ବ୍ଲକ ଅନ୍ତର୍ଗତ କେରେଡାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ସହ ଗ୍ରାମ୍ୟମୁଖୀ ପ୍ରଶାସନ ଶିବିର ଅନୁଷ୍ଠିତ ହୋଇଯାଇଛି। ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ନିମନ୍ତେ ବ୍ଲକ ପ୍ରଶାସନ ଦ୍ୱାରା ପଞ୍ଚାୟତସ୍ତରରେ ଜନ ଶୁଣାଣି କରାଯାଉଛି। କିନ୍ତୁ କେତେକ ବିଭାଗୀୟ କର୍ମଚାରୀ ଅନୁପସ୍ଥିତ ରହୁଥିବା ଯୋଗୁଁ ଲକ୍ଷ୍ୟ ସାଧିତ ହୋଇପାରୁନଥିବା ଅଭିଯୋଗ ହୋଇଛି । ଆଜିର ଜନ ଶୁଣାଣିରେ ମୁଖ୍ୟତଃ ତହସିଲ, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ, ପୂର୍ତ୍ତ ଏବଂ ଗ୍ରାମାଞ୍ଚଳ ଉନ୍ନୟନ ବିଭାଗ କର୍ମଚାରୀ ଅନୁପସ୍ଥିତ ଥିବା ଜଣାପଡିଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ବ୍ଲକ ଅଧକ୍ଷା, ମାଳତୀ ପ୍ରଧାନ, ଏଇଇ ପ୍ରଦ୍ୟୁମ୍ନ କୁମାର ଦାସ, ଗୋଷ୍ଠୀ ମଙ୍ଗଳ ଅଧିକାରୀ ସତ୍ୟଜିତ ମହାନ୍ତି, ବ୍ଲକ ଗ୍ରାମ ପଞ୍ଚାୟତ ଉନୟନ ଅଧିକାରୀ ଶଶାଙ୍କ ଶେଖର ସୁବୁଦ୍ଧି ସମେତ ବିଭିନ୍ନ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଆଜିର ଜନଶୁଣାଣିରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ପାନୀୟଜଳ, ବିଦ୍ୟୁତ, ରାସ୍ତା, ଭତ୍ତା, ନୂତନ ଖାଉଟି କାର୍ଡ, ଗ୍ରାମୀଣ ଗୃହ ଭଳି ମୋଟ ୩୩ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ୩ଟି ଗୋଷ୍ଠୀଗତ ସମସ୍ୟା ଥିବା ବେଳେ ୩୦ ବ୍ୟକ୍ତିଗତ ସମସ୍ୟା ରହିଥିଲା। ୧୧ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ ବ୍ଲକ ପ୍ରଶାସନ। ଅବଶିଷ୍ଟ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀ। ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ପୂଜାରୀ, ସମିତିସଭ୍ୟା କାନ୍ଧୁନି ବେହେରା, ନାଏବ ସରପଞ୍ଚ ସିମିୟ ପ୍ରଧାନ ଓ ପିଇଓ ପୁଷ୍ପା ସହଯୋଗ କରିଥିଲେ।

## ଜନଗଣନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଜି.ଉଦୟଗିରି,୩୦।୩ (ସମିସ): ଆଗକୁ ଦେଶର ଜନଗଣନା କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଏଥିରେ ସାମିଲ ହେବାକୁ ଥିବା କର୍ମଚାରୀଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବେ ରାଜ୍ୟରେ ଚାଲିଛି। ଏହି କ୍ରମରେ ଆଜି ଜି.ଉଦୟଗିରି ହବାକ ଉଚ୍ଚ ବିଦ୍ୟାଳୟରେ ତହସିଲଦାର ରଞ୍ଜନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏବଂ ଅତିରିକ୍ତ ତହସିଲଦାର ଦେବାଶିଷ ଜେନାଙ୍କ ସହଯୋଗରେ ବ୍ଲକରେ ଜନଗଣନା ହେବା ନେଇ ତିନି ଦିନିଆ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ଶିବିରକୁ ତହସିଲଦାର ଶ୍ରୀ ସାହୁ ଉଦଘାଟନ କରିଥିବା ବେଳେ ଏନୁମେରାଟର ଓ ସୁପରଭାଇଜରଙ୍କ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ପ୍ରଶିକ୍ଷଣ ଶିବିର ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ତହସିଲଦାର ସୁଚନା ଦେଇଛନ୍ତି। ଜି.ଉଦୟଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବ୍ଭିନ୍ନ ବିଦ୍ୟାଳୟର ୮୨ ଜଣ ଶିକ୍ଷକ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ବେଳେ ମାଷ୍ଟର ଟ୍ରେନର ଭାବେ ଗିରିଶ ମୁଠାମାଝି, ସୌରଭ ସୁନ୍ଦର ପ୍ରଧାନ, ନୀଳମାଧବ ପାଢୀ ଓ ନିରଞ୍ଜନ ମହାରଣା ତାଲିମ ପ୍ରଦାନ କରୁଛନ୍ତି।

# ବିଭିନ୍ନ ସ୍ଥାନରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୩୦।୩ (ସମିସ)

ଆର.ଉଦୟଗିରି ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନର ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶୁଣାଣିରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆର୍.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଯୋଗ ଦେଇଥିଲେ। ଏଥିରେ ଆର.ଉଦୟଗିରି ପଞ୍ଚାୟତ ସମିତିର ୪୫ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ୬ ଅଭିଯୋଗ ରହିଥିବା ବେଳେ ୩୯ ଗ୍ରାମଭିତ୍ତିକ ଅଭିଯୋଗ ରହିଥିଲ। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୩ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଆର.ଉଦୟଗିରି ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର, ତହସିଲଦାର ଜ୍ୟୋତିର୍ମୟ ଦାଶଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ ।

**ରାଇକିଆ :** ରାଇକିଆ ବ୍ଲକ ସଭାଗୃହରେ ଜନସାଧାରଣଙ୍କ ୭୯ ଅଭିଯୋଗର ଶୁଣାଣି ଜିଲ୍ଲାପାଳ ବେଦଭୂଷଣ କରିଛନ୍ତି। ଶୁଣାଣି ଅବସରରେ ୪୪ ବ୍ୟକ୍ତିଗତ ଅଭିଯୋଗ , ୩୪ ସାମୂହିକ ଅଭିଯୋଗ ରହିଥିଲା। ତ୍ୱରିତ ଶୁଣାଣି କରାଯାଇ ସମାଧାନ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଭିଯୋଗ ଅନୁଯାୟୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ନୂତନ ଭାବେ ପାଞ୍ଚ ଜଣଙ୍କୁ ଭତ୍ତା ପ୍ରଦାନ ସହ ବସୁନ୍ଧରା ଯୋଜନାରେ ୨୮ ଜଣଙ୍କୁ ଏବଂ ଜଙ୍ଗଲ ଜମି ଅଧିକାର ଯୋଜନାରେ ୫୧ ଜଣ ହିତାଧିକାରୀଙ୍କୁ ଜିଲ୍ଲାପାଳ ଜମିପଟ୍ଟା ପ୍ରଦାନ କରିଥିଲେ। ଶୁଣାଣିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ ବିଶି, ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣିତା ଦାସ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦି , ପିଏଆଇଟିଡିଏ କୃପାସିନ୍ଧୁ ବେହେରା, ସମିତି ଅଧକ୍ଷା ରୀନା ପ୍ରଧାନ, ବିଡ଼ିଓ ସବ୍ୟସାଚୀ ସାହୁ, ତହସିଲଦାର ବରିଆଲ ମୁର୍ମୁ ଓ ଅତିରିକ୍ତ ତହସିଲଦାର ଏନ. ପଲ୍ଲବୀଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।





ବ୍ଲକର ସମସ୍ତ କର୍ମଚାରୀ ଅଭିଯୋଗ ପଞ୍ଜୀକରଣ କରିବା ସହ ଜନ ଶୁଣାଣି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଜନ ଶୁଣାଣି ପରେ ଜିଲ୍ଲାପାଳ ରାଇକିଆ ସରକାରୀ ବାଳିକା ବିଦ୍ୟାଳୟ ପରିଦର୍ଶନ କରି ଶ୍ରେଣୀଗୃହ, ଖେଳପଡ଼ିଆ ଦେଖିବା ସହ ଦଶମ ଶ୍ରେଣୀ ଛାତ୍ରୀଙ୍କ ସହ ପାଠପଢା ସମ୍ବନ୍ଧୀୟ ଆଲୋଚନା କରିଥିଲେ। ପରେ ରାଇକିଆ ଗମାଣ୍ଡି ଠାରେ ନିର୍ମାଣାଧୀନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ତଦାରଖ କରି ଅବଧି ମଧ୍ୟରେ କାର୍ଯ୍ୟ ସମାପ୍ତି ନିମନ୍ତେ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ବିଦ୍ୟାଳୟ ପରିଦର୍ଶନ କରି ଖାଦ୍ୟର ମାନ ଯାଞ୍ଚ କଲେ ଜିଲ୍ଲା ଶିକ୍ଷାଧିକାରୀ



ରାଇକିଆ,୩୦।୩(ସମିସ): ରାଇକିଆ ବ୍ଲକ୍‌ର ବିଭିନ୍ ବିଦ୍ୟାଳୟ ପରିଦର୍ଶନ କରି ପରିଚାଳନା ବ୍ୟବସ୍ଥାକୁ ନିରୀକ୍ଷଣ କରିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ। ସୋମବାର ରାଇକିଆରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ରାଇକିଆ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଏବଂ ସେଣ୍ଟ କ୍ୟାଥରିନ ବାଳିକା ଉଚ୍ଚ ବିଦ୍ୟାଳୟ ମଧ୍ୟ ବୁଲି ଦେଖିବା ସହ କସ୍ତୁରବା ବିଦ୍ୟାଳୟରେ ରାଇକିଆ ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ କେଶବ ମଲ୍ଲିକଙ୍କ ସହ ଛାତ୍ରୀଙ୍କ ସହିତ ମିଶି ମଧ୍ୟାହ୍ନଭୋଜନ ଖାଇଥିଲେ । ଏଥି ସହ ଖାଦ୍ୟର ମାନ ମଧ୍ୟ ଯାଞ୍ଚ କରିଥିଲେ। ବ୍ଲକର ବିଦ୍ୟାଳୟ ମାନଙ୍କରେ ମଧ୍ୟାହ୍ନ ଭୋଜନରେ ଯେପରି ଉତ୍ତମ ଗୁଣବତ୍ତା ରହିବ ସେଥିପାଇଁ ପର୍ଯ୍ୟାୟ କ୍ରମେ ବିଭିନ୍ନ ବିଦ୍ୟାଳୟରେ ଯାଞ୍ଚ କରାଯିବ ବୋଲି ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ କହିଛନ୍ତି।

## ଷଣ୍ଢମୂଳରେ ଆସ ସ୍କୁଲ୍ ଯିବା ଅଭିଯାନ

**କୋଦଳା,୩୦ ।୩(ସମିସ):** ଆସ ସ୍କୁଲ ଯିବା ଅଭିଯାନ ସୋମବାର ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଷଣ୍ଢମୂଳ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ଦିବ୍ୟ ରଞ୍ଜନ ବିଶ୍ୱାଳ, ଗୋଷ୍ଠୀ ଶିକ୍ଷାଧିକାରୀ ରୁଦ୍ର ନାରାୟଣ ସାହୁ, ପ୍ରଧାନ ଶିକ୍ଷକ ଶ୍ରଦ୍ଧା ରଞ୍ଜନ ରାୟ ଏବଂ ସରପଞ୍ଚ ପ୍ରଶାନ୍ତ କୁମାର ପରିଡ଼ା ସମେତ ଅନ୍ୟମାନେ ଉପସ୍ଥିତ ରହି ବିଦ୍ୟାଳୟକୁ ପ୍ରବେଶ ଉତ୍ସବ ଦିନ ଆସି ନିଜ ନିଜର ପିଲା ମାନଙ୍କର ନାମ ଲେଖାଇବା ନିମନ୍ତେ ଅଭିଭାବକ ମାନଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ । ଏଥିସହିତ କୁନି କୁନି ପିଲା ମାନଙ୍କୁ ଫୁଲ ଏବଂ ଚକୋଲେଟ ବାଣ୍ଟି ଥିଲେ । ଏଥିରେ ସହକାରୀ ଶିକ୍ଷକ ସୁରେଶ କୁମାର ବାରିକ, ସୁଧୀର କୁମାର ବେହେରା ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ ।

## ପାତ୍ରପୁର ଓକିଲ ସଂଘର କର୍ମକର୍ତ୍ତା ଚୟନ

**ପାତ୍ରପୁର,୩୦ ।୩(ସମିସ):** ପାତ୍ରପୁର ବ୍ଲକ ଓକିଲ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଛି । ସର୍ବ ସମ୍ମତି କ୍ରମେ ସଭାପତି ଭାବେ ରମେଶ ଚନ୍ଦ୍ର ପାଢ଼ୀଙ୍କୁ ଚୟନ କରିଥିବା ବେଳେ ସମ୍ପାଦକ ଭାବେ ଏ ନିରଞ୍ଜନ ରେଡ୍ଡୀଙ୍କୁ ସଂଘ ପକ୍ଷରୁ ଚୟନ କରାଯାଇଛି । ସେହିପରି ଉପ ସଭାପତି ଭାବରେ ତ୍ରିନାଥ ମହାନ୍ତି, ସହ ସମ୍ପାଦକ ଭାବେ ପୂର୍ଣ୍ଣଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଲମ୍ବୋଦର ପ୍ରଧାନ, ଇଶ୍ଵରୁ ବାଳକୃଷ୍ଣ ରେଡିଙ୍କୁ ମିଡିଆ ସେଲ୍ ଦାୟିତ୍ୱ ପ୍ରଦାନ କରାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

## ଶ୍ରୀରାମ ଚରିତ ମାନସ ପାରାୟଣ

**ବୁଗୁଡ଼ା,୩୦ ।୩(ସମିସ):** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବି.ବ୍ରହ୍ମପୁର ଗ୍ରାମ ନିକଟ କଦମ୍ବ ମଠ ଠାରେ ଶ୍ରୀରାମ ସେବା ସମିତି ଓ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ଘୃତଯଜ୍ଞ ସାଙ୍ଗକୁ ପ୍ରବଚନ ମହାଯଜ୍ଞ ଆରମ୍ଭ ହୋଇଛି । ଶୁଭାଧିବାସ ଗତ ମଙ୍ଗଳବାର ଦିନ ହୋଇଥିବା ବେଳେ ବୁଧବାର ଠାରୁ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଆରମ୍ଭ ହୋଇଛି । ଏ ଅବସରରେ ସୋମବାର ଦିନ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ କଦମ୍ବ ମଠ ଯାଇ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞରେ ଯୋଗଦେଇ ଶ୍ରୀରାମଚନ୍ଦ୍ରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଉକ୍ତ ନବଦିନ ବ୍ୟାପି କାର୍ଯ୍ୟକ୍ରମ ଆସନ୍ତା ଗୁରୁବାର ଦିନ ଉଦଯାପିତ ହେବ ।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଶୁଭଖୁଣ୍ଟି ସ୍ଥାପନ

**ଧରାକୋଟ,୩୦ ।୩(ସମିସ):** ଧରାକୋଟ ବ୍ଲକର ଡ଼ଉଗାଁ ସ୍ଥିତ ଭୁବନେଶ୍ୱର ମହାଦେବଙ୍କ ମନ୍ଦିର ପୁନଃ ଉଦ୍ଧାର ଓ ସଂସ୍କାର ସହ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଗ୍ରାମବାସୀଙ୍କ ଉପସ୍ଥିତିରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଆସନ୍ତା ମେ ମାସ ୩ ତାରିଖ ଠାରୁ ଏହା ଆରମ୍ଭ ହୋଇ ୮ ତାରିଖ ଦିନ ପୂର୍ଣ୍ଣାହୁତି ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି । ସୋମବାର ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଗ୍ରାମର ପୁରୁଷ ଓ ମହିଳା ହରିବୋଲ, ହୁଳହୁଳି, ଘଣ୍ଟ, ମୃଦଙ୍ଗ ସହ ଗ୍ରାମ ପରିକ୍ରମା ପରେ ମନ୍ଦିର ନିକଟରେ ଉପସ୍ଥିତ ହୋଇଥିଲେ । ପରେ ଅତ୍ୟନ୍ତ ଅନୁକୂଳ ପରିବେଶରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା ।

## ଦିଗପହଣ୍ଡି ବ୍ଲକ ପୁରାତନ ଛାତ୍ରସଂଘ ଗଠିତ



**ଦିଗପହଣ୍ଡି,୩୦ ।୩(ସମିସ):** ଦିଗପହଣ୍ଡି ସ୍ଥିତ ଶ୍ରୀଗୁପ୍ତେଶ୍ୱର ପୀଠ ପରିସରରେ ଦିଗପହଣ୍ଡି ବ୍ଲକ ଅଞ୍ଚଳର ବିଭିନ୍ନ ଗାଁ ହାଇସ୍କୁଲରେ ପଢ଼ିଥିବା ୧୯୮୨ ସାଲ ମାଟ୍ରିକ ବ୍ୟାଚର ବହୁସଂଖ୍ୟକ ପୁରାତନ ଛାତ୍ର ଏକାଠି ହୋଇ ଦିଗପହଣ୍ଡି ବ୍ଲକ ପୁରାତନ ଛାତ୍ର ସଂଘ ଗଠନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ, ପଦ୍ମନାଭପୁର ରାଧାଶ୍ୟାମ ହାଇସ୍କୁଲ, ବମୋକେଇ ଗ୍ରାମ ସ୍ଥିତ ଶିବାନନ୍ଦ ହାଇସ୍କୁଲ ଏବଂ ଭୀଷ୍ମଗିରି ଗ୍ରାମ ସ୍ଥିତ ସରକାରୀ ହାଇସ୍କୁଲ ଛାତ୍ର ମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା । ଆଲୋଚନା ସଭାରେ ଉପସ୍ଥିତ କିଛି ଛାତ୍ର ପାଠ ପଢ଼ା ସମୟର ଅତୀତର ଅଭୁଲା ସ୍ମୃତିଚାରଣ କରିଥିଲେ । ପରେ ପୁରାତନ ଛାତ୍ର ସଂଘ ର କର୍ମକର୍ତ୍ତା ଚୟନ କରାଯାଇଥିଲା । ସଂଘର ଉପଦେଷ୍ଟା ଭାବେ ଅଳକ ନାଥ ମିଶ୍ର, ସଭାପତି ଭାବେ ରାଜେନ୍ଦ୍ର ସାହୁ, ସମ୍ପାଦକ ଭାବେ କାଳୁ ଚରଣ ପାଣିଗ୍ରାହୀ, ସହ - ସମ୍ପାଦକ ଭାବେ ପ୍ରଭାକର ସେଠୀ ଏବଂ କୋଷାଧ୍ୟକ୍ଷ ରୂପେ ଆଦିତ୍ୟ ମହାରଣାଙ୍କୁ ମନୋନୟନ କରାଯାଇଥିଲା । ସଂଘ ପକ୍ଷରୁ ଚାରାରୋପଣ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ମଠ ମନ୍ଦିର ପୋଖରୀ ରାସ୍ତାଘାଟ ସଫେଇ ଭଳି ବିଭିନ୍ନ ସାମାଜିକ ସହଭାଗିତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଭାରେ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଥିଲା । ଆଗାମୀ ଦିନରେ ସଂଘକୁ ଅଧିକ କ୍ରିୟାଶୀଳ କରାଯିବା ସହ ପୁରାତନ ଛାତ୍ରଛାତ୍ରୀଙ୍କୁ ଯୋଗାଯୋଗ କରାଯାଇ ପରବର୍ତ୍ତୀ ସଭାରେ ସେମାନଙ୍କୁ ସଂଘର ସଦସ୍ୟ ଭାବେ ଗ୍ରହଣ ପାଇଁ ଆଗତ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା । ପ୍ରାଧ୍ୟାପକ ଡ଼.କୃଷ୍ଣଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଏମ.ଗୌରାଙ୍ଗ, ପୂର୍ବତନ କାଉନସିଲର ବିଚିତ୍ର ବେହେରା, ଭଗବାନ ମହାରଣା, ୟୁ ଲିଙ୍ଗରାଜ, ସତ୍ୟନାରାୟଣ ଦାସ, ହରିଶ୍ଚନ୍ଦ୍ର ସାହୁ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ପୁରାତନ ଛାତ୍ର ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଭଞ୍ଜନଗର କେଭି ପାଇଁ ୭ ପିଜିଟି ଶିକ୍ଷକ ଅନୁମୋଦନ

**ଭଞ୍ଜନଗର,୩୦ ।୩(ସମିସ):** ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ ଆଜକୁ ୧୬ ବର୍ଷ ହେବ ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଅବ୍ୟବହୃତ ହଷ୍ଟେଲ କୋଠାରେ ଚାଲିଛି । ବିଦ୍ୟାଳୟ ଖୋଲିବାର ୧୬ ବର୍ଷ ବିତିଗଲାଣି କିନ୍ତୁ ସ୍ଥାୟୀ କୋଠା ହୋଇପାରୁନଥିଲା । ଯୁକ୍ତ ୨ ମଧ୍ୟ ଖୋଲି ପାରୁନଥିଲା । ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା । ଗତବର୍ଷ ଅଧ୍ୟକ୍ଷ ଭାବେ ଯୋଗ ଦେଇଥିବା ପ୍ରଦୀପ କମାନୁଙ୍କ ପ୍ରଚେଷ୍ଟାରେ ବିଦ୍ୟାଳୟର ଅନେକ କିଛି ଉନ୍ନତି ଧିରେ ଧିରେ ହେଉଛି । ଅଧ୍ୟକ୍ଷ କମାନୁଙ୍କ ପ୍ରଚେଷ୍ଟା ଏବଂ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ କେଏସୟୁବି କଲେଜ ଅଧ୍ୟକ୍ଷଙ୍କ ସହଯୋଗରେ ୨୦୨୬-୨୭ ଶିକ୍ଷା ବର୍ଷରେ ଯୁକ୍ତ ୨ ବିଜ୍ଞାନ ଖୋଲିବାକୁ ଯାଉଛି । ଇତିମଧ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଦିଲ୍ଲୀ ପକ୍ଷରୁ ଯୁକ୍ତ ୨ ଖୋଲିବା ପାଇଁ ୭ ଜଣ ପିଜିଟି ଶିକ୍ଷକ ପଦବୀକୁ ଅନୁମୋଦନ ଦେଇଛନ୍ତି । ଖୁବ୍‌ଶୀଘ୍ର ଉକ୍ତ ନୂତନ ଶିକ୍ଷକ ମାନେ କାର୍ଯ୍ୟରେ ଯୋଗଦେବେ । ସେଗୁଡ଼ିକ ହେଲା (ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଜୀବ ବିଜ୍ଞାନ, କମ୍ପ୍ୟୁଟର ସାଇନ୍ସ, ଇଂରାଜୀ ଓ ହିନ୍ଦୀ) । ବିଦ୍ୟାଳୟ ସ୍ଥାପିତ ହେବାର ୧୬ ବର୍ଷ ପରେ ଏଠାରେ ପ୍ରଥମ ଥର ପାଇଁ ଯୁକ୍ତ ୨ ରେ ନାମ ଲେଖା ହେବ । ଯାହାକୁ ନେଇ ଅଭିଭାବକ ଏବଂ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି । ଏଥିସହ ଅଭିଭାବକ ମାନେ ବିଧାୟକ, ଉପ ଜିଲ୍ଲାପାଳ ଏବଂ ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି । ଇତିମଧ୍ୟରେ ବିଦ୍ୟାଳୟର ସ୍ଥାୟୀ କୋଠା ନିର୍ମାଣ ପାଇଁ କେନ୍ଦ୍ର ସରକାର ୩୩ କୋଟି ୧୦ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି । ତାହାର ଟେଣ୍ଡର ପ୍ରକ୍ରିୟା ସରିବା ପରେ କାମ ଆରମ୍ଭ ହେବ ।

# ବିପର୍ଯ୍ୟସ୍ତ ଆଇନ ବ୍ୟବସ୍ଥା ନେଇ ବର୍ଷିଲା ବିଜେଡି

**ପାତ୍ରପୁର, ୩୦ ।୩(ସମିସ):**



ଚିକିଟୀ ନିର୍ବଚାନ ମଣ୍ଡଳୀ ବିଜେଡି ପକ୍ଷରୁ ସୋମବାର ଜରଡା ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଥମତଃ ଚିକିଟି ନିର୍ବାଚନମଣ୍ଡଳୀରେ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇଯାଇଛି । ଦୁଇ ବର୍ଷ ହେଲା ଚିକିଟିରେ ଆମ୍ବୁଲାନ୍ସ ସେବା ବନ୍ଦ ରହିବା ଫଳରେ ଜଣେ ନିରୀହ ଯୁବତୀ ପୂଜା ସାହୁଙ୍କ ଗତକାଲି ମୃତ୍ୟୁ ଘଟିଛି । ଏଭଳି ମୃତ୍ୟୁ ପାଇଁ 'ସରକାର' ତଥା ସ୍ଥାନୀୟ ବିଧାୟକ ଦାୟୀ ବୋଲି ବିଜେଡି ଆରୋପ କରିଛି । ନିଜ ଦୋଷ ଦୁର୍ବଳକୁ ଲୁଚେଇବାକୁ ଯାଇ ନାରୀ ନେତ୍ରୀ ତଥା ବିଧାୟକଙ୍କ ପତ୍ନୀ ମୀନା ଦ୍ୟାନ ସାମନ୍ତରା ବିଜେଡି ବିରୁଦ୍ଧରେ ଫେସବୁକରେ ମିଛ ରାଜନୀତି କରିବା ବନ୍ଦ କରନ୍ତୁ । ନାରୀ ଅସୁରକ୍ଷିତ ଦିଗରେ ଜଗନ୍ନାଥପୁର ଓ ଷୋଳଭାଗପେଣ୍ଠରେ ମହିଳାଙ୍କ ଉପରେ ହୋଇଥିବା ଅତ୍ୟାଚାରରେ ପୁଲିସ ବିଧାୟକଙ୍କ ଚାପରେ ଚୁପ୍ ବସିଛି । ମହିଳାକମିଶନ ଓ ମୋହନ ସରକାର ଏହି ସମ୍ବେଦନଶୀଳ ଘଟଣାରେ ତତ୍ପରତା ଦେଖାଉନାହାନ୍ତି କାହିଁକି ବୋଲି ସିଧା ସଳଖ ପ୍ରଶ୍ନ କରିଥିଲେ । ସେହିଭଳି କାହା ଚାପରେ ପଡି ସିଡିପିଓଙ୍କ ମାଧ୍ୟମରେ ହୀନ ରାଜନୀତି କରାଯାଇଛି ଜଣେ ବିଜେଡି ଦଳର ଆଗଧାଡିର କର୍ମୀଙ୍କ ନାମ ନେଇ ତାଳପଡ଼ା ବାଲ୍ୟ ବିବାହ ଘଟଣାରେ ଆକ୍ରୋଶର ଶିକାର ହେଲେ ପାତ୍ରପୁର ସିଡିପିଓ ବିଧାୟକଙ୍କ ଚାପରେ ଆସି ଜଣେ ନିରୀହ କର୍ମୀଙ୍କ ନାଁ ସର୍ବସାଧାରଣରେ କହି ତାଙ୍କୁ ଗ୍ରାମବାସୀଙ୍କ ଦ୍ୱାରା ମାଡ଼ ଖୁଆଇବା ଏକ ଅତି ଅମାନୁଷିକ ଏବଂ ହୀନକାର୍ଯ୍ୟ ବୋଲି ପ୍ରେସମିଟ କରି ପ୍ରକାଶ କରିଥିଲେ । ସେହିପରି୨୦୦୭ରେ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଦ୍ୱାରା ମେଡିକାଲ, ତହସିଲ ଓ ବ୍ଲକ ଅଫିସ ପୋଡ଼ିବା ଘଟଣାର ଦୁଃଖ ଚିକିଟିବାସୀ ଏବେ ବି ଭୋଗୁଛନ୍ତି । ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ଆମ୍ବୁଲାନ୍ସ ବ୍ୟବସ୍ଥାରେ ସୁଧାର ନହେଲେ ଚିକିଟି ବିଜେଡି ଆଇଟିସେଲ ରାଜରାସ୍ତାକୁ ଓହ୍ଲାଇବ ବୋଲି ବାଧ ହେବ ବୋଲି ଚେତାବନୀ ଦେଇଛି । ଏହି କାର୍ଯ୍ୟକ୍ରମରେ ବିଜେଡି ଆଇଟିସେଲ ସଂଯୋଜକ ସରୋଜ ପଣ୍ଡା, ଚିକିଟି ଆଇଟିସେଲ ସଭାପତି କାଳୀ ପ୍ରସାଦ ପଣ୍ଡା, ପାତ୍ରପୁର ଆଇଟିସେଲ ସଭାପତି ଶିବ ଶଙ୍କର ପ୍ରଧାନ, ସୁମିତ କୁମାର ପଣ୍ଡା, ପରମେଶ ଯାଦବ, ନାରୀ ନେତ୍ରୀ ଓ ନଗମା ରାଓ, କେ. ଜ୍ୟୋତି ରେଡି, ଚନ୍ଦ୍ରଶେଖର ପ୍ରଧାନ, ସୁଶାନ୍ତ ବେହେରା ପ୍ରମୁଖ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।

## ବିଶ୍ୱ ହିନ୍ଦୁ ପରିଷଦର ଶୋଭାଯାତ୍ରା

**କବିସୂର୍ଯ୍ୟନଗର,୩୦ ।୩(ସମିସ):** କବିସୂର୍ଯ୍ୟନଗର ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ରାମଲାଲାଙ୍କ ଏକ ବିରାଟ ଫ୍ଲେକ୍ସ ଏକ ଟ୍ରଲିରେ ସଜାଇଥିଲେ । ଶ୍ରୀହନୁମାନଙ୍କ ପତାକା ଭକ୍ତଙ୍କ ହାତରେ ଧରି ଜୟଶ୍ରୀରାମ ଧ୍ୱନିରେ ପରିବେଶ



ପ୍ରକମ୍ପିତ ହୋଇ ଉଠିଥିଲା । କାଳିଆଲୁଣ୍ଡା ପାହାଡ଼ରେ ନିର୍ମାଣ ହେବାକୁ ଥିବା ଭବ୍ୟ ରାମମନ୍ଦିର ପୀଠରୁ ପୂଜାର୍ଚ୍ଚନା ସାରି ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ ବିଶ୍ୱହିନ୍ଦୁ ପରିଷଦ କର୍ମୀ । କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ବହୁ ବିଜେପି, ବିହେଚପି କର୍ମୀ ଓ ଭକ୍ତ ସାମିଲ ହୋଇଥିଲେ । ସେମାନଙ୍କ ମଧ୍ୟରେ ସମାଜସେବୀ ଇ. ମାହେଶ୍ୱରୀ ଦୋରା, ମୋହନ ସୁନ୍ଦର ସ୍ୱାଇଁ, ରାଜକୁମାର ବାମାନ ଭୋସଲେ, ପିତାମ୍ବର ସେନାପତି, ଯଦୁକୁଳ ପଟ୍ଟନାୟକ, ଉଦ୍ଧବ ଗୌଡ଼, ସୋମନାଥ ପଟ୍ଟନାୟକ, ସନ୍ତୋଷ ସାମଲ ପ୍ରମୁଖ ଯୋଗ ଦେଇଥିଲେ ।

## ସଉରା ଆଦିବାସୀ କୃଷି ବହୁମୁଖୀ ସମବାୟସମିତିର ବାର୍ଷିକ ସାଧାରଣ ସଭା



**ମୋହନା,୩୦।୩(ସମିସ):** ମୋହନା ବ୍ଲକ ଚନ୍ଦ୍ରଗିରି ସଉରା ଲ୍ୟାମ୍ପରେ ସଉରା ଆଦିବାସୀ କୃଷି ବହୁମୁଖୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ମୁଖ୍ୟଅତିଥି ଭାବେ ସଉରା ଲ୍ୟାମ୍ପ ସଭାପତି ନର୍ମଦା ଦଳାଇ, ସମ୍ମାନିତ ଅତିଥି ଭାବେ ଲ୍ୟାମ୍ପ ଉପସଭାପତି ବୃନ୍ଦାବନ ମଲ୍ଲିକ, ନିର୍ଦ୍ଦେଶକ ଲମ୍ବୋଦର ବିଶୋଇରତ୍ନ ଓ ବନପାଳ ସୁଧାକର କଣ୍ଡାଲୁ ମଞ୍ଚାସୀନ ଥିଲେ । ପ୍ରଥମେ ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯିବା ପରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ସଭାପତି । ଗଜପତି ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବା ହେତୁ ଦୀର୍ଘ ବର୍ଷ ଧରି ଏହି ସଂସ୍ଥା ଆଦିବାସୀଙ୍କୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇ ଆସିଛି । ଚାଷ ଋତୁରେ ଚାଷୀଙ୍କୁ ଆର୍ଥିକ ସହାୟତା ବିନା ସୁଧରେ ଲକ୍ଷାଧିକ ଟଙ୍କା ଦେଇ ଆସୁଥିବାବେଳେ ତାହାକୁ ଚାଷୀ ସଦୁପଯୋଗ କରି ଲାଭବାନ୍ ହୋଇପାରିଛନ୍ତି । ଏହି ସଂସ୍ଥା ମୋହନା ବ୍ଲକର ଚନ୍ଦ୍ରଗିରି, ଜିରାଙ୍ଗ, ଲବାରସିଂ, ଧାଡ଼ିଆମ୍ବ, ବାଘମାରି ପଞ୍ଚାୟତର ୨୬୦୩ ଚାଷୀ ଓ ୭୯୨ ଲୋନ୍ ହିତାଧିକାରୀଙ୍କୁ ନେଇ କାମ କରି ଆସିଛି । ପ୍ରତ୍ୟେକ ବର୍ଷ ଭଳି ଚଳିତ ୨୦୨୫-୨୬ ଆର୍ଥିକ ବର୍ଷର ମଧ୍ୟ ନିଜର ସକାରାତ୍ମକ କାର୍ଯ୍ୟର ସଫଳତାକୁ ନେଇ ଚାଷୀଙ୍କୁ ଉତ୍ସାହିତ କରିବା ଓ ଆଗାମୀଦିନରେ ଚାଷୀଙ୍କ ସହଯୋଗରେ ଏହି ସ୍ଥାନରେ ମାଣ୍ଡିଆ ଓ ମକାମଣ୍ଡି ଓ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ସାର ଓ କୀଟନାଶକ କିଭଳି ମିଳିପାରିବ ସେ ନେଇ ପ୍ରବନ୍ଧ ନିର୍ଦ୍ଦେଶକ ସଞ୍ଜୀବ କୁମାର ଦଳାଇ ଉପସ୍ଥାପନା କରିଥିଲେ । ଏହି ବର୍ଷର ସଫଳ ଚାଷୀ ଓ ସଫଳ ଋଣ ପରିଶୋଧକରୀ ଚାଷୀଙ୍କୁ ସମ୍ମାନିତ କରିଥିଲେ । ସଂସ୍ଥାର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଶୈବପୀଠ ଜିର୍ଣ୍ଣୋଦ୍ଧାର ମହୋତ୍ସବ ପ୍ରସ୍ତୁତି ସଭା

**ଦିଗପହଣ୍ଡି,୩୦ ।୩(ସମିସ):** ଦିଗପହଣ୍ଡି ସହର ଉପକଣ୍ଠ କୁଶପଡ଼ା ଗ୍ରାମ ନିକଟ କମାପଡିଆ ସ୍ଥିତ ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ଜିର୍ଣ୍ଣୋଦ୍ଧାର ମହୋତ୍ସବ ଓ ରୁଦ୍ର ମହାଯଜ୍ଞ ନିମନ୍ତେ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀଙ୍କ ପୋରୋହିତ୍ୟରେ ଆସନ୍ତା ମଇ ମାସ ୨୪ ତାରିଖ ଠାରୁ ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀ ତିଥି ୨୮ ତାରିଖ ଯାଏଁ ୫ ଦିନ ବ୍ୟାପୀ ଏହି ମହାଯଜ୍ଞ ଆୟୋଜନ କରାଯିବ । ଶୈବପୀଠ ପରିସରରେ ଆୟୋଜିତ ସଭାରେ ଦିଗପହଣ୍ଡି ସହର ସମେତ କୁଶପଡ଼ା, ପତାଣ୍ଡ ,ରାଜପୁର, ଆଙ୍କୋରଡ଼ା, ଚାଙ୍ଗୁଡାପଲ୍ଲୀ, ନବରଙ୍ଗପୁର ସମେତ ଆଖପାଖ ଗ୍ରାମର ବହୁ ସଂଖ୍ୟକ ଗଣ୍ୟମାନ୍ୟ ବ୍ୟକ୍ତି ବୃନ୍ଦ ଉପସ୍ଥିତ ଥିଲେ । ମହାଯଜ୍ଞ ପରିଚାଳନା ନିମନ୍ତେ କମିଟି ଗଠନ କରାଯାଇଥିଲା । ସଭାପତି ଭାବେ ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କୁ ମନୋନୀତ କରାଯାଇଥିବା ବେଳେ ଉପ ସଭାପତି ଭାବେ ବସନ୍ତ ପଟ୍ଟନାୟକ, କେ. ତାରକେଶ୍ୱର ଦୋରା, ଏସ.ଗାନ୍ଧୀ, ସୁଶାନ୍ତ ପ୍ରଧାନ, ସମ୍ପାଦକ ଭାବେ ସୁରେନ୍ଦ୍ର ବିଷୋୟୀ, ସହ-ସମ୍ପାଦକ ଭାବେ ବିପ୍ର ସେଠୀ, ନିରାକାର ପ୍ରଧାନ, ହର୍ଷ ପ୍ରଧାନ ଏବଂ କୋଷାଧ୍ୟକ୍ଷ ଭାବେ କୋରେଶୁ ସେଠୀଙ୍କୁ ଚୟନ କରାଯାଇଥିଲା । ଉପଦେଷ୍ଟା ଭାବେ ପୂର୍ବତନ ଏନଏସି ଅଧ୍ୟକ୍ଷ ଭି.ରବି ନାରାୟଣ ରାଜୁ, ପ୍ରମୋଦ ପାଣିଗ୍ରାହୀ, ଭି.ଧର୍ମ ରାଜୁ, ରାମନାଥ ବିଷୋୟୀ, କାଉନସିଲର ଦୀପକ ମିଶ୍ର, ନୀଳମାଧବ ଗୌଡ଼, ବିଚିତ୍ରାନନ୍ଦ ପଟ୍ଟନାୟକ, କେ.କୁନା, ଅର୍ଦ୍ଧୁ.ଗୋବିନ୍ଦ, ଭଗବାନ ଦୋରାଙ୍କୁ ମନୋନୟନ କରାଯାଇଥିଲା । ଉକ୍ତ ମହୋତ୍ସବ ଅବସରରେ ଶୈବପୀଠ ପରିସରରେ ନିର୍ମାଣାଧୀନ ଶ୍ରୀଗଣେଷ ଏବଂ ଶ୍ରୀହନୁମାନଙ୍କ ପ୍ରାସାଦ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ମୁଖ୍ୟ ଉଦ୍ୟୋକ୍ତା ଅମ୍ବିକା ପ୍ରସାଦ ସେଠୀ, ଶାନ୍ତି ମିଶ୍ର, ପ୍ରଦୀପ ପଣ୍ଡା, ଆଶିଷ ପଟ୍ଟନାୟକ, ଶଙ୍କର ପାଢ଼ୀ, ଯୁଧିଷ୍ଠିର ଦୋରା, ଆକୁଳ ସ୍ୱାଇଁ, ସନ୍ତୋଷ ପାତ୍ର, କ୍ଷେତ୍ରବାସୀ ପ୍ରଧାନଙ୍କ ସମେତ ବହୁ ସଂଖ୍ୟକ ବ୍ୟକ୍ତି ସଭାରେ ଉପସ୍ଥିତ ଥିଲେ ।

■ ଟିକାବାଲି ବ୍ଲକସ୍ତରୀୟ ମନରେଗା ଜନଶୁଣାଣି

## ସ୍ୱଚ୍ଛତା ଓ ସାମାଜିକ ସମୀକ୍ଷା ଉପରେ ଗୁରୁତ୍ୱ

**ଟିକାବାଲି,୩୦।୩(ସମିସ):** ଟିକାବାଲି ବ୍ଲକ ପରିସରରେ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ଜନଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି । ବ୍ଲକର ୧୧ ପଞ୍ଚାୟତରେ ଅକ୍ଟୋବର ମାସରୁ ମାର୍ଚ୍ଚ ମଧ୍ୟରେ



ଗ୍ରାମ୍ୟ ସମ୍ବଳ କର୍ମୀଙ୍କ ଦ୍ୱାରା କରାଯାଇଥିବା ସାମାଜିକ ସମୀକ୍ଷାର ତଥ୍ୟ ଏହି ଅବସରରେ ଉପସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ, ବ୍ଲକ ଉପାଧ୍ୟକ୍ଷା ପ୍ରସ୍ମିତା ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ କୁମାର ମଳିକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରୁଦ୍ର ନାରାୟଣ ମାଝୀ, ଏପିଓ ଅନୁରାଧା ମଳିକ ଏବଂ ଓଡ଼ିଶା ଜୀବିକା ମିଶନର ବିପିଏମ ପରେଶ କୁମାର ଦିଗାଳ ମଞ୍ଚାସୀନ ଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନରେଗା ଯୋଜନାର ପରିବର୍ତ୍ତିତ ରୂପରେଖ ବିଜିଜି ରାମଜି ଯୋଜନା ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ । ପ୍ରକଳ୍ପ ଗୁଡ଼ିକରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସୂଚନା ଫଳକ ଲଗାଇବା ଏବଂ ନଥିପତ୍ର ସଠିକ ଭାବେ ରଖିବାକୁ ସେ ପରାମର୍ଶ ଦେଇଥିଲେ । ଏଥିସହ କାର୍ଯ୍ୟକ୍ଷେତ୍ରରେ ଶ୍ରମିକଙ୍କ ପାଇଁ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଏବଂ ଶିଶୁଙ୍କ ପାଇଁ ଛାୟା ସ୍ଥାନ ଭଳି ମୌଳିକ ସୁବିଧା ପ୍ରତି ଗୁରୁତ୍ୱ ଦେବାକୁ ସେ କହିଥିଲେ । ବ୍ଲକ ଅଧ୍ୟକ୍ଷ ଶ୍ରୀ କହଁର ସାମାଜିକ ସମୀକ୍ଷାକୁ ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅଭିହିତ କରିଥିଲେ । ଜନଶୁଣାଣିରେ ବ୍ଲକର ୧୧ ପଞ୍ଚାୟତର ପିଇଓ ନିଜ ନିଜ ଅଞ୍ଚଳର ପ୍ରୋଗ୍ରେସ ରିପୋର୍ଟ ଉପସ୍ଥାପନ କରିଥିଲେ । ଚଳିତ ଆର୍ଥିକ ବର୍ଷରେ ଗାର୍ଡିଙ୍ଗିଆ ପଞ୍ଚାୟତ ସର୍ବାଧିକ ୨୫୧ ଜଣ ହିତାଧିକାରୀଙ୍କୁ ୧୦୦ ଦିନର ରୋଜଗାର ଯୋଗାଇ ଦେଇଥିବାରୁ ସମସ୍ତେ ସମ୍ମାନର ସହ କୃତଜ୍ଞତା ଜଣାଇଥିଲେ । ଏହି ଶୁଣାଣିରେ ଲାଇନ ଡିପାର୍ଟମେଣ୍ଟ ମଧ୍ୟରୁ ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ବିଭାଗ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପିଇଓ, ଜିଆରଏସ, ମେଟ୍ ଏବଂ ଶତାଧିକ ମନରେଗା ହିତାଧିକାରୀ ଉପସ୍ଥିତ ରହି ଅଭିଯୋଗ ଓ ମତାମତ ରଖିଥିଲେ । ଓଏଲଏମ ବିପିଏମ ପରେଶ ଦିଗାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପୂର୍ବତନ ମହିଳା ସରପଞ୍ଚଙ୍କ ଦେହାନ୍ତ

**ବୁଗୁଡା,୩୦ ।୩(ସମିସ):** ବୁଗୁଡା ବ୍ଲକ ବି.କରଡ଼ାବାଡ଼ି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପ୍ରାକ୍ତନ ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସ୍ୱର୍ଗତ ରେବତୀ ମୋହନ ନାୟକଙ୍କ ଧର୍ମପତ୍ନୀ ପ୍ରଫୁଲ୍ଲ କୁମାରୀ ନାୟକ(୮୦)ଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଶାରୀରିକ ଅସୁସ୍ଥତା ଅନୁଭବ କରିଆସୁଥିଲା ବେଳେ ବ୍ରହ୍ମପୁରସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପୁଅ ଓ ବୋହୂଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ସେ ୨୦୧୨ ମସିହାରେ ବି.କରଡ଼ାବାଡ଼ି ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ ।

## ବିଜେପିର ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ



**ଖଲ୍ଲିକୋଟ,୩୦ ।୩(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଚିକିଲିରେ ବିଜେପିର ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚିକିଲି କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ବାଣିଆ-ତାଳପଡା ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ । ଆସିକା ଘୁମୁସର ସାଙ୍ଗଠନିକ ଜିଲ୍ଲାର ଉପସଭାପତି ଅରୁଣ କୁମାର ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ଉପସଭାପତି ବିଜୟ କୁମାର ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ଯଜ୍ଞ ନାରାୟଣ ଦାଶ, ବାଣିଆ - ତାଳପଡା ମଣ୍ଡଳ ସଭାପତି ଶମ୍ଭୁ ପ୍ରଧାନ, ଦାନପୁରର ପୂର୍ବତନ ସରପଞ୍ଚ ମନୋଜ କୁମାର ପ୍ରଧାନ, ବରିଷ୍ଠ ବିଜେପି ନେତା ଅନୀଲ କୁମାର ପଣ୍ଡା, ନିରଞ୍ଜନ ନାୟକ, କୋମଣ୍ଡର ନାଏବ ସରପଞ୍ଚ ସୁନୀଲ ମହାଙ୍କୁଡ ପ୍ରମୁଖ ଯୋଗଦେଇ ସଂଗଠନକୁ କିପରି ଆହୁରି ମଜବୁତ କରାଯାଇ ପାରିବ ସେ ସମ୍ପର୍କରେ ଉପସ୍ଥିତ ବିଜେପି କର୍ମୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ।

## ଅନ୍ତର୍ଜାତୀୟ ବଡି ଲିଫ୍ଟିଂ ପ୍ରତିଯୋଗିତାରେ ବାଜି ମାରିଲେ ଶଙ୍କର

**ଦିଗପହଣ୍ଡି,୩୦।୩(ସମିସ):** ଦିଗପହଣ୍ଡି ନୂଆସାହି ରେ ରହୁଥିବା ନନ୍ଦୁ ଓରଫ ଶଙ୍କର ବେହେରା ଆନ୍ତର୍ଜାତୀୟ ବଡି ଲିଫ୍ଟିଂ ପ୍ରତିଯୋଗିତାରେ ପୁରସ୍କୃତ ହୋଇଛନ୍ତି । ପଞ୍ଜାବ ପ୍ରଦେଶ ଜଳନ୍ଧର ସହରରେ ଦୁଇଦିନ ଧରି ଆୟୋଜିତ ହୋଇଥିବା ୧୫ ତମ ଆନ୍ତର୍ଜାତୀୟ ବଡ଼ି ଲିଫ୍ଟିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିୟମ ପ୍ରକାରେ ଗୋଡ଼କୁ ସିଧା କରି ଉଠାଣ (ଷ୍ଟ୍ରେଟ ଲେଗ୍ ରେଇଜ) ଏବଂ ରିଭର୍ସ ପୁଲ ଆପ୍ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅଧିକାର କରିବା



ସହ ସିଲଭର ମେଡାଲ ହାସଲ କରିବା ସହ ପ୍ରମାଣପତ୍ର ଓ ଟ୍ରଫି ହାସଲ କରିଛନ୍ତି । ଶଙ୍କର ନିଜର ପ୍ରତିଭା ପ୍ରଦର୍ଶନ କରି ପୁରସ୍କୃତ ହେବା ସହ ଦିଗପହଣ୍ଡି ସହର ପାଇଁ ଗୌରବ ଆଣିଛନ୍ତି । ଶଙ୍କର ଙ୍କ ପରିବାର ଆର୍ଥିକ ସ୍ୱଚ୍ଛଳ ଭଲ ନଥିଲେ ମଧ୍ୟ ଛୋଟ ବୟସରୁ ଜିମ୍ ଯିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଆର୍ଥିକ ଅନାଟନ ମଧ୍ୟରେ ସହରର ଏକ ଛୋଟିଆ ଜିମ୍ କୁ ଯାଇ ସେଠାରେ ତାଲିମ ନେଇଥିଲେ । ପରେ ସ୍ଥାନୀୟ ଏକ ପେଟ୍ରୋଲ ପମ୍ପ ରେ କାମ କରୁଥିଲେ । ପ୍ରତିଦିନ ସକାଳେ ସନ୍ଧ୍ୟାରେ କଠିନ ବ୍ୟାୟାମ କରି ପରବର୍ତ୍ତୀ ସମୟରେ ସେ ଜଣେ ବଡ଼ି ବିଲ୍ଡର ଭାବେ ଓଡିଶା , ଆନ୍ଧ୍ରପ୍ରଦେଶର ବିଭିନ୍ନ ସହରରେ ଅନୁଷ୍ଠିତ ପ୍ରତିଯୋଗିତା ଗୁଡିକରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିଲେ । ଏପରିକି ସେ ବିଭିନ୍ନ ଜିମ୍ କୁ ଆସୁଥିବା ବହୁ ସଂଖ୍ୟକ ଯୁବକ ଙ୍କୁ ସୁନ୍ଦର ଶରୀର ଗଠନ ନିମନ୍ତେ ତାଲିମ ଦେଇଛନ୍ତି । ବର୍ତ୍ତମାନ ସେ ବ୍ରହ୍ମପୁର ସହରର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଙ୍କ ବଡିଗାର୍ଡ ଭାବେ କାର୍ଯ୍ୟ କରିବା ସହ ଦିଗପହଣ୍ଡି ବସଷ୍ଟାଣ୍ଡ ସ୍ଥିତ ମହାବୀର ଜିମ୍ ର ପ୍ରଶିକ୍ଷକ ଭାବେ ଯୁବତୀ ଯୁବକ ମାନଙ୍କୁ ତାଲିମ ଦେଉଛନ୍ତି । ତାଙ୍କର ଏହି ସଫଳତା ପାଇଁ ଜିମ୍ ମାଲିକ ଜିତେନ୍ଦ୍ର ମେକାପ ଙ୍କ ସମେତ ଦିଗପହଣ୍ଡି ସହରର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

'ଅନ୍ୱେଷା' କର୍ମଚାରୀଙ୍କୁ ଛଟେଇ ନ କରିବାକୁ ନିବେଦନ

# ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ୪୮ କର୍ମଚାରୀ

**ପାରଳାଖେମୁଣ୍ଡି,୩୦ ।୩(ସମିସ):**

ଅନ୍ୱେଷା ଯୋଜନାରେ କାର୍ଯ୍ୟରତ ୪୮ ଜଣ କର୍ମଚାରୀଙ୍କୁ ଛଟେଇ କରାଯାଉଥିବା ଏବଂ ପୁନଃ ସାକ୍ଷାତକାର ଦେବା ପାଇଁ ନିର୍ଦ୍ଦେଶ ପ୍ରତିବାଦରେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି କର୍ମଚାରୀ । ଏନେଇ ଗଜପତି ଜିଲ୍ଲା ପ୍ରଶାସନ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଆଜି ରାତି ୮ ବେଳେ ଭାରତୀୟ ମାନବାଧିକାରୀ ପରିଷଦ ଓଡ଼ିଶା ରାଜ୍ୟ ସଭାପତି ଏଲ.କେ. ପାଢୀଙ୍କ ଆହ୍ୱାନ କ୍ରମେ ଗଜପତି ଜିଲ୍ଲାରେ ଅନ୍ୱେଷା ଯୋଜନା ଅଧୀନରେ ୪୮ ଜଣ କର୍ମଚାରୀ (ଟ୍ୟୁଟର୍ସ, ମାଟ୍ରନ, ସିସିଏ, ଏଲସିସିଏ) ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସେମାନେ ଜଣାଇଛନ୍ତି ଯେ ହଠାତ୍ ନିଯୁକ୍ତି ମୁକ୍ତ କରିବା ଏବଂ ପୁନଃ ସାକ୍ଷାତକାର ପାଇଁ କହିବା ଅନ୍ୟାୟ । ୨୦୨୫-୨୦୩୦ ପାଇଁ ଯୋଜନାର ସମ୍ପ୍ରସାରଣ ସତ୍ତ୍ୱେ ପ୍ରାୟ ୧୦ ବର୍ଷ ଧରି ନିରପେକ୍ଷ ସେବା ସହିତ ଦୀର୍ଘକାଳୀନ ସେବା ପ୍ରଦାନ କରୁଥିବା କର୍ମଚାରୀଙ୍କୁ ସ୍ୱଳ୍ପମିଆଦି ବିଜ୍ଞପ୍ତି ପ୍ରଦାନ କରାଯାଇ ନିଯୁକ୍ତିମୁକ୍ତ କରିବା ପାଇଁ ପ୍ରୟାସ କରାଯାଇଛି । ଏହା ସହ ସମାନ ପଦ ପାଇଁ ନୂତନ ସାକ୍ଷାତକାର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ଅବିଚାର ପଦକ୍ଷେପ । ୪୮ ଜଣ ଛଟେଇ ହେବାକୁ ଯାଉଥିବା କର୍ମଚାରୀ ପୂର୍ବରୁ ଆନୁଷ୍ଠାନିକ ଚୟନ ପ୍ରକ୍ରିୟା ଦେଇସାରିଛନ୍ତି ଏବଂ ସନ୍ତୋଷଜନକ ଭାବରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରୁଛନ୍ତି । ଏପରି ସେମାନେ ଦୀର୍ଘ ୧୦ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି । ହେଲେ ଏବେ ସେମାନଙ୍କୁ ପୁନଃ ସାକ୍ଷାତକାର କରିବା ଏବଂ ଏଥିରେ କୃତକାର୍ଯ୍ୟ ନହେଲେ ଚାକିରୀରୁ ଛଟେଇ ହେବା ସେମାନଙ୍କୁ ଚିନ୍ତିତ କରିଛି । ପ୍ରଭାବିତ ହେବାକୁ ଥିବା କର୍ମଚାରୀଙ୍କ ମଧ୍ୟରେ ବହୁ ସଂଖ୍ୟକ ମହିଳା କର୍ମଚାରୀ ଅଛନ୍ତି । ଯେଉଁମାନେ ସମ୍ପୂର୍ଣ୍ଣ ଭାବରେ ଏହି କାର୍ଯ୍ୟ ଉପରେ ସେମାନଙ୍କର ଜୀବିକାର ଏକମାତ୍ର ଉତ୍ସ ଭାବରେ ନିର୍ଭରଶୀଳ । ଏହାକୁ ଦୃଷ୍ଟିରେ ରଖି ନ୍ୟାୟର ନୀତି ପାଳନ, ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ଏବଂ ଯଥାର୍ଥତା ରହିବା, ଜୀବିକା ଏବଂ ସାମାଜିକ ସମାନତାର ସୁରକ୍ଷା, ଛାତ୍ରଙ୍କ ପାଇଁ ଶିକ୍ଷାଗତ ସହାୟତାର ନିରନ୍ତରତା, ନିଯୁକ୍ତିର ଆଇନଗତ ଏବଂ ନିରପେକ୍ଷତା ପରୀକ୍ଷା କରିବା, ନିର୍ଣ୍ଣୟ ଗ୍ରହଣରେ ସ୍ୱଚ୍ଛତା ଏବଂ ସମାନୁପାତିକତା ସୁନିଶ୍ଚିତ କରିବା, ପ୍ରଭାବିତ କର୍ମଚାରୀଙ୍କ ଜୀବିକା ଏବଂ ମର୍ଯ୍ୟାଦାକୁ ସୁରକ୍ଷିତ କରିବା, ନ୍ୟାୟ ଏବଂ ପ୍ରଶାସନିକ ଅଖଣ୍ଡତା ସ୍ୱାର୍ଥରେ ଏକ ନିରପେକ୍ଷ ଏବଂ ଯୁକ୍ତିଯୁକ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୪.୮୨ ● ପାଉଣ୍ଡ ୧୨୫.୫୮
- ୟୁରୋ ୧୦୮.୬୩ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୬,୦୦୦ (ନୂଆଦିଲ୍ଲୀ)
- ରୁପା : ୨,୪୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୧,୯୪୭.୦୦
- ନିଫ୍ଟି ୨୨,୩୩୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଇରାନ୍ ଯୁଦ୍ଧ ବଢ଼ାଇଲା ଇଣ୍ଟରନେଟ୍ ସଙ୍କଟ

ନୂଆଦିଲ୍ଲୀ,୩୦।୩(ଏଜେନ୍ସି)

ମଧ୍ୟପ୍ରାଚ୍ୟରେ ଜାରି ଯୁଦ୍ଧ ଏବେ ଅଧିକ ବିପଦପୂର୍ଣ୍ଣ ହେବାରେ ଲାଗିଛି। ଏହି ଯୁଦ୍ଧ ଥମିବା ବଦଳରେ ଦିନକୁ ଦିନ ଘନେଇବାରେ ଲାଗିଛି। ଯୁଦ୍ଧ ଯୋଗୁ ଦୁନିଆରେ ଦେଖାଦେଇଛି ଶକ୍ତି ସଙ୍କଟ। ଭାରତରେ ଏଲପିଜିକୁ ନେଇ ବଡ଼ ସମସ୍ୟା ଦେଖାଦେଇଛି। ଏହି ଉତ୍ତେଜନା ମଧ୍ୟରେ ଗୋଟିଏ ସଙ୍କଟରୁ ମୁକୁଳିବା ପୂର୍ବରୁ ଭାରତ ଆଗରେ ଆଉ ଏକ ବଡ଼ ସମସ୍ୟା ଉଭା ହେଲାଣି। ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳରେ କିଛିଟା ଆଶ୍ୱସ୍ତି ମିଳିଛି।

- ଫାଇବର କେବୁଲ କାଟି ଦେବାକୁ ହୁତିର ଧମକ
- ପ୍ରଭାବିତ ହୋଇପାରେ ଭାରତ



ତଥାପି, ଏହା ସତ୍ତ୍ୱେ ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଏବଂ ଯୁଦ୍ଧ ଯୋଗୁଁ ବିମାନ ଚଳାଚଳ ପ୍ରଭାବିତ ହେଉଛି। ବର୍ତ୍ତମାନ, ଇଣ୍ଟରନେଟ୍ ସଂଯୋଗ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି, ଯାହା ଏବେ ବିଶ୍ୱରେ ବଡ଼ ସଙ୍କଟ ସୃଷ୍ଟି କରିବାକୁ ଯାଉଛି। ଯଦି ଏହା ହୁଏ ତେବେ ସାରା ବିଶ୍ୱ ଏଥିରେ ଦୋହଲିଯିବ। ଲୋହିତ ସାଗରରେ ବଢ଼ୁଥିବା ବିପଦ ଇଣ୍ଟରନେଟ୍ ସେବାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିପାରେ। ବାସ୍ତବରେ ଇରାନ, ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ ୟେମେନ୍‌ର ହୁଥି ବିଦ୍ରୋହୀମାନେ ମଧ୍ୟ ସକ୍ରିୟ ହୋଇଛନ୍ତି। ହୁଥି ବିଦ୍ରୋହୀମାନେ ବର୍ତ୍ତମାନ ସମୁଦ୍ର ଦେଇ ଯାଇଥିବା କେବୁଲ କାଟିବାକୁ ଧମକ ଦେଇଛନ୍ତି। ତେଣୁ ଏହି ଚିନ୍ତା ଲୋହିତ ସାଗର ଦେଇ ଯାଇଥିବା ଇଣ୍ଟରନେଟ କେବୁଲ ପାଇଁ। କାରଣ ଯୁଦ୍ଧ ଯୋଗୁ ସମୁଦ୍ର ତଳେ ଯାଇଥିବା ଏହି ଇଣ୍ଟରନେଟ ଫାଇବର କେବୁଲକୁ କାଟି ବଡ଼ ବ୍ୟାଘାତ ସୃଷ୍ଟି କରିପାରେ ଇରାନ୍। ଏମିତି ହେଲେ ଅନେକ ଦେଶରେ ଇଣ୍ଟରନେଟ ସେବା ଗୁରୁତର ଭାବେ ପ୍ରଭାବିତ ହେବ। ଅବଶ୍ୟ ଇରାନ ଏନେଇ ଆନୁଷ୍ଠାନିକ ଭାବରେ ଘୋଷଣା କରିନାହିଁ। ଏଥିରେ ଭାରତ ବହୁମାତ୍ରାରେ ପ୍ରଭାବିତ ହୋଇପାରେ।

ହୁତି ବିଦ୍ରୋହୀମାନେ ସୋସିଆଲ ମିଡିଆରେ ଲାଲ ସାଗର ତଳେ ବିଛାଯାଇଥିବା ଫାଇବର ଅପ୍ଟିକ୍ କେବୁଲଗୁଡ଼ିକୁ ଟାର୍ଗେଟ କରିବାକୁ ଧମକ ଦେଉଛନ୍ତି। ଇରାନ ଦ୍ୱାରା ଏପରି କୌଣସି ସରକାରୀ ଚେତାବନୀ ଜାରି କରାଯାଇ ନ ଥିଲେ ମଧ୍ୟ ପରିସ୍ଥିତି ଚିନ୍ତାର କାରଣ ହୋଇଛି। 'ଏକ୍ସ' ଆକାଉଣ୍ଟରେ ଆମେରିକା, ଇସ୍ରାଏଲ ଏବଂ ଇରାନ ଯୁଦ୍ଧ ଯୋଗୁ ଇଣ୍ଟରନେଟ୍ ସେବା ବ୍ୟାଘାତ ହେବା ନେଇ ଚେତାବନୀ ଦିଆଯାଇଛି। କାରଣ ନିକଟରେ ଯୁଦ୍ଧରେ ଏଣ୍ଟ୍ରି କରିଛି ହୁତି। ଇରାନ ସମର୍ଥିତ ଏହି ଗୋଷ୍ଠୀ ଲୋହିତ ସାଗରରେ ଯାଇଥିବା ଇଣ୍ଟରନେଟ୍ କେବୁଲକୁ ନଷ୍ଟ କରିବାକୁ ଅନେକ ଥର ଧମକ ମଧ୍ୟ ଦେଇସାରିଲାଣି। ତେଣୁ ଭବିଷ୍ୟତରେ ଇଣ୍ଟରନେଟ ଯେ, ବ୍ୟାଘାତ ନ ହେବ ଏହି ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଲୋହିତ ସାଗର ଦେଇ ଯାଉଥିବା ଏହି କେବୁଲଗୁଡ଼ିକୁ ବିଶ୍ୱ ଇଣ୍ଟରନେଟ୍ ନେଟୱାର୍କର ମେରୁଦଣ୍ଡ ବୋଲି ବିବେଚନା କରାଯାଏ। ବିଶ୍ୱର ପ୍ରାୟ ୯୫% ଆନ୍ତର୍ଜାତୀୟ ତଥ୍ୟ ଏହି କେବୁଲଗୁଡ଼ିକ ମାଧ୍ୟମରେ ସ୍ଥାନାନ୍ତରିତ ହୁଏ। ଏଥିରେ କ୍ଲାଉଡ୍ ସେବା, ଭିଡିଓ କଲ୍, ଇ-ମେଲ୍, ଡିଜିଟାଲ୍ ପେମେଣ୍ଟ ଏବଂ ଏଆଇ ସମ୍ବନ୍ଧୀୟ ସେବା ଅନ୍ତର୍ଭୁକ୍ତ। ଯଦି କେବୁଲ୍ କାଟି ଦିଆଯାଏ, ତେବେ ଏହା ସମଗ୍ର ବିଶ୍ୱକୁ ପ୍ରଭାବିତ କରିବ। ଆଜି ଇଣ୍ଟରନେଟ୍ ବିନା କାମ କରିବା ଅସମ୍ଭବ। ଏହି କେବୁଲ୍‌ଗୁଡ଼ିକ ପ୍ରଥମ ଥର ପାଇଁ ବିପଦରେ ପଡ଼ିନାହିଁ। ୨୦୨୫ ସେପ୍ଟେମ୍ବରରେ ଅନେକ ସମୁଦ୍ର ତଳ କେବୁଲ୍ କ୍ଷତିଗ୍ରସ୍ତ ହୋଇଥିଲା, ଯାହା ଦକ୍ଷିଣ ଏସିଆ ଏବଂ ପଶ୍ଚିମ ଏସିଆର ଅନେକ ଦେଶରେ ଇଣ୍ଟରନେଟ୍ ସଂଯୋଗକୁ ପ୍ରଭାବିତ କରିଥିଲା। ସେହି ସମୟରେ, ଆନ୍ତର୍ଜାତୀୟ କେବୁଲ୍ ସୁରକ୍ଷା କମିଟି ରିପୋର୍ଟ କରିଥିଲା ଯେ ୪ଟି ପ୍ରମୁଖ କେବୁଲ୍ କ୍ଷତିଗ୍ରସ୍ତ ହୋଇଛି। ସେଗୁଡିକ ହେଉଛି, ୟୁରୋପ ଇଣ୍ଡିଆ ଗେଟୱେ, ଦକ୍ଷିଣପୂର୍ବ ଏସିଆ-ମଧ୍ୟପ୍ରାଚ୍ୟ-ପଶ୍ଚିମ ୟୁରୋପ, ଭାରତ-ମଧ୍ୟପ୍ରାଚ୍ୟ-ପଶ୍ଚିମ ୟୁରୋପ, ଏବଂ ଫାଲକନ୍ ଜିସିଏମଏକ୍ସ।

ବର୍ତ୍ତମାନର ପରିସ୍ଥିତିରେ ଯଦି ଲୋହିତ ସାଗରରେ ଏକ ବଡ଼ କ୍ଷତି ହୁଏ, ତେବେ ଭାରତ ଏଥିରୁ ଅଛୁଆଁ ରହିବ ନାହିଁ। ଭାରତରେ ମୁମ୍ବାଇ, ଚେନ୍ନାଇ, କୋଚି, ଟୁଟିକୋରିନ୍ ଏବଂ ତିରୁବନନ୍ତପୁରମ୍ ଭଳି ସହରରେ ୧୪ଟି ଲ୍ୟାଣ୍ଡିଂ ଷ୍ଟେସନ ସହିତ ସଂଯୋଗ ହୋଇଥିବା ପ୍ରାୟ ୧୭ଟି ଆନ୍ତର୍ଜାତୀୟ କେବୁଲ୍ ରହିଛି। ଏହି କେବୁଲ୍ ଦେଶର ଇଣ୍ଟରନେଟ୍ ଏବଂ ଡିଜିଟାଲ୍ ସେବାକୁ ଶକ୍ତି ପ୍ରଦାନ କରେ। ଏହି ସମୁଦ୍ର ତଳ କେବୁଲଗୁଡ଼ିକର ଗୁରୁତର କ୍ଷତି ଭାରତରେ ଇଣ୍ଟରନେଟ୍ ଗତିକୁ ମନ୍ଥର କରିବା ସହ ଡିଜିଟାଲ୍ ପେମେଣ୍ଟ ଏବଂ ଅନଲାଇନ୍ ସେବାକୁ ବାଧା ଦେଇପାରେ। ଏଥିରେ ବ୍ୟାପକ ନେଟୱାର୍କ ବିଭ୍ରାଟ ସୃଷ୍ଟି ହୋଇପାରେ। ଲୋହିତ ସାଗରରେ ବଢ଼ୁଥିବା ଉତ୍ତେଜନା କେବଳ ଏକ ଆଞ୍ଚଳିକ ସଙ୍କଟ ନୁହେଁ, ବରଂ ବିଶ୍ୱ ଡିଜିଟାଲ୍ ଭିତ୍ତିଭୂମି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରୁଛି, ଯାହା ଭାରତ ଏବଂ ସମଗ୍ର ବିଶ୍ୱକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି।

- ଯୁଦ୍ଧରେ ବଢ଼ୁଛି ଉତ୍ପାଦନ ଖର୍ଚ୍ଚ

## ମହଙ୍ଗା ହେଲାଣି ସ୍ମାର୍ଟଫୋନ୍ ଓ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ



ନୂଆଦିଲ୍ଲୀ,୩୦।୩(ଏଜେନ୍ସି): ଯଦି ଆପଣ ଆଗାମୀ ଦିନରେ ସ୍ମାର୍ଟଫୋନ୍ କିମ୍ବା ଅନ୍ୟ କୌଣସି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଯେପରିକି ଟିଭି କିମ୍ବା ଏସି କିଣିବା ବିଷୟରେ ଚିନ୍ତା କରୁଛନ୍ତି। ତେବେ ଆପଣ ଆଉ କିଣିବାରେ ବିଳମ୍ବ କରିବା ଉଚିତ୍ ନୁହେଁ। ପ୍ରକୃତରେ, ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ମୂଲ୍ୟ ଖୁବ୍ ଶୀଘ୍ର ବୃଦ୍ଧି ପାଇବାର ଆଶା କରାଯାଉଛି। କମ୍ପାନୀଗୁଡ଼ିକ ଖୁବ୍ ଶୀଘ୍ର ସେମାନଙ୍କ ଉତ୍ପାଦର ମୂଲ୍ୟ ବୃଦ୍ଧି କରିବେ। କମ୍ପାନୀଗୁଡ଼ିକ କହିଛନ୍ତି ଯେ ବର୍ଦ୍ଧିତ ମୂଲ୍ୟ ଏବଂ ଦୁର୍ବଳ ଟଙ୍କାର ମୂଲ୍ୟ ସେମାନଙ୍କୁ ମୂଲ୍ୟ ବୃଦ୍ଧି କରିବାକୁ ବାଧ୍ୟ କରିଛି। ପ୍ରବେଶ-ସ୍ତରୀୟ ସ୍ମାର୍ଟଫୋନ୍ ଏବଂ ଟିଭିର ମୂଲ୍ୟ ଏବେ ୬-୮ ବର୍ଷ ପୂର୍ବେ ଦେଖାଯାଇଥିବା ସ୍ତରକୁ ପହଞ୍ଚିବାରେ ଲାଗିଛି। ୫ଜି ସ୍ମାର୍ଟଫୋନ୍, ଯାହା ୧୦ ହଜାର ଟଙ୍କାରୁ କମ୍ ମୂଲ୍ୟରେ ଉପଲବ୍ଧ ଥିଲା, ଏବେ ୧୩,୦୦୦-୧୪,୦୦୦ ମୂଲ୍ୟରେ ଉପଲବ୍ଧ। ଆଗାମୀ କିଛି ମାସ ମଧ୍ୟରେ, ସେଗୁଡ଼ିକ ୧୭,୦୦୦-୧୮,୦୦୦ ଟଙ୍କା ମୂଲ୍ୟରେ ପହଞ୍ଚିପାରେ। ବ୍ରାଣ୍ଡ କହିଛି ଯେ, ମୂଲ୍ୟ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିପାରେ। ସେହିପରି, ଏକ ୩୨-ଇଞ୍ଚ ସ୍ମାର୍ଟ ଟିଭି, ଯାହାର ମୂଲ୍ୟ ୬୫୦୦ ଟଙ୍କା ଥିଲା, ତାହା ଏବେ ୮୫୦ ଟଙ୍କା ରହିଛି। ମେ' ମାସ ସୁଦ୍ଧା ଏହାର ମୂଲ୍ୟ ୧୦,୦୦୦ ଟଙ୍କାରେ ପହଞ୍ଚିପାରେ। ଏହା ବ୍ୟତୀତ, ଆଗାମୀ ଦିନରେ ଘରୋଇ ଉପକରଣ ମଧ୍ୟ ମହଙ୍ଗା ହୋଇଯିବ। ୧.୫ ଟନ୍, ୩-ଷ୍ଟାର ଏସି ଏବେ ୩୭,୦୦୦ ଟଙ୍କାରୁ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ହୋଇପାରେ। ଏହା ସହିତ, ରେଫ୍ରିଜରେଟର ଏବଂ ୱାସିଂ ମେସିନର ମଧ୍ୟ ମୂଲ୍ୟ ବୃଦ୍ଧି ପାଇପାରେ। ଯଦିଓ ଟେକ୍ନୋଲୋଜି ଉତ୍ପାଦର ମୂଲ୍ୟ ସାଧାରଣତଃ ସମୟ ସହିତ ହ୍ରାସ ପାଉଛି, ଏଥର ପରିସ୍ଥିତି ଭିନ୍ନ। ଏହା ପଛରେ ଅନେକ କାରଣ ଅଛି। ମୁଖ୍ୟ କାରଣ ହେଉଛି ମେମୋରୀ ଚିପ୍ ମୂଲ୍ୟରେ ନିରନ୍ତର ବୃଦ୍ଧି। ଏହା ବ୍ୟତୀତ, ଯୁଦ୍ଧ ଭଳି ଅନ୍ତର୍ଜାତୀୟ ପରିସ୍ଥିତି ମୂଲ୍ୟ ବୃଦ୍ଧି କରିଛି। ଭାରତୀୟ ଟଙ୍କାର ଦୁର୍ବଳତା ମଧ୍ୟ ଏକ କାରଣ।

## କ୍ୟାନନ୍ ଇଣ୍ଡିଆର ନୂଆ ମାଇଲଷ୍ଟୋନ୍

ଭୁବନେଶ୍ୱର,୩୦।୩(ଏଜେନ୍ସି): ଡିଜିଟାଲ୍ ଇମେଜିଂ ସମାଧାନ କ୍ଷେତ୍ରରେ ଅଗ୍ରଣୀ କ୍ୟାନନ ଇଣ୍ଡିଆ ଲଗାତାର ୧୦ମ ବର୍ଷ ପାଇଁ ରଙ୍ଗ, ମନୋ ଏବଂ ସାମଗ୍ରିକ ଲେଜର୍ କପିଅର୍ ଆଧାରିତ ଏମଏଫପି ସେଗମେଣ୍ଟରେ ଏହାର ପ୍ରଥମ ସ୍ଥାନକୁ ସଫଳତାର ସହିତ ବଜାୟ ରଖିଛି। ଏହା ଆଇଡିସି ୱାର୍ଲ୍ଡୱାଇଡ୍ ତ୍ରୈମାସିକ ହାର୍ଡକପି ପେରିଫେରାଲ୍ସ ଟ୍ରାକର୍ ଦ୍ୱାରା ପ୍ରକାଶିତ ତ୍ରୈମାସିକ ୨୦୨୫ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଜଣାପଡ଼ିଛି। ଏହି ମାଇଲଖୁଂଟ ନୂତନତ୍ୱର ଏକ ଐତିହ୍ୟ ମାଧ୍ୟମରେ ଉନ୍ନତ ଗ୍ରାହକ ଅଭିଜ୍ଞତା ପ୍ରଦାନ କରିବା ପାଇଁ କ୍ୟାନନର ଅଟଳ ପ୍ରତିବଦ୍ଧତାକୁ ପୁନରାବୃତି କରୁଛି। ଆଇଡିସି ରିପୋର୍ଟ ଅନୁଯାୟୀ, କ୍ୟାନନ୍ ଇଣ୍ଡିଆ ସମସ୍ତ ଉଲ୍ଲେଖିତ କ୍ଷେତ୍ରଗୁଡ଼ିକରେ ନିଜକୁ ନମ୍ବର ୧ ଭାବରେ ପ୍ରତିଷ୍ଠିତ କରିଛି, ୨୦୨୫ ରେ ୩୧.୯% ବଜାର ଅଂଶ ହାସଲ କରିଛି। ଏହି ସଫଳତା ସମ୍ପର୍କରେ କ୍ୟାନନ ଇଣ୍ଡିଆର ସଭାପତି ଏବଂ ସିଇଓ ତୋସିଆକି ନୋମୁରା କହିଛନ୍ତିଯେ, ଏହା କ୍ୟାନନ୍ ଇଣ୍ଡିଆରେ ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ; ଲଗାତାର ୧୦ ବର୍ଷ ଧରି ଭାରତର ଲେଜର କପିଅର୍ ସେଗମେଣ୍ଟରେ ନମ୍ବର ୧ ବ୍ରାଣ୍ଡ ଭାବରେ ମାନ୍ୟତା ପାଇବା ନବସୃଜନ, ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଗ୍ରାହକ-ପ୍ରଥମ ପଦକ୍ଷେପରେ ଆମର ନିରନ୍ତର ନିବେଶକୁ ପ୍ରତିଫଳିତ କରୁଛି।

## ହର୍ମୁଜ୍ ପ୍ରଣାଳୀ ବନ୍ଦ; ଏସିଆ ସବୁଠୁ ଅଧିକ ପ୍ରଭାବିତ

ନୂଆଦିଲ୍ଲୀ,୩୦।୩(ଏଜେନ୍ସି): ପଶ୍ଚିମ ଏସିଆରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ଇରାନ, ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ସଂଘର୍ଷ ଯୋଗୁଁ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ପ୍ରଣାଳୀ ବନ୍ଦ ହୋଇଯାଇଛି, ଯାହା ବିଶ୍ୱ ତୈଳ ଯୋଗାଣକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ଏହି ମାର୍ଗ ବନ୍ଦ ହେବା ଦ୍ୱାରା ପଶ୍ଚିମ ଏସିଆରୁ ବିଶ୍ୱର ଅନ୍ୟ ଦେଶକୁ ତୈଳ ଯୋଗାଣ ପ୍ରାୟତଃ ବନ୍ଦ ହୋଇଯାଇଛି ଏବଂ ଅନେକ ଦେଶର ତୈଳ ଭଣ୍ଡାର ହ୍ରାସ ପାଇବାର ପ୍ରଭାବ ଅନୁଭବ କରୁଛନ୍ତି।



ଜେପି ମୋର୍ଗାନ୍‌ର ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଏହି ସଙ୍କଟ ପ୍ରଥମେ ଏସିଆକୁ ପ୍ରଭାବିତ କରୁଛି ଏବଂ ଧୀରେ ଧୀରେ ଆମେରିକା ଏବଂ ୟୁରୋପରେ ପହଞ୍ଚିବ। ରିପୋର୍ଟରେ କୁହାଯାଇଛି ଯେ ପାରସ୍ୟ ଉପସାଗରରୁ ତେଲ ସାଧାରଣତଃ ୧୦ ରୁ ୨୦ ଦିନ ମଧ୍ୟରେ ଏସିଆ, ୟୁରୋପ ଏବଂ ଆଫ୍ରିକା ୨୦ ରୁ ୩୫ ଦିନ ମଧ୍ୟରେ ଏବଂ ଆମେରିକା ୩୫ ରୁ ୪୫ ଦିନ ମଧ୍ୟରେ ପହଞ୍ଚିଥାଏ। ତଥାପି, ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ଯୋଗୁଁ ଏହି ଢାଞ୍ଚା ବାଧାପ୍ରାପ୍ତ ହୋଇଛି। ରିପୋର୍ଟ ଅନୁଯାୟୀ, ଶେଷ ତେଲ ଟ୍ୟାଙ୍କର ଫେବୃଆରୀ ୨୮ରେ ହର୍ମୁଜ୍ ପ୍ରଣାଳୀ ଛାଡିଥିଲା ଏବଂ ଯୁଦ୍ଧ ପୂର୍ବର ଅଧିକାଂଶ ରପ୍ତାନୀ ଏବେ ଶେଷ ହୋଇଯାଇଛି। ଏହା ଏସିଆ ବଜାରରେ ପ୍ରଥମେ ଚାପ ବୃବଢ଼ାଇଛି, ଯେଉଁଠାରେ ପ୍ରକୃତ ଅଭାବ ଏବେ ତେଲ ମୂଲ୍ୟ ଅପେକ୍ଷା ଏକ ବଡ଼ ଆହ୍ୱାନ। ମଧ୍ୟ ବଚ୍ୟ ସଙ୍କଟରେ ଦକ୍ଷିଣ-ପୂର୍ବ ଏସିଆ ସବୁଠାରୁ ଅଧିକ ପ୍ରଭାବିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ, ଯେଉଁଠାରେ ତେଲ ରପ୍ତାନି ମାସିକ ୪୧% ହ୍ରାସ ପାଇଛି। ଆଫ୍ରିକାରେ ଏହାର ପ୍ରଭାବ ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଏପ୍ରିଲ ଆରମ୍ଭ ସୁଦ୍ଧା ଅନେକ ଦେଶରେ ପରିସ୍ଥିତି ଆହୁରି ଖରାପ ହୋଇପାରେ। ପ୍ରାରମ୍ଭିକ ସଙ୍କେତ ଦେଖାଯାଉଛି ଯେ, କେନିଆରେ ଖୁଚୁରା ଇନ୍ଧନ ଅଭାବ ଦେଖାଦେଇଛି। ୟୁରୋପ ଉପରେ ଯୁଦ୍ଧର ପ୍ରଭାବ ଏପ୍ରିଲ ମଧ୍ୟଭାଗ ସୁଦ୍ଧା ଅନୁଭୂତ ହେବାର ସମ୍ଭାବନା ଅଛି, ଯଦିଓ ଶକ୍ତିଶାଳୀ ତୈଳ ଭଣ୍ଡାର ଏବଂ ବିକଳ୍ପ ଯୋଗାଣ ଉତ୍ସ ତୁରନ୍ତ ସଙ୍କଟକୁ କିଛି ପରିମାଣରେ ନିୟନ୍ତ୍ରଣ କରିପାରେ। ତେବେ ଯୁକ୍ତରାଷ୍ଟ୍ର ଆମେରିକା ଉପରେ ଏହାର ପ୍ରଭାବ ସବୁଠାରୁ ଶେଷରେ ଅନୁଭୂତ ହେବ ବୋଲି କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଉଚ୍ଚ ଘରୋଇ ଉତ୍ପାଦନ ଯୋଗୁଁ ଆମେରିକା ତୁରନ୍ତ ଭୌତିକ ଅଭାବର ସମ୍ମୁଖୀନ ହେବ ନାହିଁ, କିନ୍ତୁ ଉଚ୍ଚ ମୂଲ୍ୟ ଆମେରିକା ଉପରେ ଚାପ ପକାଇବ। ଏଥିରେ ଯୋଗାଣ ଜନିତ ଚ୍ୟାଲେଞ୍ଜ ଦେଖାଦେଇପାରେ। ଏହା ବିଶେଷକରି କାଲିଫର୍ନିଆ ଭଳି ଅଞ୍ଚଳରେ ଦେଖିବାକୁ ମିଳିପାରେ।

### ଟ୍ରମ୍ପଙ୍କ ଧମକ; ଇରାନ୍‌ରୁ ଜବରଦସ୍ତ ତେଲ ନେବୁ

ୱାଶିଂଟନ୍, ୩୦।୩(ଏଜେନ୍ସି): ଆଜି ମଧ୍ୟପ୍ରାଚ୍ୟ ଯୁଦ୍ଧ ୩୧ ତମ ଦିନରେ ପହଞ୍ଚିଛି। ଅନେକ ବଜାର ବିଶେଷଜ୍ଞ ଆଶଙ୍କା ପ୍ରକାଶ କରିଛନ୍ତି ଯେ ଯୁଦ୍ଧ ଦୀର୍ଘ ସମୟ ଧରି ଚାଲିପାରେ। ଏକ ସାକ୍ଷାତକାରରେ ଆମେରିକାର କମାଣ୍ଡର-ଇନ୍-ଚିଫ୍ କହିଛନ୍ତି ଯେ ଯଦି ତେହେରାନ ଆମର ସର୍ତ୍ତ ପାଳନ ନ କରେ, ତେବେ ଆମେରିକା ଏହାର ପ୍ରମୁଖ ତୈଳ ରପ୍ତାନି କେନ୍ଦ୍ରକୁ ଦଖଲ କରିବ। ଠିକ୍ ଏହି ସମୟରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆମେ ଇରାନ୍‌ଠାରୁ ଜବରଦସ୍ତ ତେଲ ଛଡ଼ାଇନେବୁ। ଆହୁରିମଧ୍ୟ ସେ କହିଛନ୍ତି ଯେ, ସେ ଇରାନରୁ ତେଲ କିଣିବାକୁ ପସନ୍ଦ କରିବେ, କିନ୍ତୁ ଆମେରିକାର କିଛି ଲୋକ ତାଙ୍କୁ ଏହା କରିବାରୁ ବାଧା ଦେଉଛନ୍ତି।

## ନିବେଶକଙ୍କୁ ଘାଇଲା କଲା ସେୟାର ବଜାର

ମୁମ୍ବଇ, ୩୦।୩(ଏଜେନ୍ସି): ମଧ୍ୟ ପ୍ରାଚ୍ୟ ଅସ୍ଥିରତାରେ ଧରାଶାୟୀ ହେବାରେ ଲାଗିଛି ଭାରତୀ ସେୟାର ବଜାର। ମାର୍ଚ୍ଚ ମାସ ଭାରତୀୟ ଷ୍ଟକ୍ ବଜାର ପାଇଁ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରମାଣିତ ହୋଇଛି। ସୋମବାର କାରବାର ଶେଷ ବେଳକୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୧୬୩୫.୬୭ ପଏଣ୍ଟ କିମ୍ବା ୨.୨୨% ହ୍ରାସ ଘଟି ୭୧,୯୪୭ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍‌ଟିରେ ୪୮୮.୨୦

- ଦିନକରେ ସେନ୍‌ସେକ୍ସ ୧୬୦୦ ପଏଣ୍ଟ ଖସିଲା
- ୬ ମାସରେ ସବୁଠୁ ବୃହତ୍ ମାସିକ ହ୍ରାସ




ପଏଣ୍ଟ ବା ୨.୧୪% ହ୍ରାସ ଘଟି ୨୨,୩୩୧.୪୦ ପଏଣ୍ଟରେ କାରବାର ଶେଷ ହୋଇଛି। ଯାହାଫଳରେ ସେନ୍‌ସେକ୍ସ ଏବଂ ନିଫ୍‌ଟି ୨୦୨୦ ମାର୍ଚ୍ଚ ପରଠାରୁ ୬ ବର୍ଷ ମଧ୍ୟରେ ସବୁଠାରୁ ବଡ଼ ମାସିକ ହ୍ରାସ ଦେଖିଛି। ଯାହାଫଳରେ ଗତ ୬ ବର୍ଷ ମଧ୍ୟରେ ପୁଞ୍ଜି ବଜାର ପାଇଁ ମାର୍ଚ୍ଚ ସବୁଠାରୁ ଖରାପ ମାସ ପ୍ରମାଣିତ ହୋଇଛି। ଏହି ସମୟ ମଧ୍ୟରେ ନିଫ୍‌ଟିରେ-୫ରେ ୧୧.୩% ହ୍ରାସ ପାଇଛି। ମାସ ମଧ୍ୟରେ ବ୍ୟାଙ୍କ ନିଫ୍‌ଟି ସୂଚକାଙ୍କ ୧୬.୯୪% ହ୍ରାସ ପାଇଛି। ସମ୍ପୂର୍ଣ୍ଣ ତ୍ରୈମାସିକ ପାଇଁ ପରିସ୍ଥିତି ଭଲ ନ ଥିଲା। ମାର୍ଚ୍ଚ ତ୍ରୈମାସିକରେ ନିଫ୍‌ଟି ୧୪.୫୪% ଏବଂ ବ୍ୟାଙ୍କ ନିଫ୍ଟି ୧୫.୬୨% ହ୍ରାସ ପାଇଛି, ଯାହା କୋଭିଡ-୧୯ ମହାମାରୀ ପରେ ସବୁଠାରୁ ଖରାପ ପ୍ରଦର୍ଶନ। ଏହି ସମୟରେ ବଜାରରେ ନିବେଶକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ଯଥେଷ୍ଟ ବୃଦ୍ଧି ପାଇଛି। ସେୟାର ବଜାରରେ ଆଜିର ଏହି ବଡ଼ ହ୍ରାସ ପଛରେ ଅନେକ ପ୍ରମୁଖ କାରଣଥରହିଛି। ମଧ୍ୟପ୍ରାଚ୍ୟରେ ଜାରି ଭୂ-ରାଜନୈତିକ ଉତ୍ତେଜନା ନିବେଶକଙ୍କ ଚିନ୍ତା ବଢ଼ାଇଛି। ଏହାସହିତ ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଏବଂ ବିଦେଶୀ ନିବେଶକ (ଏଫ୍‌ଆଇଆଇ)ଙ୍କ ଦ୍ୱାରା ବିକ୍ରି ବଜାର ଉପରେ ଚାପ ପକାଇଥିଲା। ସେୟାର ବଜାରରେ ଏହି ହ୍ରାସଯୋଗୁ ନିବେଶକମାନେ ଆଜି ୯ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଏହି ସମୟରେ, ଆଜି ପ୍ରଥମ ଥର ପାଇଁ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୫ ଟଙ୍କା ସ୍ତର ଅତିକ୍ରମ କରିଛି। ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଟଙ୍କା ଉପରେ ଚାପ ସୃଷ୍ଟି କରୁଛି, ଯାହା ଫଳରେ ସେୟାର ବଜାରରେ ଏଭଳି ହ୍ରାସ ଘଟିଛି। ସୋମବାର କାରବାରରେ ସେନ୍‌ସେକ୍ସର ୩୦ଟି ଷ୍ଟକ୍ ମଧ୍ୟରୁ ୨୭ଟିରେ ଆଜି ହ୍ରାସ ହୋଇଛି। ବଜାଜ୍ ଫାଇନାନ୍ସରେ ସର୍ବାଧିକ ୪.୯% ହ୍ରାସ ଘଟିଛି। ଅଲଟ୍ରାଟେକ୍ ସିମେଣ୍ଟ ମଧ୍ୟ ୪.୫% ହ୍ରାସ ହୋଇଛି।

## ନୂଆ ଆୟକର ଆଇନ: ଫର୍ମ -୧୬ର ଛୁଟି

ନୂଆଦିଲ୍ଲୀ,୩୦।୩(ଏଜେନ୍ସି): ନୂତନ ଆର୍ଥିକବର୍ଷରୁ ଟିକସ ଏବଂ ଆୟକର ରିଟର୍ଣ୍ଣ (ଆଇଟିଆର୍) ରେ ପ୍ରମୁଖ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। କାର୍ଯ୍ୟକାରୀ ହେବ ନୂଆ ଆୟକର ଆଇନ-୨୦୨୬। ଏହି ନୂଆ ଆଇନରେ ଟିକସ ଗଣନା ଏବଂ ଆଇଟିଆର୍ ଫାଇଲ୍ କରିବା ପାଇଁ ବ୍ୟବହାର କରାଯାଉଥିବା ଫର୍ମ-୧୬ ଏବେ ଆଉ କାମ ଦେବନି। ଏହାର ସ୍ଥାନ ନେବ ନୂତନ ଫର୍ମ-୧୩୦। ସରକାରଙ୍କ କହିବାନୁଯାୟୀ, ଏହା ଟିକସ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଡିଜିଟାଲ୍ ଏବଂ ସରଳ କରିବା ପାଇଁ ଏକ ପ୍ରୟାସ।




### ଫର୍ମ-୧୩୦ କ'ଣ

ଫର୍ମ-୧୩୦ ମୂଳତଃ ଟିଡିଏସ୍ (ଉତ୍ସରୁ ଟିକସ ବାଦ୍) ର ଏକ ବାର୍ଷିକ ପ୍ରମାଣପତ୍ର। ବେତନଭୋଗୀ ବ୍ୟକ୍ତିମାନେ ପୂର୍ବରୁ ଫର୍ମ -୧୬ ପାଉଥିଲେ, କିନ୍ତୁ ସେମାନଙ୍କ ନିଯୁକ୍ତିଦାତାମାନେ ଏବେ ଏହା ବଦଳରେ ସେମାନଙ୍କୁ ଫର୍ମ -୧୩୦ ପ୍ରଦାନ କରିବେ। ପେନ୍‌ସନ୍ କିମ୍ବା ସୁଧରୁ ଆୟ କରୁଥିବା ବରିଷ୍ଠ ନାଗରିକମାନଙ୍କ ପାଇଁ ଏହି ଫର୍ମ ସମ୍ପୃକ୍ତ ବ୍ୟାଙ୍କ ଦ୍ୱାରା ଜାରି କରାଯିବ। ଏହି ଫର୍ମର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଆପଣଙ୍କ ଦରମା କିମ୍ବା ପେନସନରୁ କେତେ ଟିକସ କାଟି ସରକାରଙ୍କ ପାଖରେ ଜମା କରାଯାଇଛି ତାହା ଦେଖାଇବା। ଏଥିରେ ସମ୍ପୂର୍ଣ୍ଣ ଦରମା ବିବରଣୀ, ଛାଡ଼ ଏବଂ ଟିକସ କାଟିବା ମଧ୍ୟ ରହିବ। ଏହା କରଦାତାମାନଙ୍କୁ ସେମାନଙ୍କର ଆୟକର ରିଟର୍ଣ୍ଣ ଫାଇଲ କରିବା ସମୟରେ ସହଜରେ ଟିଡିଏସ୍ କ୍ରେଡିଟ୍ କ୍ଲେମ୍ କରିବାକୁ ଅନୁମତି ଦେବ। ଏହି ଡକ୍ୟୁମେଣ୍ଟ ଟିକସ କାଟିବାର ପ୍ରମାଣ ଏବଂ ସମ୍ପୂର୍ଣ୍ଣ ଟିକସ ବିବରଣୀ ପ୍ରଦାନ କରିବ। କରଦାତାମାନେ ଏବେ ଫାଇଲିଂରେ ଅଧିକ ସ୍ୱଚ୍ଛତା ଅନୁଭବ କରିବେ, ତ୍ରୁଟି ହେବାର ସମ୍ଭାବନା ହ୍ରାସ ପାଇବ।

**କାର୍ଯ୍ୟକାରୀ ହେବ ନୂତନ ଫର୍ମ ୧୩୦**

ପୁରୁଣା ନିୟମ ଅନୁଯାୟୀ, ଫର୍ମ-୧୬ ବେତନଭୋଗୀ ବ୍ୟକ୍ତିମାନଙ୍କ ପାଇଁ ପ୍ରାଥମିକ ଟିଡିଏସ୍ ପ୍ରମାଣପତ୍ର ଥିଲା। ତଥାପି, ଅପଡେଟ୍ ହୋଇଥିବା ଆୟକର ନିୟମ ୨୦୨୬ ଅନୁଯାୟୀ, ଫର୍ମ-୧୩୦ ଏବେ ଏହାକୁ ବଦଳାଇବ। ଏହାର ଅର୍ଥ ହେଉଛି ଆର୍ଥିକବର୍ଷ ୨୦୨୬-୨୭ରୁ, ବେତନଭୋଗୀ କରଦାତାମାନେ ଫର୍ମ-୧୬ ପରିବର୍ତ୍ତେ ଫର୍ମ-୧୩୦ ପାଇବେ। ଏହି ପରିବର୍ତ୍ତନ କେବଳ ନାମ ପରିବର୍ତ୍ତନ ନୁହେଁ। ନୂତନ ଫର୍ମଟି ଅଧିକ ବିସ୍ତୃତ ଏବଂ ସିଷ୍ଟମ-ଆଧାରିତ ହେବ, ଯାହା ନିଯୁକ୍ତିଦାତା ଏବଂ ଟିକସ ବିଭାଗ ମଧ୍ୟରେ ମେଳ ଖାଇବାରେ ଉନ୍ନତି ଆଣିବ।

# ୟୁପିଆଇରେ ଇପିଏଫ୍ ଟଙ୍କା ଉଠାଣ ଏପ୍ରିଲରୁ

ନୂଆଦିଲ୍ଲୀ,୩୦।୩(ଏଜେନ୍ସି)

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଆଣିଛି ଇପିଏଫ୍‌ଓ ୩.୦। ଏପ୍ରିଲ ପହିଲାରୁ ଲାଗୁ ହେବାକୁ ଯାଉଥିବା ଏହି ନୂଆ ସୁବିଧା କର୍ମଚାରୀଙ୍କୁ ଅନେକ ଆଶ୍ୱସ୍ତି ଦେବ। ଚାକିରି ଯିବା ପରେ ସଙ୍ଗେ ସଙ୍ଗେ ଟଙ୍କା ଉଠାଇବା ହେଉ ଅବା ୟୁପିଆଇରେ ଟଙ୍କା ଉଠାଣ, ଅନେକ କିଛି ଏହି ଇପିଏଫଓ ୩.୦ ଦ୍ୱାରା ଏବେ ସହଜ ହୋଇପାରିବ।

ୟୁପିଆଇ ଦ୍ୱାରା ଉଠାଇ ହେବ ପିଏଫ୍ ଟଙ୍କା: ଏପ୍ରିଲ ପହିଲାରୁ କର୍ମଚାରୀମାନେ ଏଣିକି ୟୁପିଆଇ ମାଧ୍ୟମରେ ସେମାନଙ୍କ ଇପିଏଫଓ ଖାତାରୁ ଟଙ୍କା ଉଠାଇପାରିବେ। ବଡ଼ କଥା ହେଲା ଏହି ସୁବିଧା ଲାଗୁ ହେବା ଦ୍ୱାରା ଲୋକଙ୍କୁ ଆଉ ଧାଡ଼ିରେ ଛିଡ଼ା ହୋଇ ଟଙ୍କା ଉଠାଣ ଅନୁରୋଧ ଏବଂ କିମ୍ବା ବ୍ୟାଙ୍କ ପ୍ରୋସେସିଂ ସମୟକୁ ଅପେକ୍ଷା କରିବାକୁ ପଡ଼ିବନି। କାରଣ ୟୁପିଆଇ ଦ୍ୱାରା ସହଜରେ ପିଏଫ୍ ଆକାଉଣ୍ଟରୁ ଟଙ୍କା ବ୍ୟାଙ୍କ୍ ଆକାଉଣ୍ଟକୁ ଆସିଯିବ। ଏହାଦ୍ୱାରା ଇପିଏଫଓରୁ ଟଙ୍କା ଉଠାଣ ଦ୍ରୁତ ଏବଂ ସହଜ ହେବ। ଥରେ ରିକ୍ୱେଷ୍ଟ ଦାଖଲ କରିବା ମାତ୍ରେ ତୁରନ୍ତ ଟଙ୍କା ପାଇଯିବେ। ୟୁପିଆଇରେ ଇପିଏଫଓ ଆକାଉଣ୍ଟରୁ ଟଙ୍କା ଉଠାଇବାକୁ ହେଲେ ପ୍ରଥମେ ଆପଣଙ୍କର ୟୁଏଏନ୍ ସକ୍ରିୟ ହେବା ଉଚିତ। ଏହାଛଡା ଆଧାର କାର୍ଡ ପିଏଫ ଆକାଉଣ୍ଟ ସହ ଲିଙ୍କ୍ ହେବା ସହ ମୋବାଇଲ ନମ୍ବର ମଧ୍ୟ ଆଧାର ଏବଂ ୟୁପିଆଇ ଆପ୍ ଆକାଉଣ୍ଟ ସହିତ ଲିଙ୍କ୍ ହୋଇଥିବା ଦରକାର ଏବଂ ବ୍ୟାଙ୍କର କେଓ୍ୱାଇସି, ଆପଣଙ୍କ ନିଯୁକ୍ତିଦାତାଙ୍କ ଦ୍ୱାରା ଅପଡେଟ୍ ଏବଂ ଯାଞ୍ଚ କରାଯିବା ଆବଶ୍ୟକ। ୟୁପିଆଇ ବ୍ୟବହାର କରି ପିଏଫ୍ ଟଙ୍କା ଉଠାଇବାକୁ ହେଲେ, ପ୍ରଥମେ ଇପିଏଫଓ ପୋର୍ଟାଲ କିମ୍ବା ଉମଙ୍ଗ ଆପକୁ ସ୍ମାର୍ଟଫୋନରେ ଖୋଲନ୍ତୁ। ଏହା ପରେ ୟୁପିଆଇ ପିନ୍ ଦେବା ପରେ ଇପିଏଫଓ ଆକାଉଣ୍ଟରୁ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସିଯିବ। ଏହାପରେ ୟୁପିଆଇ ସପୋର୍ଟ କରୁଥିବା ଯେକୌଣସି ଏଟିଏମରୁ ଆପଣ ଟଙ୍କା ଉଠାଇପାରିବେ।




### ଉଠାଇପାରିବେ ୭୫% ପିଏଫ୍ ଟଙ୍କା

ଖାଲି ସେତିକି ନୁହେଁ, ନୂଆ ନିୟମ ଅନୁସାରେ ଯଦି ଆପଣ ଚାକିରି ହରାଉଛନ୍ତି, ତା ହେଲେ ସଙ୍ଗେ ସଙ୍ଗେ ଆପଣ ନିଜ ପିଏଫ୍ ୭୫ ପ୍ରତିଶତ ପର୍ଯ୍ୟନ୍ତ ଫଣ୍ଡ ଉଠାଇପାରିବେ। ବଳକା ୨୫ ପ୍ରତିଶତ ଆଗାମୀ ମାସରେ ଉଠାଇପାରିବେ।



## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଐତିହ୍ୟ

- ୧୭୭୪- ଭାରତରେ ଡାକସେବା ଆରମ୍ଭ।
- ୧୮୮୯- ଫ୍ରାନ୍ସରେ ଏଫିଲ୍ ଟାୱାରକୁ ବିଧିବଦ୍ଧ ଭାବେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲି ଦିଆଗଲା।
- ୧୯୬୪- ବମ୍ବେରେ ଇଲେକ୍ଟ୍ରିକ୍ ଟ୍ରାମ୍ ଶେଷ ଥର ପାଇଁ ଚାଲିଲା।
- ୧୯୬୬- ସୋଭିଏତ୍ ରୁଷ୍ ପ୍ରଥମ ଚନ୍ଦ୍ରଯାନ ଲୁନା-୧୦ ଲଞ୍ଚ୍ କଲା।
- ୧୯୮୩- କଲମ୍ବିଆରେ ଭୂମିକମ୍ପ ଯୋଗୁଁ ପାଖାପାଖି ୫୦୦୦ ଲୋକଙ୍କ ମୃତ୍ୟୁ।

# ବନ୍ଦ ହୋଇନି କାର୍ତ୍ତିକ୍‌ଙ୍କ 'କ୍ୟାପ୍ଟେନ୍ ଇଣ୍ଡିଆ'



ବଲିଉଡ୍‌ର ଲୋକପ୍ରିୟ ଅଭିନେତା କାର୍ତ୍ତିକ୍ ଆର୍ୟ୍ୟନ୍ ଶେଷ ଥର ପାଇଁ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଫିଲ୍ମରେ ନଜର ଆସିଥିଲେ। ହେଲେ ଏହା ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ଏବେ କାର୍ତ୍ତିକ୍ ପାଞ୍ଚ ବର୍ଷ ତଳେ ଘୋଷଣା କରାଯାଇଥିବା ଫିଲ୍ମ 'କ୍ୟାପ୍ଟେନ୍ ଇଣ୍ଡିଆ' ପାଇଁ ଜୋରସୋରରେ ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି। ଏହି ଫିଲ୍ମଟିକୁ ବନ୍ଦ କରି ଦିଆଗଲା ବୋଲି ଅନେକ ଦିନରୁ ଖବର ଆସୁଥିଲା। ହେଲେ ଏବେ ଏହି ଫିଲ୍ମଟି ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି। ବିମାନ ଉପରେ ଆଧାରିତ ଏହି ଫିଲ୍ମର ସୁଟିଂ ଆସନ୍ତା ମେ-ଜୁଲାଇ ମଧ୍ୟରେ ଆରମ୍ଭ ହେବ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ 'ଚକ୍ ଦେ ଇଣ୍ଡିଆ' ଫେମ୍ ସିମିତ ଅମିନ୍ ଅଛନ୍ତି। କାର୍ତ୍ତିକ୍ ଏବେ ଟି-ସିରିଜ୍‌ର ଏକ ଫିଲ୍ମର ସୁଟିଂ କରୁଛନ୍ତି। ସେହି ଫିଲ୍ମର ସୁଟିଂ ପରେ କାର୍ତ୍ତିକ୍ ଏହି ଫିଲ୍ମର ସୁଟିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ୨୦୨୧ ମସିହାରେ 'କ୍ୟାପ୍ଟେନ୍ ଇଣ୍ଡିଆ' ରୁ କାର୍ତ୍ତିକ୍‌ଙ୍କ ପ୍ରଥମ ଝଲକ୍ ଜାରି କରାଯାଇଥିଲା। ସେତେବେଳେ କାର୍ତ୍ତିକ୍‌ଙ୍କ ଲୁକ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା।

# ଅଫିସ୍‌ରେ ଗୋଲ୍‌ଡ ଫିସ୍ ରଖୁଥିଲେ...



ଅନେକ ଲୋକ ଅଫିସ୍ ଡେସ୍କରେ ଠାକୁରଙ୍କ ମୂର୍ତ୍ତି, ଚୀନ୍ ବାଉଁଶ ଗଛ, ଗୋଲ୍‌ଡ ଫିସ୍ ଆଦି ରଖିଥାନ୍ତି। କର୍ମଚାପରୁ ଏହା ମନକୁ ଶାନ୍ତି ଏବଂ ଆନନ୍ଦ ଦେଇଥାଏ ବୋଲି କୁହାଯାଏ। ଅଫିସ୍ ଡେସ୍କରେ ଗୋଲଡ୍‌ଫିସ୍ ରଖିବା ଅନେକଙ୍କୁ ଆନନ୍ଦ ଦେଉଥିଲେ ବି ଏହା ମାଛ ପାଇଁ କ୍ଷତିକାରକ ହୋଇଥାଏ ବୋଲି ନିକଟରେ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଗୋଲ୍‌ଡଫିସ୍ ପାଇଁ କମ୍ ମେଣ୍ଟେନାସ୍ ଅର୍ଥାତ୍ ସାମାନ୍ୟ ଦେଖାଶୁଣା ଆବଶ୍ୟକ ବୋଲି ଅନେକ ଭାବନ୍ତି। ବାସ୍ତବରେ ଏହା ସମ୍ପୂର୍ଣ୍ଣ ବିପରୀତ। ଡିସିସି ଆନିମଲ ହସ୍‌ପିଟାଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ନିର୍ଦ୍ଦେଶକ ଡକ୍ଟର ବିନୋଦ ଶର୍ମା ଏହାକୁ ନେଇ ଚେତାବନୀ ଦେଇଛନ୍ତି। ତାଙ୍କ କହିବାନୁଯାୟୀ, ଗୋଲ୍‌ଡଫିସ୍‌କୁ ଛୋଟ ପାତ୍ର କିମ୍ବା ଛୋଟ ଟ୍ୟାଙ୍କରେ ରଖିବା କ୍ରୁରତା ସଙ୍ଗେ ସମାନ। ଠିକ୍‌ଭାବେ ଦେଖାଶୁଣା କରିବା ଦ୍ୱାରା ଏହି ମାଛ ୧୦/୨୦ ବର୍ଷ ଜୀବିତ ରହିପାରେ। ଏହି ମାଛ ପାଣିକୁ ଗୋଳିଆ କରିପକାଏ ଅପରପକ୍ଷେ ସେମାନଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ନିୟନ୍ତ୍ରିତ ବାତାବରଣର ଆବଶ୍ୟକତା ଥାଏ। ଅଫିସ୍ ଭଳି ସ୍ଥାନରେ ଏହାକୁ ରଖିବା ଖୁବ୍ ସମସ୍ୟାପୂର୍ଣ୍ଣ ହୋଇପାରେ। ଅଫିସ୍‌ରେ ଏପରି ଅନେକ ବିପଦ ରହିଛି ଯାହା ମାଛ ପାଇଁ ଘାତକ ହୋଇପାରେ। ସପ୍ତାହନ୍ତ ତଥା ଛୁଟିଦିନରେ ମାଛ ଦେଖାଶୁଣାରେ ଅଭାବ, ଅଚାନକ ତାପମାତ୍ରାରେ ପରିବର୍ତ୍ତନ, ଶବ୍ଦ, କମ୍ପନ ସମେତ ଅଚାନକ ବିଦ୍ୟୁତକାଟ୍ ଆଦି କାରଣ ପାଇଁ ମାଛ ଅବସାଦ ଗ୍ରସ୍ତ ହୋଇଥାଏ। ଫଳରେ ଏହାର ଆୟୁଷ କମିଯାଏ। ତେଣୁ ମାଛକୁ ଛୋଟ ପାତ୍ରରେ ରଖିବା କ୍ରୁରତା ସହ ସମାନ। କେବଳ ସେତିକି ନୁହେଁ, ଛୋଟ ବାଉଲ୍ କିମ୍ବା ଟ୍ୟାଙ୍କ୍‌ରେ ଆମୋନିଆ ମାତ୍ରା ବୃଦ୍ଧି ପାଇଥାଏ। ଫଳରେ ଅମ୍ଳଜାନ କମିଯାଏ ଏବଂ ପାଣିର ତାପମାତ୍ରାରେ ନିୟନ୍ତ୍ରଣ ନ ଥାଏ। ସେହିପରି ସ୍ଥାନ କମ୍ ଥିବାରୁ ମାଛ ମଧ୍ୟ ସୁରକ୍ଷିତ ଭାବେ ପହଁରି ପାରେନି। ଫଳରେ ମାଛ କମ୍ ସମୟ ମଧ୍ୟରେ ମରିଯାଏ। ଫ୍ୟାନ୍‌ସି ଗୋଲ୍‌ଡଫିସ୍ ପାଇଁ ୨୦ ଗ୍ୟାଲନର ଟ୍ୟାଙ୍କ ଆବଶ୍ୟକ ଥାଏ। ଏହାବାଦ୍ ୨ରୁ ୩ ଦିନ ମଧ୍ୟରେ ଏହାର ୫୦% ପାଣି ବଦଳାଇବାର ଆବଶ୍ୟକତା ରହିଛି। ତେଣୁ ଅଫିସ୍ ଡେସ୍କ ଏହ ପାଇଁ ଉପଯୁକ୍ତ ସ୍ଥାନ ହୋଇ ନଥାଏ।

# ଝଡୁଛି ଜେନ୍ ଜେଡ୍‌ଙ୍କ କେଶ



ବର୍ତ୍ତମାନ ଜେନ୍ ଜେଡ୍ କେଶ ଝଡ଼ିବା ସମସ୍ୟାକୁ ସାମ୍ନା କରୁଛନ୍ତି ବୋଲି ନିକଟରେ ଏକ ରିପୋର୍ଟରୁ ପ୍ରକାଶ ପାଇଛି। ପୂର୍ବରୁ ଏହି ସମସ୍ୟା ୪୦-୫୦ ବର୍ଷ ବୟସ୍କଙ୍କଠାରେ ଦେଖିବାକୁ ମିଳୁଥିଲା। ଏବେ ଏହା କଲେଜ ପଢୁଥିବା ଯୁବପିଢ଼ିଙ୍କୁ ସମସ୍ୟାରେ ପକାଇଛି। ତେବେ କମ୍ ବୟସରେ କେଶ ଝଡ଼ିବା ପଛରେ ଜେନେଟିକ୍ ଅପେକ୍ଷା ଅଧିକ ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଜଡ଼ିତ ଅଛି। ଜେନ୍ ଜେଡ୍‌ଙ୍କ କେଶ ଝଡ଼ିବାର ସବୁଠୁ ବଡ଼ କାରଣ ହେଉଛି ଚାପ ଓ ଡିଜିଟାଲ ଜୀବନଶୈଳୀ। ଆଜିର ଯୁବପିଢ଼ି ଲଗାତାର ସ୍କ୍ରିନ୍ ସହିତ ଯୋଡ଼ି ହୋଇ ରହୁଛନ୍ତି। ଏହାଦ୍ୱାରା ସେମାନଙ୍କର ନିଦ୍ରା ପ୍ରଭାବିତ ହେଉଛି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ନ ଶୋଇବା ତଥା ନିଦ ପୂରା ନ ହେବା ଦ୍ୱାରା ଶରୀରରେ କୋର୍ଟିସୋଲ ଭଳି ଷ୍ଟ୍ରେସ୍ ହରମୋନ୍‌ର ସ୍ତର ବଢୁଛି। ଏହା କେଶ ଫଲିକଲ୍ସକୁ ଦୁର୍ବଳ କରି ଦେଉଛି। ଏଥିଯୋଗୁଁ କେଶ ସମୟ ପୂର୍ବରୁ ହିଁ ଝଡ଼ିବା ଆରମ୍ଭ କରୁଛି। ଏହାର ଦ୍ୱିତୀୟ ସବୁଠୁ ବଡ଼ କାରଣ ହେଉଛି, ଖାଦ୍ୟପାନୀୟରେ ପୋଷକ ତତ୍ତ୍ୱର ଅଭାବ। ଆଜିକାଲିର ଯୁବପିଢ଼ି ଘର ଖାଦ୍ୟ ଖାଇବା ପରିବର୍ତ୍ତେ ଫାଷ୍ଟଫୁଡ୍, କେଫିନ୍, ଚିନି ଯୁକ୍ତ ପାନୀୟ ଉପରେ ଅଧିକ ନିର୍ଭରଶୀଳ। ସେହିପରି ମଜଭୁତ କେଶ ପାଇଁ ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ଡି'ର ଆବଶ୍ୟକତା ଥାଏ। ଏହାବାଦ୍ କେଶରେ ଅଧିକ ରସାୟନ ବ୍ୟବହାର କରିବା, ଜେଲ ତଥା ହିଟିଂ ଟୁଲ୍ ବ୍ୟବହାର କଲେ ବି କେଶ ମୂଳ ଦୁର୍ବଳ ହୋଇଥାଏ। ବିଶେଷଜ୍ଞଙ୍କ କହିବା କଥା, ଠିକ୍ ସମୟରୁ ଏହି ଅଭ୍ୟାସରେ ସୁଧାର ଆଣିଲେ ଏହି ସମସ୍ୟାକୁ ଅନେକାଂଶରେ କମ୍ କରାଯାଇପାରିବ। ଏ ଲାଗି ଚାପ କମ୍ କରିବା, ୭-୮ ଘଣ୍ଟା ଶୋଇବା, ଡାଏଟ୍‌ରେ ସବୁଜ ପନିପରିବା, ଫଳ ଏବଂ ପ୍ରୋଟିନ ସାମିଲ କରିବା ଉଚିତ। ଏହାସହ ପ୍ରଦୂଷଣରୁ ଦୂରତା ରକ୍ଷା କରିବା ସହିତ କେଶ ସଫା ରଖିବା ଜରୁରି। ତେବେ ଅଧିକ କେଶ ଝଡୁଥିଲେ ତ୍ୱଚା ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ।

# ପୋଦିନା ଚାଷରୁ ସ୍ୱାବଲମ୍ବୀ





**ପୋଦିନାରେ ଅନେକ ଔଷଧୀୟ ଗୁଣ ରହିଛି। ଏହାକୁ ବିଭିନ୍ନ ପ୍ରକାର ଖାଦ୍ୟ ଓ ପାନୀୟରେ ବ୍ୟବହାର କରାଯାଇଥାଏ। ତେଣୁ ଅଧିକାଂଶ ଲୋକ ବାଡ଼ିରେ କିମ୍ବା ଛାତକୁଣ୍ଡରେ ପୋଦିନା ଲଗାଇଥାନ୍ତି। ହେଲେ ମହାରାଷ୍ଟ୍ର, ଅମ୍ବାଜୋଗାଇ ସହରର ବାଲାସାହେବ ଚୋପଣେ ପୋଦିନାକୁ ବ୍ୟବସାୟିକ ଭିତ୍ତିରେ ଚାଷ କରି ଉଦାହରଣ ସୃଷ୍ଟି କରିଛନ୍ତି।**

ପୋଦିନା ପତ୍ର ଖାଇବା ଦ୍ୱାରା ହଜମଶକ୍ତି ବୃଦ୍ଧି ହେବା ସହ ଓଜନ ନିୟନ୍ତ୍ରଣରେ ରହିଥାଏ। ପୋଦିନାରେ ଅନେକ ଉପକାର ଗୁଣ ରହିଛି। ବଜାରରେ ପୋଦିନାର ଚାହିଦା ମଧ୍ୟ ଅଧିକ। ତେଣୁ ବାଲାସାହେବ ଜୈବିକ ଉପାୟରେ ପୋଦିନା ଚାଷ କରିବାକୁ ମନ ବଳାଇଥିଲେ।

ତାଙ୍କ ପାଖେ ମୋଟ୍ ୨୦ ଗୁଣ୍ଠ ଜମି ରହିଛି। ୨୦୨୦ମସିହାରେ ସେ ମାତ୍ର ୪ଗୁଣ୍ଠ ତଥା ୪,୦୦୦ବର୍ଗ ଫୁଟ ଜମିରେ ପୋଦିନା ଚାଷ ଆରମ୍ଭ କରିଥିଲେ। ଏହି ଚାଷରେ ସେ ରାସାୟନିକ ସାର କିମ୍ବା ଖତ ଉପଯୋଗ କରନ୍ତିନି। ଗଛର ଦେଖାଶୁଣା ସହିତ ନିୟମିତ ପାଣି ଦିଅନ୍ତି। ଚାଷ କାମରେ ତାଙ୍କ ଝିଅ ତାଙ୍କୁ ସହଯୋଗ କରନ୍ତି। ତେବେ ଜୈବିକ ପ୍ରଣାଳୀରେ ଚାଷ ଯୋଗୁଁ ପୋଦିନାର ସ୍ୱାଦ ଏବଂ ସୁଗନ୍ଧ ବହୁତ ଭଲ ଥିଲା। ବାଲାସାହେବ ସାପ୍ତାହିକ ବଜାରରେ ପୋଦିନାକୁ ବିକ୍ରି କରନ୍ତି। ଏଥିରୁ ମାସକୁ ତାଙ୍କର ଦଶ ହଜାରରୁ ଅଧିକ ଟଙ୍କା ରୋଜଗାର ହୁଏ। ବାଲାସାହେବ କୁହନ୍ତି, ବର୍ଷ ସାରା ପୋଦିନାର ଚାହିଦା ଥାଏ। ଚା', ବିରିୟାନୀ, ଗୁପଚୁପ୍, ଚଟଣୀ, ଜୁସ୍, ବର୍ଗର ଆଦି ବ୍ୟଞ୍ଜନ ସହ ଲୋକେ ଏହାକୁ ଅଧିକ ବ୍ୟବହାର କରନ୍ତି। ତେଣୁ ସେ କମ୍ ଖର୍ଚ୍ଚରେ ଉନ୍ନତ ପ୍ରଣାଳୀରେ ଏହି ଚାଷ କରିଥିଲେ। କରୋନା ସମୟରେ ସେ ପୋଦିନା ଚାଷର ମହତ୍ତ୍ୱ ବୁଝି ଜୈବିକ ଉପାୟରେ ଏହି ଚାଷ କରିଥିଲେ। ମଙ୍ଗଳବାର ଏବଂ ଶୁକ୍ରବାର ସ୍ଥାନୀୟ ଅଞ୍ଚଳରେ ଲାଗୁଥିବା ମେଳାରେ ସେ ପୋଦିନାକୁ ବିକ୍ରି କରିଥାନ୍ତି। କେବଳ ସେତିକି ନୁହେଁ, ବଳକା ଜମିରେ ସେ ସପେଟା, ପିଜୁଳି, ଆମ୍ବ ଏବଂ ଫୁଲ ଗଛ ଆଦି ଲଗାଇଛନ୍ତି। ଏହି ଚାଷରୁ ଲାଭ ପାଇବା ସହିତ ଅନ୍ୟଚାଷୀଙ୍କୁ ଜୈବିକ ଚାଷ କରିବାକୁ ବାଲାସାହେବ ବାର୍ତ୍ତା ପ୍ରଦାନ କରୁଛନ୍ତି।




# ଆମ୍ବ ଗଛରୁ ଫଳ ଝଡୁଥିଲେ ...



ଆମ୍ବ ଚାଷ ପାଇଁ ମାର୍ଚ୍ଚ-ଏପ୍ରିଲ ମାସ ବହୁତ ଗୁରୁତ୍ୱ ବହନ କରେ। ଏହି ସମୟରେ ଅଧିକାଂଶ ଗଛରୁ ଫଳ ଝଡ଼ି ଥାଏ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଇମିଡାକ୍ଲୋପ୍ରିଡ ୬ମିଲିକୁ ୧୫ ଲିଟର ପାଣିରେ ମିଶାଇ ସିଞ୍ଚି ପାରିବେ। ଶୁଖିଲା ପାଗ ଦେଖି ପ୍ଲାନୋଫିକ୍ସ ୨ ମିଲିକୁ ୪ରୁ ୫ଲିଟର ପାଣିରେ ମିଶାଇ ସିଞ୍ଚନ ଆବଶ୍ୟକ। ଗଛର ଦେଖାରଖା ସହିତ ସଫା କରିବା ଜରୁରି। ବର୍ତ୍ତମାନ ପାଗରେ ଆମ୍ବଡାହାଣୀ ପୋକ ବଂଶ ବିସ୍ତାର କରେ। ପ୍ରାଥମିକ ଅବସ୍ଥାରେ ନିୟନ୍ତ୍ରଣ ପାଇଁ ଆଜାଡିରକ୍ଟିନ ୦.୦୩%କୁ ଏକ ଲିଟର ପାଣିରେ ୫ ମିଲିଗ୍ରାମ ହିସାବରେ ମିଶ୍ରଣ କରି ସିଞ୍ଚନ କରିବା ଆବଶ୍ୟକ। ଯଦି ପେଣ୍ଡାପିଛା ୪ରୁ ଅଧିକ ଡାହାଣୀ ପୋକ ଦେଖା ଯାଆନ୍ତି ନିୟନ୍ତ୍ରଣ ପାଇଁ ଡ୍ରମ୍ ପିଛା ୧୫ ଲିଟର ପାଣିରେ ୪ ମିଲିଗ୍ରାମ ଇମିଡାକ୍ଲୋପ୍ରିଡ ୧୭.୮% ଏସଏଲ କିମ୍ବା ୩ ଗ୍ରାମ୍ ଥିଆମିଥୋକ୍ସାମ ୨୫%ଡବ୍ଲୁ ଜି କିମ୍ବା ୧୦ ମିଲି ଡାଇମିଥୋଏଟ ୩୦% ଇସିକୁ ମିଶ୍ରଣ କରି ସିଞ୍ଚନ କରନ୍ତୁ। ସେହିପରି ଫଳକୁ ନିୟନ୍ତ୍ରଣ କରିବା ନିମନ୍ତେ ଫ୍ରୁଟ ଫ୍ଲାଏ ଟ୍ରାପ୍ ମଧ୍ୟ ବ୍ୟବହାର କରିପାରିବେ।

## କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷାର ସମ୍ଭାବନା ଥିବାରୁ ଧାନ ଜମିରେ ହୁଡ଼ା ବାନ୍ଧି ଅତ୍ୟଧିକ ବର୍ଷା ପାଣିକୁ ସଂରକ୍ଷଣ କରି ରଖନ୍ତୁ। ଅମଳ ଉପଯୋଗୀ ପନିପରିବାକୁ ଅମଳ କରି ନିଅନ୍ତୁ।
- ପୋଟଳ ଗଛ ବର୍ତ୍ତମାନ ଫୁଲ ଏବଂ ଫଳ ବହନ କରୁଥିବା ଅବସ୍ଥାରେ ଥିବାରୁ ବର୍ତ୍ତମାନ ଘାସ ବାଛନ୍ତୁନି।
- ବାଇଗଣ ଫସଲରେ କାଣ୍ଡ ଓ ଫଳ ବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପିଛା ୮ଟି ଫେରୋମୋନ୍ ଟ୍ରାପ୍ (ଆକର୍ଷକ ଯନ୍ତା) କିମ୍ବା ୱାଟା ଟ୍ରାପ୍ ଜମିରେ ଲଗାନ୍ତୁ।
- ବର୍ଷା ପରେ କଖାରୁଜାତୀୟ ପରିବା ଫସଲରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାରବେଣ୍ଡାଜିମ୍ ଓ ମାଙ୍କୋଜେବର ମିଳିତ ଫିମ୍ପିନାଶକ ମିଶାଇ ସିଞ୍ଚନ କରନ୍ତୁ।
- ଆଗକୁ ବିଜୁଳି ଓ ଘଡ଼ଘଡ଼ିର ସମ୍ଭାବନା ଥିବାରୁ ଗାଈଗୋରୁଙ୍କୁ ନଦୀ, ପୋଖରୀ ଓ କୃଷି ଯନ୍ତ୍ରପାତିଠାରୁ ଦୂରେଇ ରଖନ୍ତୁ।

# ଏ ମାସର ଚାଷ

**ଭାରତୀୟ କୃଷି କାର୍ଯ୍ୟ ପାଇଁ ଏପ୍ରିଲ ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏ ମାସରେ ଚାଷୀଭାଇ ଅମଳ ହୋଇଥିବା ପନିପରିବାକୁ ସାଇତି ରଖିବା ସହ ଅଦିନିଆ ବର୍ଷାକୁ ଉପଯୋଗ କରି ଖରାଟିଆ ଚାଷ କରିପାରିବେ।**



ଡାଲୁଅ ଧାନର କେଣ୍ଡାରେ ଶତକଡ଼ା ୮୫ ଭାଗ ପାଚି ହଳଦିଆ ପଡ଼ିଯାଇଥିଲେ ଜମିରୁ କାଟି ଆଣି ଅମଳ କରନ୍ତୁ। ମୁଗ ଓ ବିରିଜାତୀୟ ଫସଲର ଫୁଲ ଆସିବା ଅବସ୍ଥାରେ ନିଶ୍ଚୟ ଜଳସେଚନ କରନ୍ତୁ।

ସଅଳ ଲଗାଯାଇଥିବା ଚିନାବାଦାମ ଫସଲ ଅମଳ ଅବସ୍ଥାକୁ ଆସିଥିଲେ ହାଲୁକା ଜଳସେଚନ କରି ଅମଳ କରନ୍ତୁ। ନଳିତା ଲଗାଇବା ପାଇଁ ଜମି ପ୍ରସ୍ତୁତ କରନ୍ତୁ ଏବଂ ଲଗାଇବା ଶେଷ କରନ୍ତୁ। ଭେଣ୍ଡି, ଲାଉ, କାକୁଡ଼ି, କଲରା, କାଙ୍କଡ଼, ମକା ଲଗାଇବା ପାଇଁ ଭଲ ସମୟ। ଏଥିପାଇଁ ଉନ୍ନତ କିସମ ବିହନ ବ୍ୟବହାର କରନ୍ତୁ। ଜମିର ସ୍ଥିତି ଦେଖି ଫସଲରେ ଜଳସିଞ୍ଚନ କରିବା ଆବଶ୍ୟକ। ଅଦା ଓ ହଳଦୀ ଲଗାଇବା ପାଇଁ ଜମି ପ୍ରସ୍ତୁତ କରନ୍ତୁ ଏବଂ ଲଗାଇବା ଆରମ୍ଭ କରନ୍ତୁ। ଶସ୍ୟଜାତୀୟ ଫସଲ, ପନିପରିବା ଫସଲ ପାଇଁ ବିହନ, ସାର, କୀଟନାଶକ ଯୋଗାଡ କରନ୍ତୁ। ଫଳ ଗଛ ପାଇଁ ଗାତ ଖୋଳନ୍ତୁ।

# ସୌର ଆଲୋକ ଯନ୍ତା

ଫସଲରେ ଲାଗୁଥିବା କୀଟ ଓ ରୋଗପୋକ ଫସଲକୁ କ୍ଷତି ପହଞ୍ଚାଇଥାଏ। ଏହା ଦ୍ୱାରା ଉତ୍ପାଦନରେ ହ୍ରାସ ପାଏ। ତେଣୁ ଚାଷୀମାନେ ଫସଲର କୀଟ ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ରାସାୟନିକ ଔଷଧ କିମ୍ବା ଆଲୋକଯନ୍ତା ବ୍ୟବହାର କରନ୍ତି। ତେବେ ବିଭିନ୍ନ ପ୍ରକାର ଆଲୋକ ଯନ୍ତା ମଧ୍ୟରୁ ସୌର ଆଲୋକ ଯନ୍ତା ଚାହିଦା ଅଧିକ। କାରଣ ଚାଷୀମାନେ ଦିନସାରା ସୌର ପ୍ୟାନେଲକୁ ସୂର୍ଯ୍ୟକିରଣରେ ଚାର୍ଜ କରି ସନ୍ଧ୍ୟାରେ ଜମିରେ ଏହାକୁ ବସାଇ ପାରିବେ। ସ୍ୱୟଂଚାଳିତ ଚାର୍ଜ ରୂପେ ବ୍ୟବହାର କରାଯାଉଥିବାରୁ ଏଥିରେ ସେନ୍‌ସର ଏବଂ ଜାଲି ସଂଯୋଗ କରାଯାଏ। ସନ୍ଧ୍ୟା ସମୟରେ ଆଲୋକ ଆଡ଼କୁ କୀଟମାନେ ଆକର୍ଷିତ ହୋଇ ଆସନ୍ତି।



ନିକଟରେ ଝାରଖଣ୍ଡ, ହଜାରୀବାଗ ଜିଲ୍ଲା, ଚନାରୋ ଗାଁର ମହିଳା ଚାଷୀ ସୁମିତ୍ରା ଦେବୀ ଚାଷଜମିରେ ୩ ହଜାର ଟଙ୍କା ଖର୍ଚ୍ଚ କରି ସୌର ଆଲୋକ ଯନ୍ତା ବ୍ୟବହାର କରିଥିଲେ। ସେ କୁହନ୍ତି, ଫସଲରେ ରୋଗ ପୋକ ଲାଗିବା ସାଧାରଣ କଥା। ଏଥିପାଇଁ ଜମିରେ ବାରମ୍ବାର ଔଷଧ ସିଞ୍ଚନ କରିବାକୁ ପଡେ। ଏହାଦ୍ୱାରା ଚାଷୀଙ୍କ ଖର୍ଚ୍ଚ ବଢ଼ିଯାଏ। ଏହା ପରିବେଶକୁ ମଧ୍ୟ କ୍ଷତି ପହଞ୍ଚାଏ। ତେଣୁ ଏହି ସ୍ଥିତିରେ ସୌର ଆଲୋକଯନ୍ତା ବ୍ୟବହାର କରିପାରିବେ। ଏହା ପରିବେଶ ଅନୁକୂଳ। ସାଧାରଣତଃ ଅଧିକ କୀଟ ରାତିରେ ସକ୍ରିୟ ରହିଥାଏ। ତେଣୁ ଚାଷୀ ଏହି ଉପକରଣକୁ ଚାର୍ଜ କରି ରାତିରେ ଜମିରେ ଲଗାଇ ପାରିବେ। ଏଥିରୁ ଆସୁଥିବା ନୀଳ ଓ ହଳଦିଆ ରଶ୍ମୀ କୀଟକୁ ଆକୃଷ୍ଟ କରନ୍ତି। ଲାଇଟ୍ ତଳେ ଯନ୍ତାରେ କୀଟ ପଡ଼ି ନଷ୍ଟ ହୋଇଯାଇଥାନ୍ତି। ତେଣୁ ଏକ ଏକର ଜମିରେ ଦୁଇଟି ସୌର ଆଲୋକ ଯନ୍ତା ବସାଇ ପାରିବେ।

**ବର୍ଗର, ଆର୍ଚର ଓ ଜାଡେଜାଙ୍କ ଚମତ୍କାର ବୋଲିଂ ■ ୧୫ ବଲ୍‌ରେ ସୂର୍ଯ୍ୟବଂଶୀଙ୍କ ଅର୍ଦ୍ଧଶତକ**

# ରାଜସ୍ଥାନଠାରୁ ୮ ୱିକେଟରେ ହାରିଲା ଚେନ୍ନଇ

ଗୌହାଟୀ,୩୦।୩(ଏଜେନ୍ସି)

ଫାଷ୍ଟ ବୋଲର ନାନ୍ଦ୍ରେ ବର୍ଗର (ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି), ଜୋଫ୍ରା ଆର୍ଚର ଓ ସ୍ପିନର ରବୀନ୍ଦ୍ର ଜାଡେଜାଙ୍କ ଚମତ୍କାର ବୋଲିଂ ଓ ୧୫ ବଲ୍‌ରେ ୧୫ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଆଇପିଏଲ୍-୨୦୨୬ର ତୃତୀୟ ଲିଗ୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୮ ୱିକେଟରେ ବିପକ୍ଷ ଚେନ୍ନଇ ସୁପର କିଙ୍ଗ୍‌ସ (ସିଏସ୍‌କେ)କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସିଏସ୍‌କେ ୧୯.୪ ଓଭରରେ ମାତ୍ର ୧୨୭ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଜବାବରେ ରାଜସ୍ଥାନ ୧୨.୧ ଓଭରରେ ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସୂର୍ଯ୍ୟବଂଶୀ ପାୱାର ପ୍ଲେ ବା ପ୍ରଥମ ୬ ଓଭରରେ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ମୋଟ ୧୭ ବଲ୍ ଖେଳି ୪ ଚୌକା ଓ ୫ ଛକା ସହ ୫୨ ରନ୍‌ରେ ଆଉଟ ହୋଇଥିଲେ। ୧୫ବଲ୍‌ରେ ଅର୍ଦ୍ଧଶତକ ହାସଲ କରିବା ତାଙ୍କ ଲାଗି ଦ୍ରୁତତମ। ରାଜସ୍ଥାନ ଇନିଂସର ପ୍ରଥମ ଓଭରରେ ସୂର୍ଯ୍ୟବଂଶୀ ଖାତା ଖୋଲି ନ ଥିଲାବେଳେ କାର୍ତ୍ତିକ ଶର୍ମା ତାଙ୍କ କ୍ୟାଚ୍ ଡ୍ରପ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟବଂଶୀଙ୍କ ଓପନିଂ ପାର୍ଟନର ଯଶସ୍ୱୀ ଜୟସ୍ୱାଲ ୩୮ (୩୬ବଲ୍, ୩ଚୌକା, ୧ଛକା) ଓ ଅଧିନାୟକ ରିୟାନ ପରାଗ ୧୪ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଧ୍ରୁବ ଜୁରେଲଙ୍କ ବ୍ୟାଟରୁ ୧୮ ରନ୍ ମିଳିଥିଲା। ସିଏସ୍‌କେ ପକ୍ଷରୁ ଅଂଶୁଲ କାମ୍ବୋଜ ୨ଟି ଯାକ ୱିକେଟ ପାଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ସିଏସ୍‌କେ ପକ୍ଷରୁ ମାତ୍ର ୩ଜଣ ଖେଳାଳି ଡବଲ ଫିଗର ଛୁଇଁଥିଲେ। ସେମାନଙ୍କ ମଧ୍ୟରୁ ଇଂଲଣ୍ଡ ଅଲରାଉଣ୍ଡର ଜାମି ଓଭରଟନ୍ ସର୍ବାଧିକ ୪୩ ରନ୍ କରି ଶେଷ ଓଭରରେ ରନ୍‌ଆଉଟ ହୋଇଥିଲେ। ଉଦୀୟମାନ ତଥା ଅନ୍‌କ୍ୟାପଡ୍ କୋଟିପତି ଖେଳାଳି କାର୍ତ୍ତିକ ଶର୍ମା ୧୮ ଓ ସର୍ଫରାଜ ଖାନ୍ ୧୭ ରନ୍ କରି ଦୁଇ ଅଙ୍କରେ ପହଞ୍ଚିବାକୁ ସମର୍ଥ ହୋଇଥିଲା। ତାରକା ମଧ୍ୟରେ ସଞ୍ଜୁ ସାମସନ, ଅଧିନାୟକ ଋତୁରାଜ ଗାଏକ୍‌ୱାଡ୍ ଓ ଶିବମ ଦୁବେ ୬ ରନ୍ ଲେଖାଏଁ ସଂଗ୍ରହ କରିବା ଫଳରେ ଚେନ୍ନଇ ବିପର୍ଯ୍ୟୟରୁ ରକ୍ଷା ପାଇ ପାରି ନ ଥିଲା। ୮୨ ରନ୍‌ରେ ୮ମ ଓ ୯୪ ରନ୍‌ରେ ୯ମ ୱିକେଟ ହରାଥିଲେ ମଧ୍ୟ ଓଭରଟନଙ୍କ ଲଢୁଆ ବ୍ୟାଟିଂ ଯୋଗୁ ସିଏସ୍‌କେ ୧୦୦ ରନ୍ ଅତିକ୍ରମ କରିବାକୁ ସମର୍ଥ ହୋଇଥିଲା। ସେ ୩୬ ବଲ୍ ଖେଳି ୨ଟି ଲେଖାଏଁ ଚୌକା ଓ ଛକା ସହ ୪୩ ରନ୍ କରିଥିଲେ। ରାଜସ୍ଥାନ ପକ୍ଷରୁ ବର୍ଗର, ଆର୍ଚର ଓ ଜାଡେଜା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ବିଶେଷକରି ବର୍ଗର ଓ ଆର୍ଚର ପ୍ରଥମ ୩ଟି ୱିକେଟ ନେବା ଫଳରେ ସିଏସ୍‌କେର ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏଥିରୁ ଶେଷ ପର୍ଯ୍ୟନ୍ତ ଦଳ ଉଦ୍ଧାର ପାଇ ନ ଥିଲା।





**ସଂକ୍ଷିପ୍ତ ସ୍କୋର**

ଚେନ୍ନଇ ସୁପର କିଙ୍ଗ୍‌ସ: ୧୨୭/୧୦, ୧୯.୪ ଓଭର (ଓଭରଟନ-୪୩, କାର୍ତ୍ତିକ-୧୮, ସର୍ଫରାଜ- ୧୭ ଜାଡେଜା-୨/୧୮, ଆର୍ଚର-୨/୧୯, ବର୍ଗର-୨/୨୬)।
ରାଜସ୍ଥାନ ରୟାଲ୍ସ: ୧୨୮/୨, ୧୨.୧ ଓଭର (ସୂର୍ଯ୍ୟବଂଶୀ-୫୨,ଜୟସ୍ୱାଲ-୩୮*, କାମ୍ବୋଜ-୨/୨୭)।



**ଆଜିର ଆଇପିଏଲ୍ ମ୍ୟାଚ୍**
ପଞ୍ଜାବ ବନାମ ଗୁଜରାଟ
ଭେନ୍ୟୁ-ମୁଲାନପୁର
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ୨୧୪ ମ୍ୟାଚ୍ ପରେ ରାଜସ୍ଥାନକୁ ଫେରିଲେ ରବୀନ୍ଦ୍ର ଜାଡେଜା

ଭେଟେରାନ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ତାଙ୍କର ପୂର୍ବ ଆଇପିଏଲ୍ ଦଳ ରାଜସ୍ଥାନ ରୟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ସୋମବାର ସିଏସକେ ବିପକ୍ଷ ମ୍ୟାଚ୍ ଖେଳି ଜାଡେଜା ରାଜସ୍ଥାନ ଦଳକୁ ଫେରିଥିଲେ। ଏଥିପୂର୍ବରୁ ଜାଡେଜା ରାଜସ୍ଥାନ ପାଇଁ ତାଙ୍କର ଶେଷ ମ୍ୟାଚ୍ ୨୦୦୯ରେ ଖେଳିଥିଲେ। ଏହାପରେ ସେ ସିଏସକେ ପକ୍ଷରୁ ଖେଳିଆସୁଥିଲେ। ଏବେ ୨୧୪ଟି ମ୍ୟାଚ୍‌ର ବ୍ୟବଧାନ ପରେ ସେ ପୁଣିଥରେ ରାଜସ୍ଥାନ ଦଳକୁ ଫେରିଛନ୍ତି। ଆଇପିଏଲ୍‌ରେ ଗୋଟିଏ ଟିମ୍ ପକ୍ଷରୁ ଦୁଇଟି ମ୍ୟାଚ୍ ଖେଳିବା ମଧ୍ୟରେ ସର୍ବାଧିକ ବ୍ୟବଧାନ ଭୁବନେଶ୍ୱର କୁମାରଙ୍କ ନାମରେ ରହିଛି। ଭୁବନେଶ୍ୱର ବେଙ୍ଗାଲୁରୁ ପାଇଁ ଦୁଇଟି ମ୍ୟାଚ୍ ଖେଳିବା ଲାଗି ବ୍ୟବଧାନ ୨୩୮ଟି ମ୍ୟାଚ୍ ରହିଥିଲା। ଭୁବନେଶ୍ୱର ୨୦୦୯ରେ ବେଙ୍ଗାଲୁରୁ ପାଇଁ ଶେଷ ମ୍ୟାଚ୍ ଖେଳିଥିଲେ। ଏହାପରେ ୨୦୨୫ରେ ପୁଣିଥରେ ବେଙ୍ଗାଲୁରୁ ପକ୍ଷରୁ ଖେଳିଥିଲେ। ଉଲ୍ଲେଖଯୋଗ୍ୟ, ଗତ ଆଇପିଏଲ୍ ନିଲାମୀ ପୂର୍ବରୁ ଖେଳାଳି ଅଦଳବଦଳ ଡିଲ୍‌ରେ ଜାଡେଜା ପୁଣିଥରେ ରାଜସ୍ଥାନ ଦଳକୁ ଫେରିଥିଲେ। ସେହିଭଳି ରାଜସ୍ଥାନର ସଞ୍ଜୁ ସାମସନ ସିଏସକେରେ ଯୋଗଦେଇଥିଲେ।

## ପିଏସ୍‌ଏଲ୍‌ରେ ବଲ୍ ଟାମ୍ପରିଂ କରି ଧରାପଡ଼ିଲେ ଫକର୍ ଜମାନ

କରାଚି,୩୦।୩(ଏଜେନ୍ସି): ନକରାତ୍ମକ କାର୍ଯ୍ୟ କରି ସର୍ବଦା ଚର୍ଚ୍ଚାରେ ରହିଆସୁଥିବା ପାକିସ୍ତାନୀ କ୍ରିକେଟରଙ୍କ ଆଉ ଏକ ଖରାପ କାମ ଧରାପଡ଼ିଛି। ଏଠାରେ ଚାଲିଥିବା ପାକିସ୍ତାନ ସୁପର ଲିଗ୍‌ରେ ବଲ ଟାମ୍ପରିଂ କରି ଲାହୋର କ୍ୱାଲାଣ୍ଡର୍ସର ସିନିୟର ଖେଳାଳି ଫକର ଜମାନ ଧରାପଡ଼ିଛନ୍ତି। ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କିନ୍ତୁ ଅମ୍ପାୟାର ଏହା ଜାଣିବା ପରେ ଜମାନଙ୍କ ଚେତବାନୀ ଦେବା ସହ ବଲ ପରିବର୍ତ୍ତନ କରିଥିଲେ। ଏହି ଘଟଣାକୁ ନେଇ ପୁଣିଥରେ ପାକିସ୍ତାନ କ୍ରିକେଟର ନିନ୍ଦିତ ହୋଇଛନ୍ତି। ଘଟଣାରୁ ଜଣାଯାଇଛି ରବିବାର କରାଚି କିଙ୍ଗ୍‌ସ ବିପକ୍ଷ ପିଏସ୍‌ଏଲ୍ ମ୍ୟାଚ୍‌ରେ ଲାହୋର ପକ୍ଷରୁ ଖେଳୁଥିବା ଫକର ଜମାନ ଶେଷ ଓଭରରେ ବଲରୁ ଆକୃତି ଖରାପ କରିବାକୁ ପଡ଼ିଆ ମଝିରେ ଚେଷ୍ଟା କରିଥିଲେ। ତାଙ୍କ ନିକଟରେ ଲାହୋର ଅଧିନାୟକ ସାହିନ ଶାହ ଆଫ୍ରିଦୀ ଓ ହାରିସ୍ ରୌଫ୍ ଉପସ୍ଥିତ ଥିଲେ। ଏହା ପରେ ଶେଷ ଓଭର ବୋଲିଂ କରିବାକୁ ଯାଉଥିବା ରୌଫଙ୍କୁ ସେ ବଲ ଦେଇଥିଲେ। ଏହି ଘଟଣା ଅମ୍ପାୟାର ଫୈଜଲ ଆଫ୍ରିଦୀଙ୍କ ନଜରରେ ପଡ଼ିଲା। ସେ ଓ ଅନ୍ୟ ଫିଲ୍ଡ ଅମ୍ପାୟାର ବାଂଲାଦେଶର ସର୍ଫୁଦ୍ଦୌଲା ବଲ ପରୀକ୍ଷା କରିବାକୁ ଯାଇଥିଲେ। ବଲ୍‌କୁ ଦେଖିବା ପରେ ଏହା ଟାମ୍ପରିଂ ହୋଇଥିବା ଜାଣିବାକୁ ପାଇଥିଲେ। ଏହା ପରେ ସେମାନେ ବଲ୍‌କୁ ବଦଳାଇ ଖେଳ ଜାରି ରଖିଥିଲେ ଓ ମ୍ୟାଚ୍ ରେଫରିଙ୍କୁ ରିପୋର୍ଟ କରିଥିଲେ। ମ୍ୟାଚ୍ ରେଫରି ରଞ୍ଜନ ମଦୁଗଲେଙ୍କ ଅଧ୍ୟକ୍ଷତାରେ ଶୁଣାଣି ହୋଇଥିଲେ ମଧ୍ୟ କିଛି ନିଷ୍ପତ୍ତି ନିଆଯାଇନାହିଁ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଶୁଣାଣି କରାଯିବ। ଏଥିରେ ଯଦି କେହି ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ଆଇସିସିର ଲେଭେଲ-୩ ଅପରାଧ ଅନୁଯାୟୀ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯିବ।

## ବାଂଲାଦେଶରେ ଆଇପିଏଲ୍ ପ୍ରସାରଣ ବନ୍ଦ

ନୂଆଦିଲ୍ଲୀ, ୩୦।୩ (ଏଜେନ୍ସି): ବାଂଲାଦେଶରେ ଚଳିତ ଆଇପିଏଲ୍‌ର ଟିଭି ପ୍ରସାରଣ ହେବନାହିଁ। ବାଂଲାଦେଶରେ ଟିସ୍ପୋର୍ଟସ ଚ୍ୟାନେଲ ଆଇପିଏଲ୍ ମ୍ୟାଚ୍‌ର ପ୍ରସାରଣ କରିବାର ଥିଲା। ହେଲେ ବକେୟା ଅର୍ଥ ଦେଇ ନଥିବାରୁ ଟିସ୍ପୋର୍ଟସ ସହ ଆଇପିଏଲ୍‌ର ପ୍ରସାରଣ ଅଧିକାର ପାଇଥିବା ଜିଓହଟ୍‌ଷ୍ଟାର୍ ଚୁକ୍ତି ବାତିଲ କରିଦେଇଛି। ଫଳରେ ଚଳିତବର୍ଷ ବାଂଲାଦେଶରେ ଆଇପିଏଲ୍‌ର ପ୍ରସାରଣ କରିବାକୁ କୌଣସି ଚ୍ୟାନେଲ ନାହାନ୍ତି। ବାଂଲାଦେଶର ମୁସ୍ତାଫିଜୁର ରହେମାନଙ୍କୁ ଆଇପିଏଲରୁ ବାଦ୍‌ଦେବା ପରେ ଉଭୟ ଦେଶଙ୍କ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା। ପରେ ଟି-୨୦ ବିଶ୍ୱକପ୍ ଖେଳିବାକୁ ଭାରତ ନ ଆସିବା ଜିଦ୍‌ରେ ବାଂଲାଦେଶ ବିଶ୍ୱକପ୍‌ରୁ ଓହରି ଯାଇଥିଲା। ପରେ ବାଂଲାଦେଶରେ ଆଇପିଏଲ୍‌ର ପ୍ରସାରଣ ହେବ ନାହିଁ ବୋଲି ସେଠାକାର ସରକାର ଘୋଷଣା କରିଥିଲେ।

**ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା**

## ମହିଳା ହକି ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର, ୩୦।୯ (ସମିସ): ଛତିଶଗଡ଼ର ରାୟପୁରରେ ଚାଲିଥିବା ପ୍ରଥମ ଜନଜାତି କ୍ରୀଡ଼ାରେ ଓଡ଼ିଶାର ମହିଳା ହକି ଦଳ ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ୮-୦ ଗୋଲ୍‌ରେ ମଧ୍ୟପ୍ରଦେଶକୁ ହରାଇଥିଲା। ଫାଇନାଲରେ ଓଡ଼ିଶାର ମୁକାବିଲା ମିଜୋରାମ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ମିଜୋରାମ ୩-୨ ଗୋଲ୍‌ରେ ଅନ୍ୟତମ ଶକ୍ତିଶାଳୀ ଦଳ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୨୩ ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହିଛି। ଯେଉଁଥିରେ ୯ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧୦ କାଂସ୍ୟ ପଦକ ରହିଛି। ୧୭ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୫ କାଂସ୍ୟ ସହ କର୍ଣ୍ଣାଟକ ତାଲିକାର ଶୀର୍ଷ ସ୍ଥାନ ହାସଲ କରିଛି।

## ଇଣ୍ଟର ସ୍କୁଲ୍ କୁଡୋ: କଟକ ଚାମ୍ପିଅନ



କଟକ, ୩୦।୩ (ସମିସ) : କଟକର ନରଣପୁରଠାରେ ଶେଷ ହୋଇଥିବା ରାଜ୍ୟସ୍ତରୀୟ ଇଣ୍ଟର ସ୍କୁଲ କୁଡ଼ୋ ପ୍ରତିଯୋଗିତାରେ କଟକ ଚାମ୍ପିଅନ୍ ହୋଇଛି। କଟକ ଜିଲ୍ଲା ୫୫ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୨୩ଟି କାଂସ୍ୟ ସହ ମୋଟ୍ ୧୦୫ଟି ପଦକ ଜିତିଥିଲା। ସେହିଭଳି ଖୋର୍ଦ୍ଧା ମୋଟ୍ ୩୫ଟି ପଦକ ପାଇ ରନର୍ସଅପ୍ ହୋଇଥିଲେ। ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସରସ୍ୱତୀ ଗ୍ରୁପ୍ ଅଫ ଇନ୍‌ଷ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ୍ ଡଃ ଦେବଦତ୍ତ ସ୍ୱାଇଁ, କୁଡ଼ୋ ଆସୋସିଏସନ୍ ଅଫ୍ ଓଡ଼ିଶା ସଭାପତି ଶିବାଶିଷ କର ଏବଂ ସମ୍ପାଦକ ଓ ମୁଖ୍ୟ ପ୍ରଶିକ୍ଷକ ସିହାନ୍ ନିତାଇ ଶଙ୍କର ଗୁଇଁ ଯୋଗଦେଇ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଲକି ଡ୍ର ମାଧ୍ୟମରେ ଶୁଭଲକ୍ଷ୍ମୀ ଆଚାର୍ଯ୍ୟ ଓ ସାୟାନ୍ ବଲ୍‌ଙ୍କୁ ଉପହାର ସ୍ୱରୂପ ସାଇକଲ ପ୍ରଦାନ କରାଯାଇଥିଲା।

## ଜାତୀୟ ମହିଳା ହକି ଶିବିରରେ ଓଡ଼ିଶାରୁ ମାଧୁରୀ ଓ ସୁନେଲିତା

ନୂଆଦିଲ୍ଲୀ,୩୦।୩(ଏଜେନ୍ସି): ମହିଳା ସିନିୟର ହକି ଦଳର ଜାତୀୟ ଶିବିର ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଏପ୍ରିଲ ୯ରେ ଶେଷ ହେବ। ଏହି ଶିବିର ଲାଗି ହକି ଇଣ୍ଡିଆ ପକ୍ଷରୁ ଏକ ୩୧ ଜଣିଆ ଖେଳାଳି ତାଲିକା ପ୍ରକାଶ କରାଯାଇଛି। ଯେଉଁ ତାଲିକାରେ ଦୁଇ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲରକ୍ଷକ ମାଧୁରୀ କିଣ୍ଡୋ ଓ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ। ହାଇଦରାବାଦ୍‌ରେ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ହୋଇଥିବା ଭାରତୀୟ ମହିଳା ହକି ଦଳ ଅଗଷ୍ଟରେ ହେବାକୁ ଥିବା ମହିଳା ବିଶ୍ୱକପ୍ ହକି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହା ପୂର୍ବରୁ ଜୁନ୍ ମାସରେ ନେସନ୍ସ କପ୍ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖଯାଏ ଏସିଆନ୍ ଗେମ୍ସ ଖେଳିବ ଭାରତ। ଏହି ସବୁ ଟୁର୍ଣ୍ଣାମେଣ୍ଟ ଭାରତ ଲାଗି ବେଶ ଗୁରୁତ୍ୱ ରଖୁଛି। ଏଣୁ ଆସନ୍ତାକାଲିଠାରୁ ହେବାକୁ ଥିବା ଶିବିରରେ ଖେଳାଳିଙ୍କ ଫିଟ୍‌ନେସ୍ ସ୍ତରରେ ଉନ୍ନତି, ଟାକ୍ଟିକାଲ ଶୈଳୀ ଓ ଟିମ୍ କମ୍ବିନେସନ ଉପରେ ଗୁରୁତ୍ୱ ଦିଆଯିବ। ନୂଆ ହେଡ୍ କୋଚ୍ ଜୋଏର୍ଡ ମାରିନ୍‌ଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହେବ।

**ମିଆମି ଓପନ ଟେନିସ**

## ସନ୍‌ସାଇନ୍ ଡବଲ ଜିତିଲେ ସିନ୍ନର



ମିଆମି,୩୦।୩(ଏଜେନ୍ସି): ବିଶ୍ୱର ନଂ-୨ ଖେଳାଳି ଇଟାଲୀର ଜାନିକ୍ ସିନ୍ନର ଏଠାରେ ରବିବାର ଅନୁଷ୍ଠିତ ମିଆମି ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଏକକ ଚାମ୍ପିଅନ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ଫାଇନାଲ ମ୍ୟାଚ୍‌ରେ ସିନ୍ନର ୬-୪, ୬-୪ ସିଧାସଳଖ ସେଟ୍‌ରେ ଚେକ୍ ରିପବ୍ଲିକ୍‌ର ଜିରି ଲେହେକାଙ୍କୁ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହା ପୂର୍ବରୁ ସେ ଇଣ୍ଡିଆନ୍ ୱେଲ୍ସରେ ଟାଇଟଲ ଜିତିଥିଲେ। ଏହା ଫଳରେ ୨୦୧୭ରେ ରୋଜର ଫେଡେରରଙ୍କ ପରେ ସେ ବିଶ୍ୱର ପ୍ରଥମ ଖେଳାଳି ଭାବେ ସନ୍‌ସାଇନ୍ ଡବଲ କୁହାଯାଉଥିବା ଏହି ଦୁଇଟି ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। କାଲିଫର୍ଣ୍ଣିଆ ଓ ଫ୍ଲୋରିଡାରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବାରୁ ଏହାକୁ ସନ୍‌ସାଇନ୍ ଡବଲ କୁହାଯାଇଥାଏ। ତାଙ୍କ ପୂର୍ବରୁ ପୁରୁଷ ଏକକରେ ନୋଭାକ ଜୋକୋଭିଚ୍, ଆନ୍ଦ୍ରେ ଆଗାସି, ମାର୍ସେଲୋ ରିଓସ, ପିଟ୍ ସାମ୍ପ୍ରାସ, ମାଇକେଲ ଚାଙ୍ଗ ଓ ଜିମ୍ କୋରିୟର ଉଭୟ କାଲିଫର୍ଣ୍ଣିଆ ଓ ଫ୍ଲୋରିଡ଼ାରେ ଲାଗ୍ ଲାଗ୍ ଟାଇଟଲ ଜିତି ନ ଥିଲେ। ମହିଳା ବିଭାଗରେ ୫ଜଣ ଖେଳାଳି ଯଥା ୨୦୨୨ରେ ଇଗା ସ୍ୱିଆଟେକ୍, ୨୦୨୬ରେ ଭିକ୍ଟୋରିଆ ଆଜରେଙ୍କା, ୨୦୦୫ରେ କିମ୍ କ୍ଲାଇଷ୍ଟର୍ସ, ୧୯୯୪ ଓ ୧୯୯୬ରେ ଷ୍ଟେଫି ଗ୍ରାଫ୍ ଓ ଚଳିତବର୍ଷ ବେଲାରୁଷର ଆରିନା ସାବାଲେଙ୍କା ସନ୍‌ସାଇନ୍ ଡବଲ ଜିତିବାରେ ସମର୍ଥ ହୋଇଥିଲେ।

## ସାଉଥ୍ ଅଷ୍ଟ୍ରେଲିଆକୁ କ୍ରମାଗତ ଶେଫିଲ୍ଡ ଶିଲ୍ଡ ଟ୍ରଫି

ମେଲବୋର୍ଣ୍ଣ, ୩୦।୯ (ଏଜେନ୍ସି): ଶେଫିଲ୍ଡ ଶିଲ୍ଡ ଟ୍ରଫିର ୧୩୩ ବର୍ଷ ଇତିହାସରେ ସାଉଥ୍ ଅଷ୍ଟ୍ରେଲିଆ ପ୍ରଥମଥର ଲାଗି କ୍ରମାଗତ ଟାଇଟଲ୍ ଜିତିବାର ବିରଳ ସୌଭାଗ୍ୟ ଲାଭ କରିଛି। ଅଷ୍ଟ୍ରେଲିଆର ଏହି ଆନ୍ତଃରାଜ୍ୟ ପ୍ରଥମ ଶ୍ରେଣୀ କ୍ରିକେଟ୍‌ର ଫାଇନାଲରେ ସାଉଥ୍ ଅଷ୍ଟ୍ରେଲିଆ ୫୬ ରନରେ ଭିକ୍ଟୋରିଆ ଦଳକୁ ପରାସ୍ତ କରିଥିଲା। ୧୯୬ ରନର ଛୋଟିଆ ଟାର୍ଗେଟ୍‌କୁ ପିଛା କରିଥିବା ଭିକ୍ଟୋରିଆ ଦଳ ଅନ୍ତିମ ତଥା ୫ମ ଦିବସରେ ୧୩୯ ରନ କରି ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା। ନାଥନ ମ୍ୟାକ୍‌ଆଣ୍ଡ୍ରିଉ ମ୍ୟାଚରେ ମୋଟ୍ ୬ଟି ୱିକେଟ୍ ନେଇ ଭିକ୍ଟୋରିଆକୁ ୩୩ଥର ଲାଗି ଟାଇଟଲ୍ ଜିତିବାରୁ ବଞ୍ଚିତ କରାଇଥିଲେ। ମ୍ୟାକ୍‌ଆଣ୍ଡ୍ରିଉ ଫାଇନାଲର ଏବଂ ଲିଆମ୍ ସ୍କଟ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ଶୀତଲ୍ ବିଶ୍ୱର ଶ୍ରେଷ୍ଠ ପାରା ତୀରନ୍ଦାଜ



ନୂଆଦିଲ୍ଲୀ, ୩୦।୩(ଏଜେନ୍ସି): ବିଶ୍ୱ ତୀରନ୍ଦାଜୀ ମହାସଂଘ ବା ୱର୍ଲଡ ଆର୍ଚେରୀ ଭାରତର ଶୀତଳ ଦେବୀଙ୍କୁ ୨୦୨୫ ବର୍ଷ ଲାଗି ବିଶ୍ୱର ଶ୍ରେଷ୍ଠ ପାରା ତୀରନ୍ଦାଜ ଭବେ ମନୋନୀତ କରିଛନ୍ତି। ଜମ୍ମୁ-କଶ୍ମୀରର ଏହି ୧୯ ବର୍ଷ ବୟସ୍କା ଶୀତଳ ଦେବୀ ପ୍ରଥମ ଦୁଇ ହାତ ନଥିବା ମହିଳା ତୀରନ୍ଦାଜ ଭାବେ ବିଶ୍ୱ ପାରା ତୀରନ୍ଦାଜୀ ଚମ୍ପିଆନ୍‌ସିପରେ ସ୍ୱର୍ଣ୍ଣପଦକ ଜିତିଥିଲେ। ଗତବର୍ଷ ଦକ୍ଷିଣ କୋରିଆର ଗ୍ୱାଙ୍ଗ୍‌ଜୁରେ ଆୟୋଜିତ ଏହି ଚମ୍ପିଆନ୍‌ସିପରେ ଶୀତଳ ସ୍ୱର୍ଣ୍ଣପଦକ ଜିତି ଇତିହାସ ରଚିଥିଲେ। ପରେ ଶୀତଳା ବିଶ୍ୱ ଚମ୍ପିଆନ୍‌ସିପ୍‌ରେ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲେ। ଏହା ଛଡ଼ା ଶୀତଳ ପ୍ୟାରିସ୍ ପାରାଲିମ୍ପିକ୍‌ସରେ ଦଳଗତ କାଂସ୍ୟ ମଧ୍ୟ ଜିତିଥିଲେ। ଏପରି କୃତିତ୍ୱ ପାଇଁ ଶୀତଳ ଅର୍ଜୁନ ପୁରସ୍କାର ପାଇଛନ୍ତି। ବିନା ଦୁଇ ହାତରେ ଜନ୍ମ ନେଇଥିବା ଶୀତଳ ଦେବୀ ପିଲାଦିନୁ ତାଙ୍କ ପାଦ, ଗୋଡ଼ ଓ କାନ୍ଧର ବ୍ୟବହାର କରି ତୀରଚାଳନା କରି ଦେଶ ପାଇଁ ଏକାଧିକ ପଦକ ଜିତିଛନ୍ତି।

**ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ**

## କ୍ୱାର୍ଟରରେ ପାରାମାଉଣ୍ଟ, ଓସ୍କାର





ଭୁବନେଶ୍ୱର,୩୦।୩(ସମିସ): ଭୁବନେଶ୍ୱରର ପାରାମାଉଣ୍ଟ ଓ ଓସ୍କାର ସ୍ପୋର୍ଟିଂ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୧୭ ବର୍ଷରୁ କମ୍ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଖେଳାଯାଇଥିବା ପ୍ରଥମ ତଥା ଟୁର୍ଣ୍ଣାମେଣ୍ଟର ପଞ୍ଚମ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ପାରାମାଉଣ୍ଟ ସ୍ପୋର୍ଟିଂ ୭ ୱିକେଟରେ ଶେଖର ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ବିଜୟୀ ପାରାମାଉଣ୍ଟ ପକ୍ଷରୁ ୪୯ ବଲ୍‌ରେ ୬୦ ରନ୍ କରିଥିବା କ୍ରିଷ୍ଣା ସାସ୍ମଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ଏହି ମ୍ୟାଚରେ ବିଜୟୀ ଦଳର ସ୍ୱାଗତ ମିଶ୍ର ୪୦ ଓ ପରାଜିତ ଦଳର ଆୟାନ ନାୟକ ୬୨ ରନ୍ କରିଥିଲେ। ଆଜିର ଦ୍ୱିତୀୟ ତଥା ଟୁର୍ଣ୍ଣାମେଣ୍ଟର ୬ଷ୍ଠ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଓସ୍କାର ସ୍ପୋର୍ଟିଂ ୭ ୱିକେଟରେ ସହିଦ୍ ସ୍ପୋର୍ଟିଂକୁ ହରାଇଥିଲା। ଏହି ମ୍ୟାଚ୍‌ରେ ୪୦ ରନ୍ କରିଥିବା ଓସ୍କାରର ଲୋକେଶ କୁମାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କିନ୍ତୁ ଦଳର ବୋଲର ଆର୍ଯ୍ୟବୀର ଲେଙ୍କା ଓ ସୋୟମ ଦାଶ ୩ଟି ଲେଖାଏଁ ୱିକେଟ ନେଇ ଦଳର ବିଜୟ ସହଜ କରିଦେଇଥିଲେ। ଆଜିର ପ୍ରଥମ ମ୍ୟାଚ୍‌ରେ ପ୍ରବୋଧ ଦାସ ଓ ବ୍ରହ୍ମାନନ୍ଦ ପଣ୍ଡା, ଦ୍ୱିତୀୟ ମ୍ୟାଚ୍‌ରେ ଚାମ୍ପିଅନ କ୍ରିକେଟର ରଶ୍ମିରଞ୍ଜନ ପରିଡ଼ା ଓ ପ୍ରଶାନ୍ତ କୁମାର ସାହୁ ଅତିଥିଭାବେ ଯୋଗଦେଇଥିଲେ।

**■ ସେଣ୍ଟ୍ରାଲ ଏସିଆ ବରିଷ୍ଠ ହ୍ୟାଣ୍ଡବଲ୍**

## ଭାରତୀୟ ଦଳରେ ସ୍ୱସ୍ତିକ; ଗୌରୀ ପ୍ରଶିକ୍ଷକ



ଭୁବନେଶ୍ୱର, ୩୦।୯ (ସମିସ): ଉଜବେକିସ୍ତାନର ସମରକନ୍ଦଠାରେ ଚଳିତ ମାସ ୩୧ରୁ ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ସେଣ୍ଟ୍ରାଲ ଏସିଆ ହ୍ୟାଣ୍ଡବଲ୍ ପ୍ରତିଯୋଗିତାର ୫ମ ସଂସ୍କରଣ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ସ୍ୱସ୍ତିକ ମହାପ୍ରସାଦ ପତି ସ୍ଥାନ ପାଇଛନ୍ତି। ସେହିଭଳି ଓଡ଼ିଶାର ଗୌରୀ ଶଙ୍କର ମିଶ୍ରଙ୍କୁ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ସ୍ୱସ୍ତିକ ଏଥିପୂର୍ବରୁ ଗତ ସେପ୍ଟମ୍ବରରେ ଅନୁଷ୍ଠିତ ପ୍ରଥମ ଏସିଆନ ଯୁବ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ଏହି ଅବସରରେ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଓ ଭୁବନେଶ୍ୱର ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଉଭୟ ସ୍ୱସ୍ତିକ ଓ ଗୌରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଆଇଏସ୍ ଅନ୍ତର୍ଜାତୀୟ ଓପନ୍ ଚେସ୍**

## ଓଡ଼ିଶାର ଲଳିତ ଚାମ୍ପିଅନ, ସାତ୍ତ୍ୱିକ ତୃତୀୟ




ଭୁବନେଶ୍ୱର,୩୦।୩(ସମିସ)

ଓଡ଼ିଶାର ଲଳିତରଞ୍ଜନ ସାହୁ ପଞ୍ଚମ ଆଇଏସ୍ ଅନ୍ତର୍ଜାତୀୟ ଓପନ ଫିଡେ ରେଟେଡ ଚେସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କଟକର ଜେଏନ ଇଣ୍ଡୋର ଷ୍ଟାଡିୟମ୍‌ରେ ରବିବାର ଶେଷ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ୯ମ ରାଉଣ୍ଡ ଶେଷରେ ଚତୁର୍ଥ ସିଡ୍ କଟକର ଲଳିତ ରଞ୍ଜନ ୮ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହା ଫଳରେ ସେ ଟ୍ରଫି ସହ ନଗଦ ୨୦,୦୦୦ ଟଙ୍କାର ପୁରସ୍କାର ହାସଲ କରିଛନ୍ତି। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ପ୍ରଥମ ୨୦ଜଣଙ୍କ ମଧ୍ୟରେ ୧୧ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲ କ୍ୟାଣ୍ଡିଡେଟ୍ସ ମାଷ୍ଟର ତଥା ଉଦୀୟମାନ ଖେଳାଳି ସାତ୍ତ୍ୱିକ ସ୍ୱାଇଁ (୭.୫ ପଏଣ୍ଟ-ତୃତୀୟ), ଏସ୍‌ପି ଇନ୍ଦ୍ରଜିତ୍ (୭.୫ ପଏଣ୍ଟ-୭ମ), ସିଦ୍ଧାର୍ଥ ମିଶ୍ର (୭ପଏଣ୍ଟ-୯ମ) ପ୍ରଥମ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ସାତ୍ତ୍ୱିକଙ୍କୁ ଟ୍ରଫି ସହ ୧୨,୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓମ୍‌ଆଦିତ୍ୟ ରାଉତ-୧୧ଶ, ପୂର୍ଣ୍ଣ ଖିଲୋ-୧୨ଶ, ରୋହିତ ମଲ୍ଲିକ-୧୪ଶ, ନୟନିକା ସାହୁ ୧୫ତମ, ସାୟାଂଶ ଦାସ ୧୬ତମ, ନାରାୟଣ ସ୍ୱାଇଁ ୧୮ତମ ଓ ରଞ୍ଜନ ମଲିକ ୧୯ତମ ସ୍ଥାନ ଅଧିକାର କରିଥିଲେ। ଅଲ୍‌ଓଡ଼ିଶା ଚେସ ସଂଘ ଓ କଟକର ଆଇଏସ୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ୯ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୨୬ରୁ ୩୦ ତାରିଖଯାଏ ଆୟୋଜିତ ହୋଇଥିଲା। ଏଥିରେ ସମଗ୍ର ଦେଶରୁ ୩୩୪ ଜଣ ଖେଳାଳି ସଫଳତାର ସହ ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରୁ ୮ଜଣ ୧ ପଏଣ୍ଟ, ଜଣେ ୦.୫ ପଏଣ୍ଟ ଓ ୫ଜଣ ପଏଣ୍ଟ ଖାତା ଖୋଲି ପାରି ନ ଥିଲେ। ଚିଫ୍ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ (ଆଇଏ), ଡେପୁଟି ଚିଫ୍ ଆର୍ବିଟର ତାପସ କୁମାର ମହାନ୍ତି (ଆଇଏ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆର୍ବିଟର ଭାବେ ସନ୍ତୋଷ କୁମାର ମହାପାତ୍ର, ସୁରଜ କୁମାର ମହାରଣା ଓ ଦିଳୀପ କୁମାର ରଣା ଟୁର୍ଣ୍ଣାମେଣ୍ଟ ପରିଚାଳନରେ ସହାୟତା କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS